

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୪ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 14 June 2026

Vol.No. 36 ■ No.156 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬

ସାଇ ସାଧନା ସେବାଶ୍ରମ

ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬

Only for ST/SC Students

(Not for Service Holders)

ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

Contact No: 9437294587, 9437443950, 9937557158


# ପଶ୍ଚିମ ଏସିଆରେ କମିବ ସଂଘର୍ଷ: ଶାନ୍ତି ପ୍ରସ୍ତାବ ଉପରେ ଇରାନ-ଆମେରିକାର ସହମତି



ନୂଆଦିଲ୍ଲୀ,୧୩/୬ : ଆଗକୁ ବଢ଼ୁଛି ଇରାନ-ଆମେରିକା ଯୁଦ୍ଧ ଶାନ୍ତି ଚୁକ୍ତି। ଡିଲର ନିକଟତର ହୋଇଥିବା ନେଇ ଏକ୍ସରେ ପୋଷ୍ଟ କଲେ ଇରାନର ବୈଦେଶିକ ମନ୍ତ୍ରୀ। ସେହି ପୋଷ୍ଟକୁ ସୋସିଆଲ ମିଡିଆରେ ସେୟାର କଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଇରାନୀୟ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି, ଆମେରିକା ଏବଂ ଇରାନ ମଧ୍ୟପ୍ରାଚ୍ୟର ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ଚୁକ୍ତି ହୋଇଛି । ଯାହା ଆଗରୁ ଏହି ସ୍ତରକୁ କେବେ ଆସିନଥିଲା । ଏହାର ଚୂଡ଼ାନ୍ତ ରୂପାୟନ ହେବା ପର୍ଯ୍ୟନ୍ତ, ମିଡ଼ିଆ ଏହାର ବିଷୟବସ୍ତୁ ବିଷୟରେ ଅନୁମାନ କରିବାରୁ ବିରତ ରହିବା ଉଚିତ୍ ବୋଲି ଇରାନ୍ କହିଛି । ଆରାଘଚି କହିଛନ୍ତି, ଆମର ଦାୟିତ୍ୱ ଏବଂ ଦୃଷ୍ଟି ଅନୁଯାୟୀ, ସମସ୍ତ ବିବରଣୀ ସଠିକ୍ ସମୟରେ ଜନସାଧାରଣଙ୍କ ସହ ସେୟାର କରାଯିବ । ଆରାଘଚିଙ୍କ ଏଭଳି ପୋଷ୍ଟକୁ ସ୍କ୍ରିନସଟ ନେଇ ଟ୍ରୁଥ୍ ସୋସିଆଲ୍ ମିଡିଆରେ ସେୟାର କରିଛନ୍ତି ଆମେରିକା ରାଷ୍ଟ୍ରପତି। ଏହା ପୂର୍ବରୁ ଇରାନ ମିଡ଼ିଆରେ ହୋଇଥିବା ଚୁକ୍ତି ସର୍ତ୍ତ ଲିକ୍ ସମ୍ପର୍କରେ କଠୋର ସମାଲୋଚନା କରିଥିଲେ ଟ୍ରମ୍ପ । ଭିଓ- ଏପଟେ ଯୁଦ୍ଧ ଓ ହୋର୍ମୁଜ ଜଳମାର୍ଗ ବନ୍ଦ ରହିବା ଯୋଗୁ ବର୍ତ୍ତମାନ ସୁଦ୍ଧା ୫୦୦ରୁ ଅଧିକ ବାଣିଜ୍ୟିକ ଜାହାଜ ଫସି ରହିଛନ୍ତି । ସେଥିରେ ୧୧ ହଜାରରୁ ଅଧିକ ନାବିକ ମଧ୍ୟ ଅଛନ୍ତି। ହୋର୍ମୁଜ କେବେ ଖୋଲିବ ଓ ଜାହାଜ ଚଳାଚଳ ସ୍ୱାଭାବିକ ହେବ ତାକୁ ନେଇ ଜାହାଜ ମାଲିକ, ନାବିକ ଓ ବ୍ୟବସାୟିକ ଗୋଷ୍ଠୀ ନାନା ଆଶଙ୍କା ଭିତରେ ରହିଛନ୍ତି । ଜାହାଜ ଭିତରେ ଫସି ରହିଥିବା ନାବିକଙ୍କ ପାଖରେ ଖାଦ୍ୟ ଓ ପିଇବା ପାଣିର ଅଭାବ ଦେଖାଦେଇଥିଲା ବେଳେ ଯୁଦ୍ଧର ଘନଘଟା ଯୋଗୁ ସେମାନେ ମାନସିକ ଦୁଶ୍ଚିନ୍ତା ଭିତରେ ସମୟ କାଟୁଛନ୍ତି । ଗତ ଫେବ୍ରୁଆରୀ ୨୮ ତାରିଖ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ହୋର୍ମୁଜ ନିକଟରେ ୧୨ରୁ ଅଧିକ ଜାହାଜ ଉପରେ ଆକ୍ରମଣ ହୋଇଛି । ଫଳରେ ଜାହାଜଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ନାବିକମାନେ ମଧ୍ୟ ପ୍ରାଣ ହରାଇଛନ୍ତି । ମଝିରେ ମଝିରେ ଯୁଦ୍ଧବିରତିର ଆଶା ଉଜ୍ଜୀବିତ ହେଉଥିଲେ ମଧ୍ୟ ସୁରକ୍ଷିତ ନୌପରିବହନ ଲାଗି ଯେପର୍ଯ୍ୟନ୍ତ ଭରସା ନ ଦିଆଯାଇଛି ସେପର୍ଯ୍ୟନ୍ତ ସେମାନେ ଜାହାଜ ଚଳାଚଳ କରିବାକୁ ଚାହୁଁ ନଥିବା ଜଣାପଡିଛି । କେବଳ ଅଶୋଧିତ ତୈଳ କିମ୍ବା ଗ୍ୟାସ ନୁହେଁ, ଆହୁରି ଅନେକ ସାମଗ୍ରୀ ଧରି ଆସୁଥିବା ଜାହାଜ ମଧ୍ୟ ସେଠାରେ ଫସିରହିଛି। ଫଳରେ ସେଥିରେ ଥିବା ସାମଗ୍ରୀ ନଷ୍ଟ ହେବାକୁ ବସିଲାଣି। ଆମେରିକା ଓ ଇରାନ ମଧ୍ୟରେ ଯେଉଁ ବୁଝାମଣା ଚାଲିଛି ତାଦ୍ୱାରା ହୋର୍ମୁଜ ସଙ୍କଟର ସ୍ଥାୟୀ ସମାଧାନ ସମ୍ଭବ ହୋଇପାରିବ ନାହିଁ। ଭବିଷ୍ୟତରେ ପୁଣି ଏହି ଜଳମାର୍ଗରେ ନୌପରିବହନ ପ୍ରଭାବିତ ହେବାର ଆଶଙ୍କାକୁ ମଧ୍ୟ ଏଡାଇ ଦେଇ ହେବ ନାହିଁ । ତେଣୁ ଜାହାଜ କମ୍ପାନି ଓ ମାଲିକାମାନେ ହୋର୍ମୁଜ ଜଳମାର୍ଗରେ ସୁରକ୍ଷିତ ପରିବହନ ନିମନ୍ତେ ସ୍ଥାୟୀ ସମାଧାନ ବାଟ ବାହାର କରିବାକୁ ଦାବି ହେଉଛି ।

# ସରପଞ୍ଚ ଚାମେଲିଙ୍କୁ ନେଇ ଉଠୁଛି ପଡୁଛି ରାଜ୍ୟ ରାଜନୀତି: ହସ୍ପିଟାଲରୁ ଜେଲ, ଜେଲରୁ ହସ୍ପିଟାଲ



ଭୁବନେଶ୍ୱର, ୧୩/୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ପୁଣି ଅସୁସ୍ଥ। ସକାଳେ ତାଙ୍କୁ ହସ୍ପିଟାଲରୁ ବାହାର କରି ଜେଲ୍ ପଠାଯାଇଥିଲା। ଜେଲ ଯିବାର କିଛି ଘଣ୍ଟା ଭିତରେ ପୁଣି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ବିରୋଧୀ କଂଗ୍ରେସ ଟିମ୍ ଚାମିଲିଙ୍କୁ ହସ୍ପିଟାଲରେ ଭେଟିବା ସହ ଥାନା ଘେରାଉ କରିଛନ୍ତି। ବିଜେଡି ମଧ୍ୟ ଚାମେଲିଙ୍କ ସମର୍ଥନରେ ବାହାରିଛି। ଚର୍ଚ୍ଚାରେ ଥିବା ତିଖିରୀ ସରପଞ୍ଚ ଚାମେଲି ଓଝାକୁ ନେଇ ଦିନ ତମାମ କେନ୍ଦ୍ରାପଡ଼ାରେ ଲାଗି ରହିଥିଲା ହାଇଡ୍ରାମା। ଚାମେଲି ସୁସ୍ଥ ହୋଇଯାଇଥିବା ଓ ଉତେଜନାକୁ ଆଳ କରି ତାଙ୍କୁ ହସ୍ପିଟାଲରୁ ନେଇଥିଲା ପୁଲିସ୍। ମହାକାଳପଡ଼ା ବିଡିଓଙ୍କୁ ଅଶାଳୀନ ବ୍ୟବହାର କରିବା,

◆◆ପୃଷ୍ଠା ୭

# ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ଓଏଏସ ପୁରୁଷ ବନ୍ଧୁ ଭୀମସେନ ଗିରଫ

ଭୁବନେଶ୍ୱର, ୧୩/୬ (ନି.ପ୍ର): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ତାଙ୍କ ପ୍ରେମିକ ତଥା ଓଏଏସ ଅଫିସର ଭାବେ ନିଯୁକ୍ତି ପାଇବା ପୂର୍ବରୁ ତାଲିମ ନେଉଥିବା ଭୀମସେନ ଟୁଡୁଙ୍କୁ ଗିରଫ କରିଛି ପୁଲିସ। ୮ ଦିନ ଧରି ଫେରାର ହେବା ପରେ ଗତକାଲି ରାତିରେ ତାଙ୍କୁ ଗିରଫ କରିଛି ପୁଲିସ। ପୁଲିସର ପ୍ରାଥମିକ ତଦନ୍ତରୁ ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ସେ ଦାୟୀ ବୋଲି ଜଣାପଡ଼ିଛି। କଟକ ଡିସିପି ଋଷିକେଶ ଖିଲାରୀ ଶନିବାର ଏହି ସୂଚନା ଦେଇଛନ୍ତି। ଡିସିପିଙ୍କ ସୂଚନା ଅନୁଯାୟୀ, ଘଟଣା ଦିନ ଚନ୍ଦ୍ରିକା ଏକ ଓଲା କ୍ୟାବରେ ତ୍ରିଶୁଳିଆ ନିକଟକୁ ଆସିଥିଲେ।

◆◆ପୃଷ୍ଠା ୭

# ଏଲ୍‌ନିନୋର ପ୍ରଭାବକୁ ନେଇ ରାଜସ୍ୱ ମନ୍ତ୍ରୀଙ୍କ ଆଶ୍ୱସ୍ତି: ବିଚଳିତ ହୁଅନ୍ତୁ ନାହିଁ ଚାଷୀ

ଭୁବନେଶ୍ୱର, ୧୩/୬ (ନି.ପ୍ର): ଏଲ୍‌ନିନୋକୁ ନେଇ ବିଚଳିତ ହୁଅନ୍ତୁ ନାହିଁ ଚାଷୀ। ଏଲ୍‌ନିନୋର ପ୍ରଭାବକୁ ନେଇ ପୂର୍ବାନୁମାନ ଅନୁଯାୟୀ ରାଜସ୍ୱ ମନ୍ତ୍ରୀଙ୍କ ଆଶ୍ୱସ୍ତି। କହିଲେ ରାଜ୍ୟରେ ସ୍ୱାଭାବିକ ବର୍ଷା ହେବ। କମ ବର୍ଷା ହେଲେ ପ୍ଲାନ ୨, ୩ ସରକାରଙ୍କର ପ୍ରସ୍ତୁତ ଅଛି । ଆମେ ବିଭିନ୍ନ ବିଭାଗ ସହ ଆଲୋଚନା ଆରମ୍ଭ କରିଛୁ। ସାରା ଦେଶରେ ବୃଷ୍ଟିପାତ କମ ହେବ ବୋଲି ଆକଳନ ହୋଇଛି । ପୂର୍ବାନୁମାନ କହୁଛି ଓଡ଼ିଶାରେ ବେଶି ସମସ୍ୟା ହେବନି। ଆବଶ୍ୟକ ହେଉଥିବା ୧୪୫୨ ସେଣ୍ଟିମିଟର ବର୍ଷାରୁ କମ୍ ହେବ ନାହିଁ। ଯଦି ବି ହେଲା। ସେଥିପାଇଁ କିପରି ଜଳାଶୟ ସଂରକ୍ଷଣ ଏବଂ ଅନ୍ୟାନ୍ୟ ଜଳସେଚନର ପ୍ରକଳ୍ପ ଗୁଡିକୁ ପ୍ରସ୍ତୁତ କରିଯିବ, ସେନେଇ ସବୁ ବିଭାଗ ସହ କଥା ବାର୍ତ୍ତା ସରିଛି। ଚାଷୀ ମାନେ ବିଚଳିତ ହୁଅନ୍ତୁ ନାହିଁ, ସରକାରଙ୍କ ପାଖରେ ପ୍ଲାନ ୨ ଓ ୩ ପ୍ରସ୍ତୁତ ଥିବା କହିଛନ୍ତି ରାଜସ୍ୱ ମନ୍ତ୍ରୀ।

# ବାୟୁ ସେନା ବିମାନ କ୍ରାଶ: ୫ ବୀର ଯବାନଙ୍କୁ ହରାଇଲା ଦେଶ



ନୂଆଦିଲ୍ଲୀ,୧୩/୬ : ଭାରତୀୟ ବାୟୁ ସେନାର ଏଏନ-୩୨ ପରିବହନ ବିମାନ କ୍ରାଶରେ ଦେଶ ୫ ଜଣ ବୀର ଯବାନଙ୍କୁ ହରାଇଛି । ଆଜି ସକାଳେ ଆସାମର ଜୋରହାଟ ଏୟାର ବେସରେ ଏନଏନ-୩୨ ପରିବହନ ବିମାନ ଲ୍ୟାଣ୍ଡିଂ କରିବା ବେଳେ କ୍ରାଶ କରି ଯାଇଥିଲା। କ୍ରାଶ ପରେ ଏଥିରେ ନିଆଁ ଲାଗି ଯାଇଥିଲା। ଏଥିରେ ୫ ଜଣ କର୍ମଚାରୀ ପ୍ରାଣ ହରାଇଥିବା ବେଳେ ବିମାନର ସହ ପାଇଲଟ ବର୍ତ୍ତି ଯାଇଛନ୍ତି। ଏବେ ତାଙ୍କର ଚିକିତ୍ସା ହସ୍ପିଟାଲରେ ଚାଲିଥିବା ବାୟୁ ସେନା ପକ୍ଷରୁ କୁହାଯାଇଛି। ପୂର୍ବରୁ ଦୁର୍ଘଟଣାକୁ ନିଶ୍ଚିତ କରିଥିବା ବାୟୁ ସେନା ଏବେ ସଂଶୋଧିତ

◆◆ପୃଷ୍ଠା ୭

# ଫ୍ରାନ୍ସ, ସ୍ଲୋଭାକିଆ ଗସ୍ତରେ ମୋଦୀ: ଜି-୭ ସମ୍ମିଳନୀରେ ଯୋଗ ଦେବେ



ନୂଆଦିଲ୍ଲୀ,୧୩/୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସପ୍ତାହବ୍ୟାପୀ ଫ୍ରାନ୍ସ ଏବଂ ସ୍ଲୋଭାକିଆ ଗସ୍ତ ଆଜିଠାରୁ ଆରମ୍ଭ ହୋଇଛି। ଏହି ଗସ୍ତ ଅବସରରେ ମୋଦୀ ଜି-୭ ସମ୍ମିଳନୀରେ ଯୋଗ ଦେବେ ଏବଂ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗରେ ବିଶ୍ୱ ନେତାମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଫ୍ରାନ୍ସ ଏବଂ ସ୍ଲୋଭାକିଆ ଗସ୍ତ ପାଇଁ ଆଜି ଦେଶରୁ ଉଡ଼ାଣ କରିବା ସମୟରେ ମୋଦୀ କହିଥିଲେ, ଫ୍ରାନ୍ସ ଭାରତର ରଣନୀତିକ ଦୃଷ୍ଟିକୋଣରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ଚଳିତ ବର୍ଷ ଆରମ୍ଭରେ ରାଷ୍ଟ୍ରପତି ମାକ୍ରନ ଭାରତ ଗସ୍ତ କରିଥିଲେ ଏବଂ ଏକ ସ୍ୱତନ୍ତ୍ର ବୈଶ୍ୱିକ ରଣନୀତିକ ସହଭାଗିତା ଦିଗରେ ଆମେ ଆମ ସମ୍ପର୍କକୁ ଅଧିକୁ ସୁଦୃଢ଼ କରିଛୁ। ରାଷ୍ଟ୍ରପତି ମାକ୍ରନଙ୍କୁ ମୁଁ ନିସରେ ଭେଟିବା ସମୟରେ ଆମେ ଫେବ୍ରୁଆରିରୁ ଆରମ୍ଭ ହୋଇଥିବା ପ୍ରଗତିକୁ ସମୀକ୍ଷା କରିବୁ ଏବଂ ଉଭୟ ରାଷ୍ଟ୍ର ମଧ୍ୟରେ ସହଯୋଗ କ୍ଷେତ୍ରରେ ପରବର୍ତ୍ତୀ ପଦକ୍ଷେପ ସଂକ୍ରାନ୍ତରେ ଆଲୋଚନା କରିବୁ ବୋଲି ମୋଦୀ କହିଛନ୍ତି । ତେବେ ୧୯୯୩ରେ ସ୍ଲୋଭାକିଆକୁ ସ୍ୱାଧୀନତା ମିଳିବାପରେ

◆◆ପୃଷ୍ଠା ୭

# ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍ ଦେଶର ପରବର୍ତ୍ତୀ ସ୍ଥଳ ସେନା ମୁଖ୍ୟ



ନୂଆଦିଲ୍ଲୀ,୧୩/୬ : ଦେଶର ପରବର୍ତ୍ତୀ ସ୍ଥଳ ସେନା ମୁଖ୍ୟ ଭାବେ ନିଯୁକ୍ତି ପାଇଛନ୍ତି ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍। ସରକାର ତାଙ୍କୁ ଦେଶର ସ୍ଥଳ ସେନା ମୁଖ୍ୟ ଭାବେ ନିଯୁକ୍ତ କରିଥିବା ବେଳେ ଆସନ୍ତା ଜୁନ ୩୦ରେ ସେ ଦାୟିତ୍ୱ ଗ୍ରହଣ କରିବେ। ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍ ଏବେ ସ୍ଥଳ ସେନାର ଉପ ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଚଳିତ ବର୍ଷ ଏପ୍ରିଲ ମାସରେ ତାଙ୍କୁ ଏହି ଦାୟିତ୍ୱ ମିଳିଥିଲା। ଏବେ ସ୍ଥଳ ସେନା ମୁଖ୍ୟ ଭାବେ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କାର୍ଯ୍ୟ କରୁଛନ୍ତି। ଜୁନ ୩୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ଏହାପରେ ଲେଫ୍ଟନାଣ୍ଟ ଜେନେରାଲ ସେଠ୍ ସ୍ଥଳ ସେନା ମୁଖ୍ୟ ହେବେ। ପ୍ରତିରକ୍ଷା ମନ୍ତ୍ରଣାଳୟର ଗୋଟିଏ ବିବୃତିରେ କୁହାଯାଇଛି ଯେ "ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଲେଫ୍ଟନାଣ୍ଟ ଜେନେରାଲ୍ ଧୀରଜ ସେଠ୍‌ଙ୍କୁ ୩୦ ଜୁନ୍ ୨୦୨୬ ଠାରୁ ଜେନେରାଲ୍ ପାହ୍ୟା ସହ ଭାରତୀୟ ସେନାର ପରବର୍ତ୍ତୀ ସେନା ପ୍ରମୁଖ ଭାବେ ନିଯୁକ୍ତ କରାଯାଇଛି। ସେ ଜେନାରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କର କାର୍ଯ୍ୟକାଳ ୩୧ ଅଗଷ୍ଟ ୨୦୨୮ ପର୍ଯ୍ୟନ୍ତ ରହିବ।" ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ ପୁଣେର ଖଡକୱାସଲା ସ୍ଥିତ ଜାତୀୟ ପ୍ରତିରକ୍ଷା ଏକାଡେମିର ପୂର୍ବତନ ଛାତ୍ର। ସେ ୧୯୮୬ ମସିହା ଡିସେମ୍ବର ମାସରେ ଭାରତୀୟ ସଶସ୍ତ୍ର ବଳରେ ସାମିଲ ହୋଇଥିଲେ।

◆◆ପୃଷ୍ଠା ୭


15001/67/2627



## ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପ୍ରତୀକ ରଜ ପର୍ବ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଓଡ଼ିଆ ସଂସ୍କୃତିର ଏହି ମହାନ ପର୍ବ ଆମ ମାଟି ମା'ର ମହତ୍ତ୍ୱ, ମାତୃଶକ୍ତିର ସମ୍ମାନ ଏବଂ କୃଷିଭିତ୍ତିକ ସଭ୍ୟତାକୁ ପିଢି ପରେ ପିଢି ସମୃଦ୍ଧ କରିଆସିଛି ।

ଆସନ୍ତୁ, ଆମର ଏହି ଗୌରବମୟ ସଂସ୍କୃତିକୁ ବଜାୟ ରଖି ଘରେ ଘରେ ଆନନ୍ଦ ଉଲ୍ଲାସର ସହ ରଜ ପର୍ବ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0067



B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com

# ଚମ୍ପୁଆ ବ୍ଲକରେ ସରକାରୀ ଅର୍ଥ ହରିଲୁଟ୍ ଅଭିଯୋଗ : ପୋଖରୀ ପୁନଃଉଦ୍ଧାର ନାଁରେ ଚାଲିଛି ବ୍ୟାପକ ଅନିୟମିତତା, ମରଣଯନ୍ତା ପାଲଟିଛି ବନ୍ଧ

ଚମ୍ପୁଆ, ୧୩/୬ (ନି.ପ୍ର): ବିକଶିତ ଗାଁ ଓ ବିକଶିତ ଓଡ଼ିଶାର ନାରା ଭିତରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକରୁ ଆସିଛି ସରକାରୀ ଅର୍ଥ ହରିଲୁଟ୍ ର ଏକ ସଂଗୀନ ଅଭିଯୋଗ। ଚମ୍ପୁଆ ବ୍ଲକ ରଜିଆ ପଂଚାୟତ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମରେ ପୋଖରୀ ନବୀକରଣ ନାଁରେ କୋଟି କୋଟି ଟଙ୍କାର ଅନୁଦାନକୁ ପାଣି ଭଳି ବୁହାଇ ଦିଆଯାଉଥିବା ବେଳେ କାମରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ ରେ ମହେଶ୍ୱରପୁର ଗ୍ରାମର ପୋଖରୀ ନବୀକରଣ ଏବଂ ପୁନଃଉଦ୍ଧାର ପାଇଁ ୫ ଲକ୍ଷ ୫୬ ହଜାର ୮୦୮ ଟଙ୍କା ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟର କାର୍ଯ୍ୟାଦେଶ ଖୋଦ ଚମ୍ପୁଆ ପଂଚାୟତ ସମିତି ନାମରେ ରହିଛି। କିନ୍ତୁ ପୋଖରୀ ନବୀକରଣର କୌଣସି ବାସ୍ତବ ଚିତ୍ର ଭୂମି ସ୍ତରରେ ଦେଖିବାକୁ ମିଳୁନାହିଁ। ନିୟମ ଅନୁସାରେ ପୋଖରୀର ମାଟି ସଠିକ୍ ସାଇଜରେ ଖୋଳାଯିବା କଥା, କିନ୍ତୁ ଏଠାରେ ଜେସିବି ମେସିନ ଲଗାଇ ଏପଟ ସେପଟ ରାମ୍ପି ଦେଇ କାମ ଶେଷ କରିଦିଆଯାଇଛି। ପୋଖରୀ ଭିତରୁ ବାହାରିଥିବା ପଙ୍କ ଓ ମାଟିକୁ ବାହାରକୁ ନପଠାଇ କେବଳ ପୋଖରୀ ଭିତରେ ହିଁ ଖେଳେଇ ଦିଆଯାଇଛି। ଏପରିକି ପୋଖରୀ ହୁଡ଼ାରେ କୌଣସି ନୂଆ ମାଟି ଦିଆଯାଇନାହିଁ କିମ୍ବା ଲୋକଙ୍କ ଗାଧୋଇବା ପାଇଁ କୌଣସି ତୁଠ କିମ୍ବା ପୋଖରୀ ହୁଡ଼ାର ମାଟି ଧୋଇ ନ ଯିବା ପାଇଁ କୌଣସି ଗାଡୁଆଲ୍ ନିର୍ମାଣ କରାଯାଇ ନାହିଁ। ମହେଶ୍ୱରପୁର ଗ୍ରାମବାସୀଙ୍କ ବାହାଘର, ଶୁଦ୍ଧିକ୍ରିୟା ଠାରୁ ଆରମ୍ଭ କରି ସମସ୍ତ ଭଲମନ୍ଦ କାର୍ଯ୍ୟ ପାଇଁ ଏହି ପୋଖରୀଟି ହିଁ ଏକମାତ୍ର ଭରସା। କିନ୍ତୁ, ଏହି ଅଧାପନ୍ତରିଆ ଓ ଦାୟିତ୍ୱହୀନ କାମ ଯୋଗୁଁ ପୋଖରୀଟି ଏବେ ଏକ ମରଣଯନ୍ତାରେ ପରିଣତ ହୋଇଛି। ପଙ୍କ ମାଟି ଗୁଡ଼ିକୁ ସଠିକ୍ ଭାବେ ବାହାର କରାଯାଇ ନଥିବାରୁ, ସାଧାରଣ ବର୍ଷାରେ ଏହି ମାଟି ସବୁ ଧୋଇ ହୋଇ ପୋଖରୀ ଭିତରକୁ ପଶିଯିବ। ଏଭଳି ସ୍ଥିତିରେ ଛୋଟ ପିଲା କିମ୍ବା ବୃଦ୍ଧବୃଦ୍ଧା ପୋଖରୀକୁ ଗଲେ ପଙ୍କରେ ବୁଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। 'ପୂର୍ବରୁ ଯାହା ଥିଲା ଭଲ ଥିଲା, ହେଲେ ଏବେ ପୁନଃଉଦ୍ଧାର ନାଁରେ ପୋଖରୀକୁ ନଷ୍ଟ କରିଦିଆଯାଇଛି' ବୋଲି ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି। କାର୍ଯ୍ୟ ଚାଲିଥିବା ସମୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁନଥିବାରୁ ଏପରି କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। 'ତୋର ଅଧେକୁ ମୋର ଅଧେ' ନୀତି ଆପଣାଇ ବିଭାଗୀୟ ଉଚ୍ଚ ପଦାଧିକାରୀ ଓ ଠିକାଦାର ମିଶି ସରକାରୀ ଟଙ୍କା ଆତ୍ମସାତ କରିବାକୁ ପ୍ରୟାସ କରୁଥିବା ମଧ୍ୟ ଗ୍ରାମବାସୀ ସିଧାସଳଖ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରୁ କ'ଣ ହୋଇଛି ବୁଝିବି ବୋଲି କହିଥିଲେ। ଆଗକୁ ବର୍ଷା ଦିନ ଆସିଲାଣି, ବନ୍ଧରେ ପାଣି ନିଷ୍କାସନ ପାଇଁ କରାଯାଇଥିବା ଘାଇକୁ ମଧ୍ୟ ବନ୍ଦ କରି ଦିଆଯାଇଛି। ବର୍ଷା ହେଲେ ବନ୍ଧରେ ପାଣି ଜମି ଯିବ। ତେଣୁ ଏହି ସମ୍ବେଦନଶୀଳ ଘଟଣା ପ୍ରତି ଜିଲ୍ଲା ପ୍ରଶାସନ ଓ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ତଦନ୍ତ କରିବା ସହ କାର୍ଯ୍ୟର ସଠିକ୍ ରୂପାୟନ କରିବାକୁ ମହେଶ୍ୱରପୁର ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମୁଖୀ କାର୍ଯ୍ୟରେ ଅତିଷ୍ଠ ଅଂଚଳବାସୀ

କେନ୍ଦ୍ରାପଡ଼ା, ୧୩/୬ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ୍ ଅଧିନସ୍ଥ ଘାଗରା ପଂଚାୟତରେ ଥିବା ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀ ଅଭିରାମ ନୋଡାଲ ଉଚ୍ଚ ଶିକ୍ଷାଶ୍ରମରେ ୦୧/୦୨/୨୦୨୩ ମସିହା ଠାରୁ ଶିକ୍ଷୟତ୍ରୀ ସରିତା ଜେନା ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ କାର୍ଯ୍ୟ କରୁଛନ୍ତି । ଶିକ୍ଷୟତ୍ରୀ ଶ୍ରୀମତୀ ଜେନା ଦୀର୍ଘ ୨୦ ବର୍ଷ ହେବ ଡେପୁଟେସନରେ ଏହି ବିଦ୍ୟାଳୟରେ କାର୍ଯ୍ୟରତ ରହିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ଭାବେ ଚିଠି ନଂ ୬୬୮୨,ତା ୦୪/୦୬/୨୬ରେ ପଦୋନ୍ନତି ମିଳିଛି। ୨୦୨୩ ମସିହା ଠାରୁ ପ୍ରଧାନ ଶିକ୍ଷୟିତ୍ରୀ ଚାର୍ଜରେ ରହିଥିବା ବେଳେ ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ମାନ, ପରିଚାଳନା, ଛାତ୍ର ଛାତ୍ରୀଙ୍କ ଉପସ୍ଥାନ, ମଧ୍ୟାହ୍ନ ଭୋଜନରେ ହେରଫେର୍ କରୁଥିବା ସମସ୍ତ ଅଭିବାବକ, ସ୍କୁଲ କମିଟିର ସଦସ୍ୟ ମାନଙ୍କୁ ଦେଖିବାକୁ ମିଳିଛି। ଉକ୍ତ ଶିକ୍ଷୟତ୍ରୀ ମଧ୍ୟ ଘାଗରା ପଂଚାୟତର ବାସିନ୍ଦା କିନ୍ତୁ କେନ୍ଦ୍ରାପଡ଼ାରେ ଦୀର୍ଘ ବର୍ଷ ଧରି ରହିଆସୁଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ନେବା ୨୦୨୩ ମସିହା ଠାରୁ ପ୍ରାୟ ୩୫୦ ପିଲା ଥିବାବେଳେ ବର୍ତ୍ତମାନ ଛାତ୍ରଛାତ୍ରୀ ମାନଙ୍କ ସଂଖ୍ୟା ୨୦୦କୁ ଖସିଯାଇଛି। ପ୍ରାୟତଃ ସ୍କୁଲ ଚାଲୁଥିବା ସମୟରେ ଦେଖିଲେ ୧୦୦ରୁ ୧୫୦ ଉପସ୍ଥାନ ହେଉଛି। ଶିକ୍ଷୟିତ୍ରୀଙ୍କ ଘର ସେହି ଗ୍ରାମରେ ହୋଇଥିବାରୁ ପରିଚାଳନା କମିଟିକୁ ଉପେକ୍ଷା କରି ନିଜର ସ୍ୱେଚ୍ଛାଚାରିତା ସ୍ୱଭାବକୁ ଜାହିର କରିବାରେ ତାଙ୍କର ଧୃଷ୍ଟତା ରହିଛି। ଅଭିଭାବକ କିମ୍ବା ସ୍ଥାନୀୟ ପ୍ରତିନିଧିଙ୍କୁ ବିଦ୍ୟାଳୟର କୌଣସି ଉନ୍ନୟନମୂଳକ କାର୍ଯ୍ୟ କିମ୍ବା ବିଦ୍ୟାଳୟରେ କାର୍ଯ୍ୟକ୍ରମରେ ସାମିଲ କରିବାକୁ ସୁଯୋଗ ଦିଅନ୍ତି ନାହିଁ । ସେ ରୁକ୍ଷ ବ୍ୟବହାର ଓ କର୍କଶ ଭାଷା ପ୍ରୟୋଗ କରିବାରେ ନିପୁଣ ଅଟନ୍ତି । ଯଦ୍ୱାରା ସରଳ ଭଦ୍ର ପରିବାରର ଅଭିବାବକ ମାନେ ନିଜ ନିଜର ପିଲା ମାନଙ୍କୁ ଇନ୍ଦୁପୁରରୁ ଧୂମାତ ବିଦ୍ୟାଳୟକୁ ପାଠ ପଢାଇବାକୁ ବାଧ ହେଉଛନ୍ତି । ଯାହାକି ବିଦ୍ୟାଳୟର ରେକର୍ଡ ଦ୍ୱାରା ପ୍ରମାଣ ମିଳି ପାରିବ। ସରକାରଙ୍କ ନିୟମାନୁଯାୟୀ ତିନି ବର୍ଷରେ ବଦଳି ନିୟମ ଥିଲେ ମଧ୍ୟ ଦୀର୍ଘ ୨୦ ବର୍ଷ ପୂରଣ କରି ସାରିଥିଲେ ମଧ୍ୟ ଜବରଦସ୍ତି ରହିଥିବା ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ପଦୋନ୍ନତି ମିଳିବା ପରେ ମଧ୍ୟ ସେହି ସ୍କୁଲରେ ପୁନଃ ନିଯୁକ୍ତ କରାଇବା ଜିଲ୍ଲା ଶିକ୍ଷା ବିଭାଗରେ ଚଂଚକତା ଏବଂ ଅର୍ଥ କାରବାର ଦ୍ୱାରା ହୋଇଥିବା ପଂଚାୟତରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ଏବଂ ଏହା କେତେ ଦୂର ନ୍ୟାୟ ସଙ୍ଗତ ତାହା ସମସ୍ତ ବୁଦ୍ଧିଜୀବି, ଶିକ୍ଷାବିତ୍ ଓ ଅଭିଭାବକ ମାନଙ୍କୁ ଚକିତ କରିଛି । ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନୋମୁଖୀ କାର୍ଯ୍ୟକଳାପ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଂଚାୟତବାସୀ ଅବଗତ କରାଇଥିଲେ ମଧ୍ୟ ଅନ୍ୟତ୍ର ବଦଳି କରାନଯାଇ ପୁନଶ୍ଚ ପଦୋନ୍ନତି ସହ ଅବସ୍ଥାପିତ କରାଇବା କାହା ସ୍ୱାର୍ଥରେ କରାଯାଇଛି ଯାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇ ଏକ ଅନୁଭବୀ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି କରାଗଲେ ଏହି ପୁରାତନ ବିଦ୍ୟାଳୟର ଶିକ୍ଷା ପଦ୍ଧତି ଓ ବିଦ୍ୟାଳୟର ଗୌରବ ପୁନଃ ଫେରି ପାଇବ। ଜିଲ୍ଲା ଶିକ୍ଷା ଅଧିକାରୀ ଚଂଚକତା ସହ ପଦୋନ୍ନତି ଦେଇ ସେହି ସ୍କୁଲରେ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତ ଦେଇଥିବା ଅଭିଯୋଗରେ ଜିଲ୍ଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପଂଚାୟତ ବାସୀ ଦାବି କରିଛନ୍ତି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯାଏ ତେବେ ୨୫ ତାରିଖ ଠାରୁ ଆଇନ୍ ଅନୁଯାୟୀ ଗଣଧାରଣା ଦିଆଯିବା ସହ ଆବଶ୍ୟକ ସ୍ଥଳେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପାଇଁ ବାଧ ହେବେ ବୋଲି ପଂଚାୟତବାସୀ ଦାବି ଜଣାଇଛନ୍ତି।

## ଜନଅଭିଯୋଗର ତୁରନ୍ତ ସମାଧାନ ଉପରେ ଗୁରୁତ୍ୱ : ଟାଉନ୍ ଥାନାରେ ଏସପିଙ୍କ ସମୀକ୍ଷା

ଝାରସୁଗୁଡ଼ା, ୧୩/୬ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ପୋଲିସିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ସ୍ୱଚ୍ଛ ଏବଂ ଜନମୁଖୀ କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଶୁକ୍ରବାର ଟାଉନ୍ ଥାନାର ପରିଦର୍ଶନ କରି ସାମଗ୍ରିକ କାର୍ଯ୍ୟକଳାପର ସମୀକ୍ଷା କରିଛନ୍ତି।

ପରିଦର୍ଶନ ସମୟରେ ଏସପି ଥାନାର ବିଭିନ୍ନ ବିଭାଗ ବୁଲି ଦେଖିବା ସହ ମାଲଖାନା ପରିଚାଳନା, ବ୍ୟାଙ୍କ ୱାରେଂଟ କାର୍ଯ୍ୟକାରୀକରଣ, ରେକର୍ଡପତ୍ରର ସଠିକ୍ ରକ୍ଷଣାବେକ୍ଷଣ ଏବଂ ଅପରାଧ ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ।

ଦୀର୍ଘଦିନ ଧରି ପଡ଼ି ରହିଥିବା ମାମଲାଗୁଡ଼ିକର ଶୀଘ୍ର ଫଇସଲା ଏବଂ ବିଚାରାଧୀନ ତଦନ୍ତକୁ ତ୍ୱରାନ୍ୱିତ କରିବାକୁ ସେ ଥାନାର ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଭ୍ୟାସଗତ ଅପରାଧୀଙ୍କ ଉପରେ କଡ଼ା ନଜର ରଖିବା ଏବଂ ୱାରେଂଟ କାର୍ଯ୍ୟକାରୀକରଣକୁ ଅଧିକ ଜୋରଦାର କରିବାକୁ ମଧ୍ୟ କହିଥିଲେ। ଏହି ଅବସରରେ ଏସପି ଶ୍ରୀ ରାଘବେନ୍ଦ୍ର କହିଥିଲେ ଯେ, ପୋଲିସ ବ୍ୟବସ୍ଥାରେ ବୃତିଗତ ମନୋଭାବ, ସ୍ୱଚ୍ଛତା ଓ ଜବାବଦେହିତା ଅତ୍ୟନ୍ତ ଜରୁରୀ। ଜନସାଧାରଣଙ୍କ ଅଭିଯୋଗକୁ ପ୍ରାଥମିକତା ଦେଇ ତୁରନ୍ତ ଶୁଣାଣି କରାଯିବା ସହ ପୋଲିସ ସର୍ବଦା ଲୋକଙ୍କ ସେବାରେ ନିୟୋଜିତ ରହିବା ଉଚିତ୍ ବୋଲି ସେ ମତ ପ୍ରକାଶ କରିଥିଲେ। ସମୀକ୍ଷା ବୈଠକରେ ଟାଉନ୍ ଥାନାର ସମସ୍ତ ବରିଷ୍ଠ ଅଧିକାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏସପିଙ୍କ ଏହି ପରିଦର୍ଶନ ପରେ ଅଂଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଗଞ୍ଜାମ, ୧୩/୬ (ନି.ପ୍ର): ଶେରଗଡ ମିଶନ ଶକ୍ତିଗୃହରେ ଶେରଗଡ଼ ଆଇ ସି ଡିଏସ ପକ୍ଷରୁ ସିଡିପିଓ ମମତାଞ୍ଜଳି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶିଶୁ ପାଇଁ ଦିନଟିଏ ଓ ଗେଲ୍ହାଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋରୀ ଶିଶୁଙ୍କ ସାମାଜିକ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ମାନସିକ, ସାମାଜିକ ବିକାଶ, ଦକ୍ଷତା ବୃଦ୍ଧି କନ୍ୟା ଭ୍ରୁଣ ହତ୍ୟା ରୋକିବା ଓ ବୃକ୍ଷ ରୋପଣ ପାଇଁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ସ୍ତରୀୟ କମିଟି, ଅଙ୍ଗନବାଡି କର୍ମୀ,ପରିଦର୍ଶୀକାଓ ଆଇସିଡିଏସର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ୨୦ କୋଟି ପାଣ୍ଠି ଅନୁମୋଦିତ

ଜୟପୁର, ୧୩/୬ (ନି.ପ୍ର): ଜୟପୁର ତଥା ସମଗ୍ର କୋରାପୁଟ ଜିଲ୍ଲାର ଉଚ୍ଚଶିକ୍ଷାର ବିକାଶ ଲକ୍ଷ୍ୟରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟକୁ ଏକ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନରେ ପରିଣତ କରିବା ଦିଗରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷିକେଶ ସେନାପତି ଓ କୁଳସଚିବ ମହେଶ ଚନ୍ଦ୍ର ନାୟକଙ୍କ ସହ ଭେଟି ବିଶ୍ୱବିଦ୍ୟାଳୟର ଭବିଷ୍ୟତ ବିକାଶ ରୂପରେଖା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଧାୟକଙ୍କ ପ୍ରୟାସ ଫଳରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ୨୦ କୋଟି ଟଙ୍କାର ପାଣ୍ଠି ଅନୁମୋଦିତ ହୋଇଛି। ଏଥିମଧ୍ୟରୁ ୧୪ କୋଟି ଟଙ୍କା ବ୍ୟୟରେ କୁଳପତି, ଅତିରିକ୍ତ କୁଳପତି, କୁଳ ସଚିବ ଓ କର୍ମଚାରୀମାନଙ୍କ ପାଇଁ ଆବାସିକ କ୍ୱାର୍ଟର ନିର୍ମାଣ କରାଯିବ। ସେହିପରି ୪ କୋଟି ଟଙ୍କା ବ୍ୟୟରେ ଆଧୁନିକ ବିଜ୍ଞାନ ପରୀକ୍ଷାଗାର ଉପକରଣ କ୍ରୟ କରାଯିବ ଏବଂ ଅବଶିଷ୍ଟ ପାଣ୍ଠିରେ ସମ୍ମିଳନୀ କକ୍ଷର ନବୀକରଣ ସହ ଅନ୍ୟାନ୍ୟ ମରାମତି କାର୍ଯ୍ୟ ସମ୍ପାଦନ କରାଯିବ। ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ୪୦ ଏକର ଜମି ଚିହ୍ନଟ ହୋଇସାରିଛି ଏବଂ ବର୍ତ୍ତମାନ ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ ଡିପିଆର ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ଆସନ୍ତା ଏକ ମାସ ମଧ୍ୟରେ ଡିପିଆର ପ୍ରସ୍ତୁତ ହେବା ପରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୦୦ କୋଟି ଟଙ୍କା ବ୍ୟୟରେ ପ୍ରଶାସନିକ ଭବନ, ବିଭିନ୍ନ ବିଭାଗ ପାଇଁ ଶୈକ୍ଷିକ ଭବନ, ଆଧୁନିକ ଶିକ୍ଷା ଓ ଗବେଷଣା ଭିତିଭୂମି, ସୀମା ପ୍ରାଚୀର ଓ ଅନ୍ୟାନ୍ୟ ଆବଶ୍ୟକ ଭିତିଭୂମି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ବିଧାୟକ ତାରାପ୍ରସାଦ ବାହିନୀପତି ସଡ଼କରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ଦୀର୍ଘ ସଂଘର୍ଷ କରିଥିଲେ। ତାଙ୍କର ଦୃଢ଼ ସଂକଳ୍ପ ଓ ନିରନ୍ତର ପ୍ରୟାସ ଫଳରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମ୍ଭବ ହୋଇଥିଲା। ବର୍ତ୍ତମାନ ମଧ୍ୟ ସେ ଏହାର ସର୍ବାଙ୍ଗୀନ ବିକାଶ ନିମନ୍ତେ ଆବଶ୍ୟକ ପାଣ୍ଠି ଯୋଗାଡ଼ କରିବାରେ ସଫଳ ହୋଇଛନ୍ତି। ବିଧାୟକ ସ୍ପଷ୍ଟ କରିଛନ୍ତି ଯେ, ନିୟମାନୁସାରେ ଆବଶ୍ୟକ ପ୍ରକ୍ରିୟା ସମ୍ପନ୍ନ କରି ଏକକାଳୀନ ଭାବରେ ବିଜ୍ଞପ୍ତି ଓ ଟେଣ୍ଡର ଆହ୍ୱାନ କରାଯିବ। ଏହା ଜୟପୁର ଓ କୋରାପୁଟ ଜିଲ୍ଲାର ଉଚ୍ଚଶିକ୍ଷା କ୍ଷେତ୍ର ପାଇଁ ଏକ ଐତିହାସିକ ମାଇଲଖୁଂଟ। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ବିକାଶ ମାଧ୍ୟମରେ ସମଗ୍ର ଦକ୍ଷିଣ ଓଡ଼ିଶାର ଶିକ୍ଷା କ୍ଷେତ୍ର ନୂତନ ଦିଗ ପାଇବ ବୋଲି ଆଶା କରାଯାଉଛି।

# ବାଧ୍ୟତାମୂଳକ ଅବସର ପ୍ରଦାନକୁ ନେଇ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଅର୍ପଣ କଲା ସଂଘ

ଜୟପୁର, ୧୩/୬ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ ୱାଇ ଶ୍ରୀନିବାସ ରାଓଙ୍କୁ ବାଧ୍ୟତାମୂଳକ ଅବସର ଦେଲେ ଜିଲ୍ଲାପାଳ କୋରାପୁଟ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଦେଶ ପତ୍ର ସଂଖ୍ୟା ୨୦୬୫ ତା ୧୦.୦୬.୨୦୨୬ ରିଖ ରେ ବିଭାଗୀୟ ଅଧିକାରୀ ୱାଇ ଶ୍ରୀନିବାସ ରାଓଙ୍କୁ ୧୦.୦୬.୨୦୨୬ ତାରିଖରୁ ସରକାରଙ୍କ ଆଦେଶ ମୁତାବକ ଚାକିରୀରୁ ଅବସର ଦିଆଯାଇଥିବା ଦର୍ଶାଯାଇଛି । ତତ୍ ସହିତ ଏହାର ନକଲ ସମସ୍ତ ଉଚ୍ଚ କତୃପକ୍ଷଙ୍କୁ ଦିଆଯାଇଛି କ୍ଷ୧୦ ତାରିଖ ସୁଦ୍ଧା ଶ୍ରୀ ରାଓଙ୍କୁ ୫୦ ବର୍ଷ ହୋଇଥିବା ଓ ସେ ୩୦ ବର୍ଷ ଧରି ଚାକିରି କରିଥିବା ଉକ୍ତ ଆଦେଶ ପତ୍ରରେ ଦର୍ଶାଯାଇଛି । ଉକ୍ତ ଆଦେଶ ପତ୍ରକୁ ନେଇ ସମସ୍ତ କର୍ମଚାରୀ ଖୁସି ବ୍ୟକ୍ତ କରୁଥିବା ଶଶୀଭୂଷଣ ଦାଶ୍ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଗଣମାଧ୍ୟମକୁ ସୂଚନା ଦେବା ସହିତ ଜିଲ୍ଲାପାଳ କୋରାପୁଟଙ୍କୁ ଧନ୍ୟବାଦ୍ ଅର୍ପଣ କରି କୃତଜ୍ଞତା ଜ୍ଞାପନ କରିଛନ୍ତି । ଯେଉଁ କର୍ମଚାରୀ କାର୍ଯ୍ୟରେ ଅବହେଳା କରେ କିମ୍ବା ଅକ୍ଷମ ତାଙ୍କୁ ବାଧ୍ୟତାମୂଳକ ଅବସର ଦେବା ସରକାରଙ୍କ ନିୟମ ରହିଛି ତେଣୁ ଶ୍ରୀ ରାଓଙ୍କ କ୍ଷେତ୍ରରେ ଜିଲ୍ଲାପାଳ ଉଚିତ୍ ପଦକ୍ଷେପ ନେଇଥିବା ଶ୍ରୀ ଦାଶ୍ କହିଛନ୍ତିକ୍ଷତାଙ୍କ ବିରୁଦ୍ଧରେ ବହୁତ ଗୁଡ଼ିଏ ଅଭିଯୋଗ ମଧ୍ୟ ରହିଥିବା ସୂଚନା ମିଳିଛି । ଜଣେ ରାଜସ୍ୱ ଅମଲା ହୋଇଥିବା ସତ୍ତ୍ୱେ ରାଜସ୍ୱ ଅମଲା ସଂଘରୁ ବିତାଡିତ ହୋଇ ଓଡ଼ିଶା ଅମଲା ସଂଘରେ ଯୋଗଦାନ କରିଥିଲେ । ଓଡ଼ିଶା ଅମଲା ସଂଘର ରାଜ୍ୟ ନେତୃବୃନ୍ଦ ଶ୍ରୀ ରାଓଙ୍କୁ ଓଡ଼ିଶା ଅମଲା ସଂଘର ଅସ୍ଥାୟୀ ଅଧ୍ୟକ୍ଷ ଦାୟିତ୍ୱ ଦେଇଥିଲେ ସେଠି ରହି ସଂଘକୁ କଳୁଷିତ ଦୂଷିତ କରିଦେବା ଯୋଗୁଁ ଜିଲ୍ଲା ସଂଘର ନିଷ୍ପତିକୁ ନେଇ ତାଙ୍କୁ ଅଧ୍ୟକ୍ଷ ଦାୟିତ୍ୱରୁ ବାହାର କରିବା ସହିତ ସଂଘର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରାଯାଇଥିବା ଶ୍ରୀ ଦାଶ୍ ସୂଚନା ଦେଇଛନ୍ତି । ଓଡ଼ିଶା ସରକାରଙ୍କ ଗୃହ ବିଭାଗ ସଚିବଙ୍କ ଆଦେଶକୁ ଅବମାନନା କରି ଓଡ଼ିଶା ଅମଲା ସଂଘର ତ୍ରୟୋବାର୍ଷିକି ସମ୍ମିଳନିରେ ଯୋଗଦାନ କରିବା ନିମନ୍ତେ ପୁରୀକୁ ଯାଇଥିଲେ ।

# ପୂର୍ବତନ ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ମହାନ୍ତିଙ୍କୁ 'ଆମ ଗାଁ ଯୁବ ପରିଷଦ' ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଜଳେଶ୍ୱର , ୧୩/୬ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ଗ୍ରାମ ପଞ୍ଚାୟତର ୧୯୬୧ ମସିହାରେ ପ୍ରତିଷ୍ଠିତ ନିମପୁର ଓ ଚକର୍ଜ୍ଜୁନୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଗୁରୁଶ୍ରେଷ୍ଠ ପୂଜ୍ୟ ଶ୍ରୀଯୁକ୍ତ ସତ୍ୟପ୍ରିୟ ମହାନ୍ତିଙ୍କୁ ଚକର୍ଜ୍ଜୁନୀ 'ଆମ ଗାଁ ଯୁବ ପରିଷଦ' ପକ୍ଷରୁ ବିଦାୟ କାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଅଛି।୨୯/୧/ ୧୯୯୭ ମସିହାରେ ବର୍ତ୍ତନା ପଞ୍ଚାୟତ ଖରିଦା ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶିକ୍ଷକତା କରି ମାତ୍ର ୮ ମାସ ପରେ ୧୬/୮/୧୯୯୭ ମସିହାରୁ ୩୧/୫/୨୦୨୬ ପର୍ଯ୍ୟନ୍ତ ନିମପୁର ଓ ଚକର୍ଜ୍ଜୁନୀ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା କରି ଅବସର ଗ୍ରହଣ କରିଛନ୍ତି।ଉକ୍ତ ସମ୍ବର୍ଦ୍ଧନା ସଭାରେ ବାଗେଶ୍ୱରି ସଂସ୍କୃତ ମହାବିଦ୍ୟାଳୟର ର ଇଂରାଜୀ ଅଧ୍ୟାପକ ତଥା ଗ୍ରାମ ସଭାପତି କାର୍ତ୍ତିକେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଜିଲ୍ଲା ପରିଷଦ ଉପ ସଭାପତି ଅନୁସୟା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସରପଞ୍ଚ ତପନୀ ଭୂୟାଁ,ଯୁବ ସମାଜ ସେବୀ ଶ୍ରୀକଣ୍ଠ ମାହାନ୍ତି,ଉପଦେଷ୍ଟା ଶ୍ରୀପତି ପ୍ରଧାନ,ଗଜେନ୍ଦ୍ର ମହାନ୍ତି,ପୂର୍ଣ୍ଣଚନ୍ଦ୍ର ପ୍ରଧାନ,ପଦ୍ମଲାଭ ପ୍ରଧାନ,ପ୍ରାକ୍ତନ ପଞ୍ଚାୟତ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର,ପ୍ରଧାନ ଶିକ୍ଷକ କେଶ୍ୱ ଚନ୍ଦ୍ର ପରିଡ଼ା,ସଂପାଦକ ରାଜେନ୍ଦ୍ର ନାରାୟଣ ଦାସ,ସାମ୍ବାଦିକ ମନୋଜ କୁମାର ଭୂୟାଁ,ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ପ୍ରଧାନ, ପ୍ରାକ୍ତନ ସରପଞ୍ଚ ମଧୁସୁଦନ ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାବ ବିହ୍ୱଳ ବକ୍ତବ୍ୟ ପ୍ରଦାନ କରିଥିଲେ। ୱାର୍ଡ଼ ସଭ୍ୟ ମଧୁସୁଦନ ପ୍ରଧାନ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଲକାନଗିରିରେ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ : ସ୍ମାର୍ଟ ରାସନ କାର୍ଡ ଓ ସ୍ମାର୍ଟଫୋନ୍ ବଂଟନ

ମାଲକାନଗିରି, ୧୩/୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସ୍ତରୀୟ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ ମହାସମାରୋହରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଏହି ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଏହାକୁ ସମାନ୍ତରାଳ ଭାବେ ମାଲକାନଗିରି ଜିଲ୍ଲାରେ ମଧ୍ୟ କାର୍ଯ୍ୟକାରୀ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଜନାର ମହତ୍ୱ ଉପରେ ଆଲୋକପାତ କରି ବିଧାୟକ ଶ୍ରୀ ମାଡକାମୀ କହିଛନ୍ତି, 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ହେଉଛି ଗରିବ ଓ ଅସହାୟ ଶ୍ରେଣୀର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ସ୍ମାର୍ଟ ରାସନ କାର୍ଡ ଏବଂ ସ୍ମାର୍ଟଫୋନ୍ ବଂଟନ ଦ୍ୱାରା ଦୁର୍ଗମ ଅଂଚଳର ଲୋକମାନେ ଡିଜିଟାଲ୍ ସ୍ତରରେ ସଶକ୍ତ ହେବେ ଏବଂ କୌଣସି ବି ହିତାଧିକାରୀ ସେମାନଙ୍କର ହକ୍ ରୁ ବଂଚିତ ହେବେ ନାହିଁ । ଆମେ ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ପରିବାର ପାଖରେ ଏହି ସୁବିଧା ପହଂଚାଇବାକୁ ସଂକଳ୍ପବଦ୍ଧ।'

ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗା ସୋଡ଼ି, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡା ଉପସ୍ଥିତ ଥିଲେ।

ଜିଲ୍ଲାର ସାମଗ୍ରିକ ପ୍ରଶାସନିକ ପ୍ରସ୍ତୁତି ଏବଂ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ଅତିଥି ମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, 'ସରକାରୀ ଯୋଜନାରେ ସ୍ୱଚ୍ଛତା ଆଣିବା ଏବଂ ଲୋକଙ୍କ ନିକଟରେ ସିଧାସଳଖ ସେବା ପହଂଚାଇବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ସ୍ମାର୍ଟଫୋନ୍ ମାଧ୍ୟମରେ ମହିଳାମାନେ ଡିଜିଟାଲ୍ ଦୁନିଆ ସହ ଯୋଡ଼ି ହେବା ସହ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନାର ସୂଚନା ସହଜରେ ପାଇପାରିବେ, ଯାହା ସେମାନଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତନ ଆଣିବ।'

ଏହି ସମାରୋହରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସରାବୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ସଫଳତାର ସହ ମଂଚ ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ ଯେ, ମାଲକାନଗିରି ଜିଲ୍ଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ମୋଟ ୧,୫୯,୫୧୧ ପରିବାରର ୫,୧୮,୬୭୯ ଜଣ ସଦସ୍ୟ ପଞ୍ଜୀକୃତ ହୋଇଛନ୍ତି। ସମସ୍ତ ହିତାଧିକାରୀଙ୍କୁ ପ୍ରତି ମାସରେ ମାଗଣାରେ ୫ କିଲୋଗ୍ରାମ ଲେଖାଏଁ ଚାଉଳ ଯୋଗାଇ ଦିଆଯାଉଛି ଏବଂ ଏଥିପାଇଁ ମାସିକ ମୋଟ ୨୫,୯୩୩.୦୦ କ୍ୱିଂଟାଲ ଚାଉଳ ବରାଦ କରାଯାଇଛି। ବର୍ତ୍ତମାନ ଏପ୍ରିଲ, ମେ ଏବଂ ଜୁନ୍ ମାସ ପାଇଁ ଏହି ଚାଉଳ ବଂଟନ ପ୍ରକ୍ରିୟାକୁ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଏହି ଯୋଜନା ଅଧୀନରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ନୂତନ ସ୍ମାର୍ଟ ରାସନ କାର୍ଡ ଓ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ସ୍ମାର୍ଟଫୋନ୍ ବଂଟନ କରାଯାଇଛି। ସ୍ମାର୍ଟ ରାସନ୍ କାର୍ଡ ମାଧ୍ୟମରେ ହିତାଧିକାରୀମାନେ ରାସନ ଦୋକାନରୁ ସେମାନଙ୍କର ଅତିରିକ୍ତ ପ୍ରାପ୍ୟ ସହଜରେ ପାଇପାରିବେ। ଜିଲ୍ଲାରେ ଥିବା ମୋଟ ୧୧୭ଟି ସୁଲଭ ମୂଲ୍ୟ ଦୋକାନ କେନ୍ଦ୍ର (ଯେଉଁଥିରେ ୧୦୮ଟି ଗ୍ରାମ ପଂଚାୟତ କେନ୍ଦ୍ର, ୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୧ଟି ମୈତ୍ରୀ ଦୋକାନ ରହିଛି) ମାଧ୍ୟମରେ ଏହି ସେବା ଉପଲବ୍ଧ ହେବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ, ଜିଲ୍ଲା ସମାଜ ମଙ୍ଗଳ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ବିପୁଳ ସଂଖ୍ୟାରେ ହିତାଧିକାରୀ ଉପସ୍ଥିତ ଥିଲେ।

# ନିମ୍ନମାନର ରାସ୍ତା କାମ ପାଇଁ ଜମୁଛି ପାଣି : ତେଜୁଛି ଜନ ଅସନ୍ତୋଷ

ଚମ୍ପୁଆ, ୧୩/୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଂଚାୟତର ରଜିଆ ଗ୍ରାମରେ ଏକ ନିମ୍ନମାନର କଂକ୍ରିଟ ରାସ୍ତା ନିର୍ମାଣକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ଓ ନିର୍ବାହୀ ସଂସ୍ଥାର ଆଖିବୁଜା ନୀତି ଯୋଗୁଁ ସରକାରୀ ଅର୍ଥର ଶ୍ରାଦ୍ଧ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ମିଳିଥିବା ସୂଚନା ମୁତାବକ, ରଜିଆ ଗ୍ରାମର ରାଧାମାଧବ ପାଠାଗାର ଠାରୁ ବାଲଦେବ ଗିରୀଙ୍କ ଘର ପର୍ଯ୍ୟନ୍ତ ଏକ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇଛି। କେନ୍ଦୁଝର ଜିଲ୍ଲା ପରିଷଦର 'ପଂଚମ ରାଜ୍ୟ ଅର୍ଥ କମିଶନ' ଯୋଜନାରେ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଏହି କାର୍ଯ୍ୟ ନିମନ୍ତେ ୧,୪୩,୮୦୩ ଟଙ୍କାର ଅନୁଦାନ ଅଟକଳ କରାଯାଇଥିଲା। ଏହି ରାସ୍ତା କାମର କାର୍ଯ୍ୟ ନିର୍ବାହୀ ସଂସ୍ଥା ଖୋଦ ଚମ୍ପୁଆ ପଞ୍ଚାୟତ ସମିତି ହୋଇଥିବା ବେଳେ, ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ସମୟରେ ସିମେଂଟ ଓ ବାଲିର ପରିମାଣ ଠିକ୍ ଭାବେ ଦିଆଯାଇ ନାହିଁ। ଏହା ସହିତ ରାସ୍ତାର ସମତୁଲତା ରକ୍ଷା କରାଯାଇ ନଥିବାରୁ ସାଧାରଣ ବର୍ଷା ହେଲେ ମଧ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ନୂତନ ଭାବେ ନିର୍ମିତ ଏହି ରାସ୍ତାର ସ୍ଥାୟିତ୍ୱକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ, ରାସ୍ତାରେ ଜମି ରହୁଥିବା ପାଣି ନିଷ୍କାସନ ହୋଇନପାରି ରାସ୍ତା କଡ଼ରେ ଥିବା ସ୍ଥାନୀୟ ଲୋକଙ୍କ ଘର ମଧ୍ୟକୁ ପ୍ରବେଶ କରୁଛି। ଯାହାଦ୍ୱାରା ଲୋକେ ବସବାସ କରିବାରେ ଚରମ ହଇରାଣ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆକ୍ରୋଶ ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନ ତୁରନ୍ତ ଏହି ଘଟଣାର ତଦନ୍ତ କରି ନିମ୍ନମାନର କାର୍ଯ୍ୟ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାସ୍ତାର ସୁଧାର ଆଣିବାକୁ ଦାବି ହେଉଛି।

# ପୁରୀ ଜିଲ୍ଲା ଶିକ୍ଷକ ପଦନ୍ନୋତିରେ ମହାଘୋଟାଲା ଅଧିକାରୀଙ୍କ ପାଟିରୁ ଛାଡୁନି ପ୍ରମୋଶନ ରାବିଡି

ପୁରୀ, ୧୩/୬ (ନି.ପ୍ର): ପୁରୀ ଜିଲ୍ଲା ଶିକ୍ଷା ବିଭାଗରେ ବହୁ ଘୋଟାଲା ଚାଲିଥିବା ଚର୍ଚ୍ଚା ହେଉଛି । ୨୦୦୬ ମସିହାରେ ପୁରୀ ଜିଲ୍ଲାର ୭୮ ଜଣ ସିନିୟର ସେକେଣ୍ଡାରି ସେବା ଶିକ୍ଷକ ପ୍ରମୋଶନ ପାଇଁ ଲିଷ୍ଟ ବାହାରିଥିଲା । ରାଜ୍ୟ ଓ ଜିଲ୍ଲା ତାଲିକାରେ ଯେଉଁମାନେ ଯୋଗ୍ୟ ବିବେଚିତ ହୋଇଥିଲେ ସେମାନଙ୍କୁ ପଦନ୍ନୋତି ଦିଆନଯାଇ ଅର୍ଥ ରାବିଡି ବଳରେ ୩ଶହରୁ ୪ଶହ ତଳେ ଥିବା ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଥିବା ଅଭିଯୋଗ ହୋଇଛି । ଯେଉଁମାନେ ପ୍ରମୋଶନ ପାଇବାକୁ ମନା କରିଥିଲେ ସେମାନଙ୍କୁ ଏବେ ପ୍ରମୋଶନ ଦିଆଯାଇ ଥିବା ଅଭିଯୋଗ ହୋଇଛି । ଜିଲ୍ଲାରେ ଗୋଟିଏ ନିର୍ଦ୍ଦିଷ୍ଟ ଟିମ୍ ଏହି ଘୋଟାଲାରେ ସାମିଲ୍ ହୋଇ କୋଟି କୋଟି ଟଙ୍କା ଶତାଂଶ ଭାଗ ବଣ୍ଟା ନୀତିରେ ଚଳୁ କରିଦେଇଥିବା ଜିଲ୍ଲାରେ ଆଲୋଚ୍ୟର ବିଷୟ ହୋଇଛି । ଡାଇରେକ୍ଟର ଅଫ ସେକେଣ୍ଡାରି ଏଜୁକେସନ ଓଡ଼ିଶା ଭୁବନେଶ୍ୱର, ଚିଠି ନମ୍ବର ୩୩୪୩୯/ତାରିଖ ୩୧/୧୨/୨୫ରେ ସବୁ ଜିଲ୍ଲାର ଡିଇଓଙ୍କୁ ପ୍ରମୋଶନ ତାଲିକା ମାଗିଥିଲେ । ଜୁନିୟର ଏସଇଏସ ଆସିଷ୍ଟାଣ୍ଟ ଟିଚର (ଟିଜିଟି)ଙ୍କୁ ଫାଇନାଲ ଗ୍ରେଡ଼େସନ ତାଲିକା ପାଇଁ ଅନୁମତି ପତ୍ର ମଗା ଯାଇଥିଲା । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପୁରୀ ମେମୋ ନମ୍ବର ୫୫/ ତାରିଖ ୩/୦୧/୨୬ରେ ଜିଲ୍ଲାର ସମସ୍ତ ପ୍ରଧାନଶିକ୍ଷକଙ୍କୁ ଜଣାଇ ଦିଆଯାଇଥିଲା ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୪ ଜୁନ୍ ୨୦୨୬
email :
rabibarachayan2015@gmail.com

ରବିବାର ଚୟନ ପୃଷ୍ଠା ୩

.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର




# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୩୭ ଦେବଦତ୍ତ (ବୁଦ୍ଧଙ୍କ ସବୁଠାରୁ ବଡ଼ ବ୍ୟକ୍ତିଗତ ଶତ୍ରୁ)

ଦେବଦତ୍ତ ରାଜା ସୁପ୍ପବୁଦ୍ଧ ଓ ବୁଦ୍ଧଙ୍କ ମାଉସୀ ପାମିତାଙ୍କ ପୁତ୍ର ଥିଲେ। ତାଙ୍କ ଭଉଣୀ ଥିଲେ ଯଶୋଧାରା। ତେଣୁ ସେ ବୁଦ୍ଧଙ୍କ ଜଣେ ସମ୍ପର୍କୀୟ ଭାଇ ଥିଲେ। ଆନନ୍ଦ ଓ ଅନ୍ୟ ଶାକ୍ୟ ରାଜକୁମାରମାନଙ୍କ ସହ ସେ ବୁଦ୍ଧଙ୍କ ଉପଦେଶର ପ୍ରାରମ୍ଭିକ କାଳରେ ଭିକ୍ଷୁସଂଘରେ ପ୍ରବେଶ କରିଥିଲେ। ସନ୍ନ୍ୟସ୍ତର କୌଣସି ପର୍ଯ୍ୟାୟ ହାସଲ କରିପାରି ନ ଥିବାରୁ ସେ ସାଂସାରିକ ମାନସିକ ଶକ୍ତି ପାଇଁ କଠିନ ପରିଶ୍ରମ କରିଥିଲେ, ଯାହା ସେ ପାଇଯାଇଥିଲେ।

ତାଙ୍କର ପ୍ରାରମ୍ଭିକ ଜୀବନରେ ସେ ଜଣେ ଆଦର୍ଶ ଭିକ୍ଷୁ ଥିଲେ ଯିଏ ତାଙ୍କର ଶାଳୀନତା ଓ ମାନସିକ ଶକ୍ତି ନିମନ୍ତେ ପରିଚିତ ଥିଲେ। ପରେ ସେ ସାଂସାରିକ ଲାଭ ଓ ପ୍ରସିଦ୍ଧି-ଲାଳସା ନିମନ୍ତେ ଅହଙ୍କାରୀ ହୋଇଗଲେ। ବୁଦ୍ଧଙ୍କ ପ୍ରତି ତାଙ୍କର ଦୁର୍ଭାବନା ଓ ଈର୍ଷା ବଢ଼ିବା ସହିତ ସେ ବୁଦ୍ଧଙ୍କ ସବୁଠାରୁ ବଡ଼ ବ୍ୟକ୍ତିଗତ ଶତ୍ରୁ ହୋଇଗଲେ।

ଦିନେ ରାଜା ଓ ରାଜକୁମାରମାନଙ୍କ ଏକ ବିଶାଳ ସଭାରେ ଦେବଦତ୍ତ ବୁଦ୍ଧଙ୍କ ନିକଟକୁ ଆସିଲେ ଏବଂ ତାଙ୍କୁ ସଂଘର ମୁଖ୍ୟ କରିବାକୁ ଅନୁରୋଧ କଲେ। ଯେହେତୁ ସେ ଯଥେଷ୍ଟ ସକ୍ଷମ ଓ ଯୋଗ୍ୟ ନଥିଲେ, ତେଣୁ ବୁଦ୍ଧ ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କଲେ। ଫଳସ୍ୱରୂପ ସେ ବହୁତ କ୍ରୋଧିତ ହେଲେ ଏବଂ ବୁଦ୍ଧଙ୍କ ଉପରେ ପ୍ରତିଶୋଧ ନେବାକୁ ପ୍ରତିଜ୍ଞା କଲେ।

ଯଦିଓ ଦେବଦତ୍ତ ଜଣେ ଦୁଷ୍ଟ ଭିକ୍ଷୁ ଥିଲେ, ତଥାପି ତାଙ୍କର ଅନେକ ପ୍ରଶଂସକ ଓ ଅନୁଗାମୀ ଥିଲେ। ତାଙ୍କର ଜଣେ ମୁଖ୍ୟ ସମର୍ଥକ ଥିଲେ ରାଜା ଅଜାତଶତ୍ରୁ, ଯାହାଙ୍କ ସହିତ ସେ ରାଜା ବିମ୍ବିସାର ଓ ବୁଦ୍ଧଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଅଜାତଶତ୍ରୁ ତାଙ୍କ ପିତାଙ୍କୁ ହତ୍ୟା କରିବାରେ ସଫଳ ହୋଇଥିଲେ, ମାତ୍ର ଦେବଦତ୍ତ ବୁଦ୍ଧଙ୍କୁ ହତ୍ୟା କରିବାରେ ବିଫଳ ହୋଇଥିଲେ।

ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତ କରି ବୁଦ୍ଧଙ୍କୁ ହତ୍ୟା କରିବାର ସେ ପ୍ରଥମ ପ୍ରୟାସ କରିଥିଲେ। ସେହି ବ୍ୟକ୍ତିଙ୍କୁ ଅନ୍ୟ ଦୁଇଜଣ ବ୍ୟକ୍ତି ହତ୍ୟା କରିବେ ଓ ପରେ ସେମାନଙ୍କୁ ଅନ୍ୟ ଚାରିଜଣ ବ୍ୟକ୍ତି ହତ୍ୟା କରିବେ। ଶେଷରେ ଚାରିଜଣଙ୍କୁ ଅନ୍ୟ ଆଠ ଜଣ ବ୍ୟକ୍ତି ହତ୍ୟା କରିବେ। ମାତ୍ର ଯେତେବେଳେ ପ୍ରଥମ ବ୍ୟକ୍ତି ବୁଦ୍ଧଙ୍କ ନିକଟକୁ ଆସିଲେ, ସେ ଭୟଭୀତ ହୋଇଗଲେ। ସେ ନିଜର ଶସ୍ତ୍ରକୁ ଏକ ପାଖରେ ରଖି ବୁଦ୍ଧଙ୍କ ଶରଣାଗତ ହୋଇଗଲେ। ଶେଷରେ ପରସ୍ପରକୁ ହତ୍ୟା କରିବା ପାଇଁ



ନିୟୋଜିତ ହୋଇଥିବା ସମସ୍ତ ବ୍ୟକ୍ତି ବୁଦ୍ଧଙ୍କ ଶିଷ୍ୟ ହୋଇଗଲେ। ଫଳସ୍ୱରୂପ ବୁଦ୍ଧଙ୍କୁ ହତ୍ୟା କରିବାର ପ୍ରଥମ ଷଡ଼ଯନ୍ତ୍ର ବିଫଳ ହେଲା।


ଦ୍ୱିତୀୟ ପ୍ରୟାସରେ ଦେବଦତ୍ତ ଗିଜ୍ଝକୂଟ ପାହାଡ଼ ଉପରକୁ ଚଢ଼ିଗଲେ ଓ ଯେତେବେଳେ ଭଗବାନ ବୁଦ୍ଧ ତଳେ ଧ୍ୟାନ କରୁଥିଲେ, ସେତେବେଳେ ସେ ଗୋଟିଏ ବଡ଼ ପଥରକୁ ଠେଲି ଦେଲେ। ତାହା ତଳକୁ ଖସିଲା ଓ ମଝିରାସ୍ତାରେ ଅନ୍ୟ ଏକ ପଥରେ ଆଘାତ ପାଇ ଖଣ୍ଡଖଣ୍ଡ ହୋଇଗଲା। ମାତ୍ର ଖଣ୍ଡିଏ ଛୋଟ ପଥର ବୁଦ୍ଧଙ୍କ ପାଦ ଆଙ୍ଗୁଳିରେ ବାଜି ରକ୍ତ ବାହାରିଲା।

ଦେବଦତ୍ତଙ୍କ ଦ୍ୱାରା ଭଗବାନ ବୁଦ୍ଧଙ୍କୁ ହତ୍ୟା କରିବାର ତୃତୀୟ ପ୍ରୟାସ ଥିଲା ଭୟଙ୍କର ନରଘାତକ ହସ୍ତୀ ନୀଳଗିରିକୁ ମଦ୍ୟପାନ କରାଇ ମତ୍ତ କରାଇବା। ଯେତେବେଳେ ନୀଳଗିରି ବୁଦ୍ଧଙ୍କୁ ଆସୁଥିବାର ଦେଖିଲା, ସେ ତା'ର କାନ, ଲାଞ୍ଜ ଏବଂ ଶୁଣ୍ଢ ଉଠାଇ ବୁଦ୍ଧଙ୍କ ଉପରେ ଆକ୍ରମଣ କଲା। ହାତୀଟି ପାଖକୁ ଆସିବା ମାତ୍ରେ, ବୁଦ୍ଧ ହାତୀ ପ୍ରତି ତାଙ୍କର ପ୍ରେମପୂର୍ଣ୍ଣ ଦୟା (ମେତ୍ତା) ପ୍ରଦର୍ଶନ କଲେ। ବୁଦ୍ଧଙ୍କ ପ୍ରେମ ଏତେ ବିଶାଳ ଓ ଗଭୀର ଥିଲା ଯେ ନୀଳଗିରି ବୁଦ୍ଧଙ୍କ ପାଖରେ ପହଞ୍ଚିବା ମାତ୍ରେ ଅଟକିଗଲା, ଶାନ୍ତ ହୋଇଗଲା ଓ ପ୍ରଭୁଙ୍କ ସାମ୍ନାରେ ଠିଆ ହୋଇଗଲା। ତପ୍ପରେ ବୁଦ୍ଧ ନୀଳଗିରିର ଶୁଣ୍ଢକୁ ସ୍ପର୍ଶ କଲେ ଏବଂ ତା'ସହ କୋମଳ ସ୍ୱରରେ କଥା ହେଲେ। ଆଦର ସହକାରେ ହାତୀଟି ଶୁଣ୍ଢରେ ପ୍ରଭୁଙ୍କ ପାଦରୁ ଧୂଳି ଶୋଷିନେଇ ନିଜ ମୁଣ୍ଡ ଉପରେ ଛିଞ୍ଚି ଦେଲା। ତା'ପରେ ସେ ବୁଦ୍ଧଙ୍କ ଆଡ଼କୁ ମୁହଁ କରି କିଛିବାଟ ପଛକୁ ହଟିଗଲା ଓ ସଂପୂର୍ଣ୍ଣ ବଶୀଭୂତ ହୋଇଗଲା। ସାଧାରଣତଃ ଅନ୍ୟମାନେ ହାତୀମାନଙ୍କୁ ଚାବୁକ ଓ ଅସ୍ତ୍ରଶସ୍ତ୍ର ଦ୍ୱାରା ନିୟନ୍ତ୍ରଣ କରିଥାନ୍ତି, ମାତ୍ର ପରମପୂଜ୍ୟ ବୁଦ୍ଧ ନିଜର କରୁଣା ଶକ୍ତି ବଳରେ ହାତୀକୁ ବଶ କରିଦେଇଥିଲେ।

ସଂଘର ନେତା ହେବାକୁ ଚେଷ୍ଟା କରୁଥିବା ଦେବଦତ୍ତ ଆଉ ଏକ ଛଳପୂର୍ଣ୍ଣ ଯୋଜନା କରିଥିଲେ। (କ୍ରମଶଃ)


♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮


# ମିନିଗଳ୍ପ-୧୦



## ମାମଲା (ଞ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**

ଗୋସାଇଁ ପଧାନ ବୁଢାକୁ ଦେଇଚନ୍ତି ବଖରା। ନୂଆପାରିରୁ ଆସନ୍ତି ବାପପୁଅ। ଦିହେଁ ଦିହିଁକି ଏକୁ ଆରେକ ବଳିଆର। ବୁଢା ସତୁରୀ ଧଇଲାଣି । ପୁଅ ଯୁଆନଟୋକା। ନେତେପେତିଆ ବାପକୁ ପୁଅ। ପୁଅ ଲୁଙ୍ଗି, ଗଞ୍ଜି ପିନ୍ଧେ। ପାନ ଖାଏ। ବାପ ଦି'ଖଣ୍ଡ ଖୋରଧା ଗାମୁଛାରେ କଟିକୁ କାନ୍ଧକୁ ବେଢେଇଥାଏ। ଗୋସାଇଁ ଖଳାରେ ଧାନ ହଳା ମୁଣ୍ଡେଇ ଗଦା କରୁଛନ୍ତି ବାପପୁଅ। ବାପ ବଇଚି ଚୂଳିରେ। ପୁଅ ଛାଟୁଚି ତଳୁ ଗୁଳିରେ। ବିଶକର୍ମା ପରି ନଡାଛାଆଣି ଗଦଉଚି, ନଦଉଚି ବାପ। ଏଇ ଫୋପଡା ଫୋପଡିରେ ସୂତାଏ ଓଲମବିଲମ ହେଲେ ବୁଢା ବିଗିଡେ। ବାରମ୍ବାର ବିଗିଡିବାରୁ ପୁଅ ହଳା ଫୋପାଡି ଏକମୁହାଁ ଘରକୁ ପଳେଇଲା ସଁ ସଁ ହୋଇ। ପଛେ ପଛେ ମୃଦୁମୃଦୁ ଗାଳି ଦେଇଦେଇ ଚାଲିଲା ବାପା। ତା ପରଦିନ ଗୋସେଇଁ ଫୁଲଡାଲା ଧରି କବାଟ ଡିଙ୍କିଆ ଖୋଲୁଖୋଲୁ ଛିଡା ହୋଇଛି ପଧାନବୁଢା। ଭାରି ରୋକଠୋକ, ଭାରି କଡା। ବଡ଼ଗୋସେଇଁ ଆସିଲେ ଦାଣ୍ଡକୁ। 'କିରେ ଦୀନବନ୍ଧୁ କାନ୍ଦୁଚୁ ?'

ଦୀନବନ୍ଧୁ ଗୋଡତଳେ ବସିଗଲା ବଡ଼ଗୋସେଇଁଙ୍କର।

'ମୋର ନଅଟା ନା ଛଆଟା ବାଳୁତ, କହିଲ ଗୋସାଇଁ ? ଆଜି ମତେ ହାତ ଉଠେଇଁ ଚମକି ଆଇଲା। ତା' ମଥାକୁ ହାତ ପାଇଗଲାଣି। ତାକୁ ଘରଦ୍ୱାର ଛାଡିଦେଇ ଆସିଲି। ଆଜିଠୁ ମୁଁ ତା ଠୁ ମରିଯାଇଚି।'

ବଡ଼ଗୋସେଇଁ ସାନଗୋସେଇ ଥ ଥା କରେଇଲେ। ମୁହଁଧୋଇ ଦାନ୍ତ ଘଷିବାକୁ ଘଷିପାଉଁଶ କରଞ୍ଜକାଠି ଦେଲେ। ଚା' ମନ୍ଦେ ଥୋଇଲେ। କୋହ ଗଦଗଦ ହୋଇ ଗାମୁଛାରେ ଫନ୍ଦ ଗୁଡେଇ ସୁଡୁସୁଡୁ କରି ପିଇଲା ବୁଢା।

ବଡ଼ଗୋସେଇଁ କହିଲେ : ଦୀନବନ୍ଧୁ। ତୁ ଜମା ମନଦୁଃଖ କରନା। ତୋ ଭଳିଆ ନିଅତିଆ ମଣିଷକୁ ତୋ ପୁଅ ହାତ ଉଠେଇଲା। ତୁ ଆମଘରେ ରହ। ଯେତେଦିନ ରହିବୁ ରହ। ତା ବହପ ଦେଖିବା।

ଦିନଗଡି ସଂଜ ହେଲା। ଦକ୍ଷିଣ ବାଡି କୋଠପୋଖରୀ ଆଡୁ ଦିଶିଗଲା ଅଧାକଳା, ଫଟା ଲଣ୍ଠନରେ କାଗଜ ଦିଆ ଦୃଶ୍ୟଟେ। ତରତର ହୋଇ ଧପାଲିଚି କିଏ ?

ବଡ଼ଗୋସେଇଁ ପଚାରିଲେ : କିଏ ? ରବି କି ?

ରବି ଜୁହାର ହେଲା। କଣ୍ଠ ଥରେଇ ଥରେଇ କହିଲା 'ଆଗିଆଁ'।

ଗୋସାଇଁ ପଚାରିଲେ: ତୋ ବାପାକୁ ଏତବଳେ ଖୋଜିଆକୁ ଆସିଲୁନା ତତେ କିଏ ପଠେଇଲା ?

ପଧାନପୁଅ ଟିକିଏ ବଡ଼ପାଟିରେ କହିଲା: ହଁ ମୁଁ ଆସିନଥିଲି। ଯାଣିଥିଲି ସେ ଗୋସାଇଁ ଘର ଛଡା କୁଆଡେ ଯାଇନଥିବେ। କି ଦୋଷ କଲି କି ମୁଁ। କଣ ପଦେ ପାଟିରୁ ବାହାରିଗଲା ବୋଲି ଏତେ ରାଗ।

ପଧାନବୁଢା ପାଟି ଖୋଲିଲା। : ଖାଲି ସେତିକି ? ତୁ ମୋ ଉପରକୁ ହାତ ଉଠେଇନୁ।

ବଡ଼ଗୋସେଇଁ କହିଲେ: ଏସବୁ କଣରେ ରବି। ତତେ ବାପା ଗନ୍ଧଉଚି ଯଦି ସେ ଆଜିଠୁ ଆମ ଘରେ ରହିବ। ତୁ ମାମଲତକାର ହେଇଗଲୁଣି। ମୁଣ୍ଡକୁ ହାତ ପାଇଗଲାଣି, ଏକା ରହ। ଏ ବୁଢାଟା ତୋର କଣ୍ଟା ହେଇଥିବ।

ରବି ହଠାତ ସକସକ ହେଇ କାନ୍ଦିବାକୁ ଆରମ୍ଭ କଲା: ଦିନସାରା ଗଧଖଟଣି ଖଟି ଟିକେ ବିଚିଟି ଯାଇ କଣଟେ କରିଦେଲି ଯେ ମୋ ଉପରେ ଏତେ ରାଗ। ତମେ ମତେ ଏକୁଟିଆ କରି ପଳେଇ ଆଇଲ। ହଉ, ତମେ ଥାଅ। ମୁଁ ଯାଉଚି। ଆଉ କେବେ ଭାବିବନି ଯେ ତମର ରବି ବୋଲି ପୁଅଟେ ଥେଲା।

କୋହ ଉଠେଇ ପାହାଚରୁ ଓହ୍ଲେଇଲା ରବି। ପଧାନବୁଢା ଆଉ ସମାଳି ପାରିଲାନି। ଖସେଇଲା ଦି'ଗୋଡ ପାହାଚ ତଳକୁ। ବଙ୍କା ଅଣ୍ଟାରେ ମାଡିବସିଲା ତା ପୁଅ ହାତକୁ। କହିଲା: ବଡ଼ଗୋସେଇଁ। ଥାଉ। ମୋ ଛାତି ଫାଟି ଯାଉଚି। ମୋ ପୁଅଟା ମୋ ଆଗରେ କାନ୍ଦିବ। ମୁଁ ଏଇଠି ତୁନି ହୋଇ ବସିବି। ସେ ପା ମା' ଛେଉଣ୍ଡିଆଟା।

ବଡ଼ଗୋସେଇଁ ସାନଗୋସେଇଁ ପୋଛୁଥିଲେ ଲୁହ। ପଧାନବୁଢାର କାନ୍ଧଗାମୁଛା ପୁଅର ଲୁହରେ ଭିଜି ଯାଇଥାଏ। କୋଠପୋଖରୀ ପାରି ହବା ଯାଏ ବୁଢା ବୁଝେଇ ଚାଲିଥାଏ ପୁଅକୁ।


♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର,
(ମୋ) ୯୭୭୬୫୪୬୧୩୦


# କବିତା

## ନିଆଁ



**ଶରତ କୁମାର ଦାସ**

ଏବେ ତୋ ଦେହରେ
ଜଳିବାକୁ ପ୍ରବଳ ଇଚ୍ଛା

ଶୁଣିଛି
ତୋ ଦେହରେ ଜଳି ଜଳି
ମରିବାର ଆନନ୍ଦ
ବଞ୍ଚିବାର ଆନନ୍ଦ ଠୁ'
ଯଥେଷ୍ଟ ଅଧିକ

କେତେଦିନ ବା ଆଉ
ଫୁଲର ଶେଜରେ ଶୋଇବି ?

ଆ !
ଥରେ କୋଳେଇ ନେ
ତୋ ଲେଲିହାନ ଶିଖାରେ ଥରେ
ବନ୍ଦି କରି ନେ
ସେ ଧୂଆଁର ଆସ୍ତରଣରେ
ଆକାଶ ବିସ୍ତାରି ଯାଉ
କୁହୁଡ଼ିରଙ୍ଗ ପାଉଁଶରେ
ମାଟି ପୋତିହୋଇ ପଡୁ

ତୁ'
ଲିଭିବା ଆଗରୁ
ଆଉଥରେ ଚେତେଇ ଦେ
ଜନ୍ମହବା ପୂର୍ବରୁ
ମୁଁ ବହୁବାର ମରିସାରିଛି
ତୋ' ଭିତରେ

ଆଉଥରେ କହି ଦେ'
ମରଣର ପୀଡା ଅସହ୍ୟ ଜାଣି ବି
ମୁଁ କେମିତି ଫୁଟେଇଛି
ପଥର ଛାତିରେ ଫୁଲ
ଶୁଖେଇଛି
ସମୁଦ୍ର ଆଖିର ଲୁହ

ହଁ !
ପାରୁଛୁ ଯଦି
ଆଉଥରେ ଜଣେଇ ଦେ
ତୋ ଦେହର ପୋଡା ଅଙ୍ଗାରରୁ
ସାଉଁଟି ଆଣି
ନିର୍ମମ ସତ୍ୟର ଶତଦଳ
ମୁଁ କେମିତି ପାଳିଛି ମୃତ୍ୟୁର ମହୋତ୍ସବ ?


♥ ପାଲୁର ବଙ୍ଗଳା, ଘର ନମ୍ବର.. ୨୬
ବ୍ରହ୍ମପୁର
(ମୋ) ୯୮୬୧୪୦୨୪୭୩


## ପାଉଁଜିର ପାଣ୍ଡୁଲିପି-୨୪

**ବିପିନ ମହାନ୍ତି**

### ଆମ ପ୍ରେମ ଥାଉ ଜିଇ



ମୋତେ ଭଲଲାଗେ ତୋ' ପାଦ ପାଉଁଜି ନିଃଶବ୍ଦ ରାତିର ସ୍ୱର
ଝୁଣ୍ଟିଆ ପିନ୍ଧି ତୁ ଝୁଣ୍ଟି ପଡୁଥିଲେ ଆହା କରେ ଅନ୍ଧକାର
ଛାତିକୁ ଆଉଜି ଯେବେ ତୁ ମାଗଉ ଜହ୍ନର ଠିକଣା ମୋତେ
ବାହୁ ବନ୍ଧନେ ମୋ' ଜହ୍ନ ଆଉ ତାରା ଯେମିତି ଯାହାକୁ ଯେତେ।

ମୋତେ ଦେଖି ତୋ'ର ପାଉଁଜି ହଜେ ନା ହଜାଉ ତୁ ଜାଣିଶୁଣି
ତୋଅ ମାଆ ଭାବ ଟୁପୁରୁ ଟାପୁରୁ ଗାଆଁସାରା ଜାଣିଲେଣି
କେତେଦିନ ଆଉ ଏମିତି ବା ତୁହି ପାଉଁଜି ହଜାଉ ଥିବୁ
ପାଉଁଜି ଖୋଜିବା ବାହାନାରେ ମୋତେ ଲୁଚିଲୁଚି କଥା ହେବୁ।

ତୋ' ପାଉଁଜି ହଜିଲେ ମୁଁ ବୁଝିଯାଏ ଆଜି ତୁ ଖୋଜୁଛୁ ମୋତେ
ପାଉଁଜି ଖୋଜାଳି ପ୍ରେମିକଟେ ବୋଲି ବଦନାମ ମୋତେ ଯେତେ
ହଜୁ ପଛେ ସେଇ ପାଉଁଜି ହଳକ ଆମ ପ୍ରେମ ଥାଉ ଜିଇ
ତୁ ଅଛୁ, ମୁଁ ଅଛି, ଆମ ପ୍ରେମ ଅଛି ପାଉଁଜି ହଳକ ପାଇଁ।

ତୋ' ପାଉଁଜି କେବେ ନ ହଜଇ ଯେବେ ହୃଦୟ ମୋ'ଯାଏ ଜଳି,
ସତେ କ'ଣ ଆଉ ଭଲପାଉନାହଁ ମୋତେ ସେଇ ଆଗଭଳି।


♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


## ସ୍ୱପ୍ନଗର୍ଭା ସାଗର

**ସ୍ୱାବିତ କୁମାର ପାତ୍ର**



ସ୍ୱପ୍ନ କେବଳ ସ୍ୱପ୍ନ ନୁହେଁ ତ,
ହେଇପାରେ
ଚାଳଛପର ଘରର ନୂଆ ସକାଳ,
ମୃଦୁ ମୃଦୁ ବହିଯାଉଥିବା ସମୀର—
ନୂଆ ଆଶା ଓ ଉନ୍ମାଦନାର ।

ସ୍ୱପ୍ନ ହେଇପାରେ ପର୍ବତ ପରି ଗମ୍ଭୀର
ନୀଳିମାମୟ ସମୁଦ୍ର ପରି ଅସ୍ଥିର
ଆକାଶ ପରି ବିସ୍ତୃତ
ଜହ୍ନ ପରି କଳଙ୍କିତ ।

ସ୍ୱପ୍ନ ହେଇପାରେ ଦୁର୍ବଳ
ଶ୍ମଶାନରେ ଜଳୁଥିବା ହୃଦୟ
ବର୍ତ୍ତମାନ ପାଉଁଶପ୍ରାୟ ।

ସ୍ୱପ୍ନ ହେଇଥାଇପାରେ ଭୋକ
ହେଇଥାଇପାରେ ଶୋଷ
ଦ୍ରୌପଦୀର ମୁକୁଳା କେଶ
ଯାହା ପାଇଁ ଯୁଦ୍ଧ - ମହାଭାରତ ।


♥ ମେରଘରା, କଳାହାଣ୍ଡି
ମୋ: ୮୪୫୬୮୦୩୫୯୦


## ଥରୁଟିଏ ଆସ

**ଭକ୍ତ ଚରଣ ସୁନାନୀ**



ଥରୁଟିଏ ଆସ
ଏ ଡଙ୍ଗରକୁ ପଚାର
ଏ ଝରଣାକୁ ପଚାର
ଏ ଜଙ୍ଗଲକୁ ପଚାର
ଏ କ୍ଷେତକୁ ପଚାର
ଗୋଟି ଗୋଟି କରି ଆମ ଜୀବନର କଥା ।

ବୁଝିପାରିବ ତୁମେ
ଶୁଖିଲା ପେଟର ଭୋକ
ମଉଳା ଓଠର ଶୋଷ
ଭଙ୍ଗା କୁଡିଆର ଦୁଃଖ ।

ଦେଖିଲେ ଜାଣିବ
ଏଠି ବିକାଶ କେମିତି ଘୃଣା କରେ
ଆମ ଚାଲକୁଡିଆକୁ
ଆମ ଗାଁ ବାଟକୁ
ଆମ କ୍ଷେତ ଖଳାକୁ
ଆମ ମାଲିମୁଣ୍ଡିଆ ଜୀବନକୁ ।

ବୁଝିପାରିବ ତୁମେ
ଦିନେ ବୁଲିଆସିଲେ ଆମ ଗାଁ
ଡଙ୍ଗର ତଳେ କେମିତି
ଲୁହରେ ଫୁଟେ ମାଣ୍ଡିଆ ପେଜ
ଲହୁରେ ଫଳେ ଗୁର୍ଜି,ମାଣ୍ଡିଆ
କାନ୍ଦୁଲ,କୋଳଥ,ବିରି,ମୁଗ
ଜହ୍ନ ଉକିଆରେ କେମିତି ଝଲସିଉଠେ
ଦଦରା କାନ୍ଥ ଖାଳଢିପ ରାସ୍ତା
ଅଭାବୀ ଜୀବନର ଭୋକିଲା ମୁହଁ ।


♥ ଖୁଣ୍ଟିଆ, କଳାହାଣ୍ଡି


## ମାନସୀ

**ଦିନେଶ ମେହେର**



ବୋଧେ ଫେରିଯିବାଟା ହିଁ ତମ ଶେଷ ରାସ୍ତା,
ନହେଲେ ଅଧାଗଢ଼ା ହେଇ ବଞ୍ଚିଥିବା ଜୀବନଟି
କେତେବେଳେ କେଉଁ ମୋଡ଼ ନେଇଯିବ
ନା ତମେ ଜାଣିଛ, ନା କେବେ ଜାଣି ପାରିବ।

ଯାଅ ଏଥର ଫେରିଯାଅ
ତମର ସେଇ ପୁରୁଣା ଠିକଣାକୁ,
ଯେଉଁଠି ତମେ ବହୁତ ଭଲରେ ଥିଲ
ଖୁସିରେ, ଆନନ୍ଦରେ, ଉଲ୍ଲାସରେ
ଯେଉଁଠି ସ୍ୱପ୍ନ ଦେଖିଥିଲ ଆକାଶର ଜହ୍ନକୁ,
ଜହ୍ନ ଚାରିପଟେ ଘେରି ରହିଥିବା ମିଞ୍ଜୀମିଞ୍ଜି ତାରାଫୁଲକୁ,
ହେଲେ ସେସବୁ କଣ
ତମର ବିଶ୍ୱାସ ଭିତରେ ସାଇତି ରହି ପାରିଛି ?

ନା,
ଏହା କେବଳ ସ୍ୱପ୍ନ ନୁହେଁ ତ ଆଉ କଣ,
ଯନ୍ତ୍ରଣାର ଜଉଘର ଭିତରେ
ମେଞ୍ଚାଏ ଆଶାକୁ ଆଲୋକ ସଜେଇ
ଆଉ କେତେଦିନ ବଞ୍ଚିବାର ମିଛ ଅଭିନୟ କରିବ
କେତେଦିନ ଅପମାନର ମିଛ ଅଳଙ୍କାରରେ
ନିଜକୁ ସଜେଇ ଦେଇ
ଭଙ୍ଗା ଆଇନା ଆଗରେ ନିଜର ମୁହଁକୁ
ଦେଖେଇ ଦେଖେଇ ପାଲଟି ଯିବ ହତଭାଗ୍ୟ,

ଯାଅ,
ଏଥର ଫେରିଯାଅ,
କିନ୍ତୁ ଯିବା ଆଗରୁ
ଫେରେଇ ଦିଅ ଶଙ୍ଖଚିଲର ହଳେ ଡେଣା,
ଫେରେଇ ଦିଅ ରଙ୍ଗୀନ ପ୍ରଜାପତିର ରଙ୍ଗ
ଫେରେଇ ଦିଅ ଗୋଲାପର ବାସ୍ନା
ଆଉ ଫେରେଇ ଦିଅ ଜହ୍ନର ଜ୍ୟୋସ୍ନା
ପାରିବ ତ ଫେରେଇ ଦେବ
କୋଇଲିର କୁହୁତାନ
ଫେରେଇ ଦିଅ ସଙ୍ଗୀତର ସାତସୁର.... !

ଦେଖ,
ଏବେ ଯଦି ନ ଫେରିବ
କାଳେ ମୋ ଅବଶିଷ୍ଟ ଆୟୁଷ ତମକୁ
ହାତଠାରି ଦୂର ଆକାଶର ଡାକିବେ
ମୋ ଆଖିର ଲୁହ ବୋଧେ ବନ୍ଦ କରିଦେବ
ତମର ସବୁତକ ବାଟ,
ସେତେବେଳେ ହୁଏତ ମନା କରିବା
ତମ ପାଇଁ ଭାରି କଷ୍ଟ ହେଇ ଯାଇପାରେ,

ସେତେବେଳକୁ,
ନେଡି ଗୁଡ଼ କହୁଣିକୁ ବହିଗଲେ ଆଉ
ଫେରେଇ ପାରିବନି ନିଜର ବିଶ୍ୱାସ..... !


♥ ଜୁନାଗଡ଼, କଳାହାଣ୍ଡି


## ରଜ ଆସିଛି

**ବାବାଜୀ ଚରଣ ଜେନା**



ରଜ ଆସିଛିରେ
ଆଜି ରଜ ଆସିଛି
ଘରେ ଘରେ ବନ୍ଧୁବାନ୍ଧଙ୍କ ଭିଡ ଜମିଛି
ପୁରଦିଆ ପୋଡପିଠା ମହମହ ବାସୁଛି
ରଜ ଆସିଛି...।

ନିଦାଘ ନିଆଁରେ ପରା
ଜଳୁଥିଲା ଦେହ
ମଉସୁମି ଓଦା କଲା
ମାଟିମାଆ ଦେହ
ଟିକେ ଖରା ଟିକେ ଛାଇ
କେବେ ବର୍ଷା ହୁଏ
ଥଣ୍ଡା ପବନରେ କେତେ
ସ୍ୱପ୍ନ ଭରି ଦିଏ
ଗାଆଁ ତୋଟା ଗଛ ଡାଳେ
ଦୋଳି ଖେଳ ଚାଲିଛି
ଝିଅ ବୋହୁ ପିଲାଙ୍କର
ଭିଡ କେତେ ଲାଗିଛି
ରଜ ଆସିଛି ...।

ଉଡୁଛନ୍ତି ପ୍ରଜାପତି
ଡେଣା ଝାଡି ଦେଇ
ଖେଳୁଛନ୍ତି କେତେ ପୁଣି
ନୂଆ ଜାମା ନାଇ
ରଜ ପାନ ଖାଇ କିଏ
ହସେ ଖିଲିଖିଲି
ସାଙ୍ଗ ସାଥିରେ କେ
ନାଚେ ଢଳିଢଳି
ନୂଆ ଭାଉଜ ଚନ୍ଦନେ
ସଜ କରି ଦେଇଛି
ଲୁଡୁ ତାଆସ ପଶା
ଆସରତ ଜମିଛି
ରଜ ଆସିଛି ...।


♥ ଅହଲ୍ୟା ନିବାସ
ପୋପରଡା
ନୂଆବଜାର, କଟକ-୪
(ମୋ) ୯୪୩୭୮୩୪୭୧୯

# ଲେଖକଟିଏ ସମାଜରେ ଦେଖା ଯାଉଥିବା ଅବ୍ୟବସ୍ଥା ପ୍ରତି ଦୃଷ୍ଟିପାତ କରି ଲେଖନୀ ଚାଳନା କଲେ ନିଶ୍ଚିତ ରୂପେ ଏକ ପରିବର୍ତ୍ତନର ଧାରା ପ୍ରବାହିତ ହୋଇପାରିବ: କମଳିନୀ ମଲ୍ଲିକ

**କମଳିନୀ ମଲ୍ଲିକ** ଓଡ଼ିଆ ସାହିତ୍ୟ ଜଗତରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ। ଅଧୁନା ରାଜ୍ୟ ସଚିବାଳୟର ସ୍ୱରାଷ୍ଟ୍ର ବିଭାଗରେ ବରିଷ୍ଠ ପ୍ରମୁଖ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରୁଥିବା କମଳିନୀ କେବଳ ଗପ ନୁହେଁ, ଶିଶୁମାନଙ୍କ ପାଇଁ ଗଳ୍ପ ଓ କବିତା ଲେଖି ନିଜପାଇଁ ତିଆରି କରିଛନ୍ତି ସୃଷ୍ଟିର ବଳୟ । ସେ ତାଙ୍କ ଲେଖାରେ କେବଳ ସମସ୍ୟା ନୁହେଁ ସମାଧାନର ସୂତ୍ର ଖୋଜି ପାଠକଙ୍କୁ କରିଛନ୍ତି ଆଶ୍ୱସ୍ତ । "ଦିନଥିଲା ଯେତେବେଳେ ପୁରସ୍କାର ପ୍ରଦାନ ପାଇଁ ଉପଯୁକ୍ତ ସ୍ରଷ୍ଟାଙ୍କୁ ଖୋଜା ପଡୁଥିଲା । କିନ୍ତୁ ଏବେ ତ ଲେଖକମାନେ ପୁରସ୍କାର ଖୋଜୁଛନ୍ତି " ବୋଲି କହୁଥିବା ଏହି ଲେଖିକାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ **କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?**

■■ ଯେତେବେଳେ ମୁଁ ଷଷ୍ଠ କିମ୍ବା ସପ୍ତମ ଶ୍ରେଣୀରେ ପଢୁଥିଲି, ଆମ ସ୍କୁଲର ଏକାଦଶ ଶ୍ରେଣୀର ଝିଅମାନଙ୍କ ପାଇଁ ଏକ ବିଦାୟସଭା ଅନୁଷ୍ଠିତ ହେଇଥିଲା ଏବଂ ସେହି ବିଦାୟସଭା ପାଇଁ ମୁଁ ବଡ ଭଉଣୀମାନଙ୍କ ପାଇଁ ଏକ କରୁଣଭରା ବିଦାୟୀ ସଙ୍ଗୀତ ଲେଖିଥିଲି ଓ ତାହାକୁ ଆମେ ଦୁଇ ତିନି ଜଣ ମିଶି ସ୍ୱର ଦେଇ ଗାଇଥିଲୁ । ସେହି ଗୀତ ସବୁ ଶିକ୍ଷୟତ୍ରୀ ଏବଂ ସ୍କୁଲର ଚେୟାରମ୍ୟାନଙ୍କ ଦ୍ୱାରା ଖୁବ୍ ପ୍ରଶଂସିତ ହୋଇଥିଲା । ତାପରେ ମୁଁ ପ୍ରତିବର୍ଷ ଆମ ଶ୍ରେଣୀ ପାଇଁ ବିଦାୟୀ ଏକାଦଶ ଶ୍ରେଣୀର ବଡ ଭଉଣୀମାନଙ୍କ ପାଇଁ ବିଦାୟ ସଙ୍ଗୀତ ଲେଖେ । ସେହି ସମୟ ଭିତରେ ଆମ ଗାଁ ବାଳକାଟିର କଂସା ପିତଳ ସୋସାଇଟିର ଉଦ୍‌ଘାଟନ ଉତ୍ସବକୁ ସେତେବେଳେ ଶିଳ୍ପମନ୍ତ୍ରୀ ଥିବା ନିରଂଜନ ପଟ୍ଟନାୟକ ଯାଇଥିଲେ ଏବଂ ସେହି ସଭା ପାଇଁ ମୁଁ ଏକ ପ୍ରାରମ୍ଭିକ ସଙ୍ଗୀତ ମଧ୍ୟ ଲେଖିଥିଲି ଯାହାକି ବାଳକାଟି ସାରା ପ୍ରଚାରିତ ହୋଇଥିଲା ଏବଂ ପ୍ରାୟ ସମସ୍ତେ ଏହାର ପଦେ ଅଧେ ଗୁଣୁଗୁଣେଇ ଗାଉଥିଲେ । ଏହି ଗୀତ ଲେଖିବାର ଇଚ୍ଛା ଓ ଚେଷ୍ଟା ମୋ ଭିତରେ ଲେଖନୀର ଆଗ୍ରହ ସୃଷ୍ଟି କରେଇଥିଲା । ପରେ ମୋ ବଡଭାଇ ତୁଲ୍ୟ ଶ୍ରୀଯୁକ୍ତ ବିଧୁଭୂଷଣ ପଟ୍ଟନାୟକଙ୍କ ସମ୍ପାଦନାରେ ପ୍ରକାଶିତ ହେଉଥିବା ଶିଶୁ ଓ କିଶୋର ପତ୍ରିକା "ଟିକିଫୁଲ"ରେ ଯେତେବେଳେ ମୁଁ ସଂଭ୍ରମରେ ପଠେଇ ଥିବା ଗପଟି ପ୍ରକାଶିତ ହୋଇଗଲା, ସେତେବେଳେ ମୁଁ ଲେଖି ପାରୁଛି ବୋଲି ସମସ୍ତେ ଜାଣିବା ସହ ମୋ ଭିତରେ ମଧ୍ୟ ସୃଜନଶୀଳତାର ବୀଜଟି ଆହୁରି ଅଙ୍କୁରିତ ହୋଇଥିଲା ।ଏବଂ ତାହାପରେ ମୁଁ ଅନେକ କବିତା, ଗୀତ, ଗପ ଲେଖିଲି ଏବଂ ସେସବୁକୁ ଗୋଟେ ଖାତାରେ ଟିପି ରଖୁଥିଲି। ଯଦିଓ ସେସବୁ ପତ୍ରପତ୍ରିକାରେ ପ୍ରକାଶିତ କରାଇବାର ଧାରା ମୁଁ ସେତେବେଳେ ଜାଣିନଥିଲି, କିନ୍ତୁ ମୋ ଭିତରେ ସୃଜନକଳା ରହିଛି ବୋଲି ନିଜେ ବେଶ୍ ଅନୁଭବ କରି ପାରୁଥିଲି । ଯାହା ମୋର ସୃଜନର ଆଦ୍ୟ ସ୍ଫୁରଣ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

■ **ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବରେ ଆପଣ କାହାକୁ ସ୍ମରଣ କରିବେ ?**

■■ କିଶୋରୀ ବୟସରୁ ମୋ ଭିତରେ ଲେଖିବାର କଳାଟି ଯେହେତୁ ସ୍ୱତଃ ଆଲୋଡିତ ହୋଇଥିଲା ସେହେତୁ ଯେତେବେଳେ ଯାହା ମନକୁ ଆସୁଥିଲା ଲେଖୁଥିଲି । କିଛି ଗୋଟେ ଲେଖିଦେଲେ ନିଜେ ନିଜେ ଖୁବ୍ ଆନନ୍ଦ ପାଉଥିଲି । ହଁ, ଯଦି ଗୁରୁଙ୍କ ପ୍ରସଙ୍ଗ ଉଠେ, ତେବେ ଏତିକି କହିବି ଯେ ଟିକିଫୁଲ ର ସମ୍ପାଦକ ଶ୍ରୀଯୁକ୍ତ ବିଧୁଭୂଷଣ ପଟ୍ଟନାୟକ (ଯିଏ କି ମୋ ସହପାଠିନୀର ବଡଭାଇ ଅଟନ୍ତି)ଙ୍କୁ ମୁଁ ମୋର ଆଦ୍ୟଗୁରୁ ଭାବରେ ସ୍ୱୀକାର କରିବି, କାରଣ ମୋର ଶିଶୁ ଗପଟିକୁ ସିଏ ଅକୁଣ୍ଠଭାବରେ ଆଗ୍ରହର ସହିତ ତାଙ୍କ ପତ୍ରିକାରେ ପ୍ରକାଶିତ କରିଥିଲେ ନାମହୀନ ଗପ ବିଭାଗରେ । ତାହା ବି ମୁଁ ପରେ ଜାଣିଥିଲି ପତ୍ରିକା ପାଇଲା ପରେ । ଏବଂ ତାଙ୍କ ପରେ ଡ. ରଜନୀରଂଜନ ସାର୍, ଅରୁଣ ଚନ୍ଦ୍ର ମହାନ୍ତି ସାର୍, ଅଜୟ ସ୍ୱାଇଁ ସାର୍, ଏମାନେ ସମସ୍ତେ ମୋର ଜଣେ ଜଣେ ଗୁରୁ ଭାବରେ ମୋ ଲେଖନୀ ପଥରେ ଠିଆ ହୋଇଥିଲେ ଏବଂ ମୋତେ ପ୍ରେରଣା ଓ ମନୋବଳ ମଧ୍ୟ ଦେଇଥିଲେ ଲେଖିବା ପାଇଁ ।

■ **ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?**

■■ ବର୍ତ୍ତମାନ ସାମାଜିକ ପରିସ୍ଥିତ ଯେଭଳି ଜଟିଳ ହେଉଛି ଏବଂ ତଦ୍ୱାରା ଦୈନନ୍ଦିନ ଯେଉଁ ସମସ୍ୟା ଓ ସେଥିପାଇଁ ମଣିଷର ମାନସିକ ଅବସ୍ଥା ଯେଉଁଭଳି ଦୁର୍ବଳ ଓ ଦୁର୍ବିସହ ହେଉଛି, ଯେଉଁଭଳି ବିଭ୍ରାନ୍ତି ଓ ବିଶୃଙ୍ଖଳିତ ହେଉଛି, ସେସବୁ ଉପରେ ଲେଖକମାନଙ୍କର ଚିନ୍ତନ, ଅନୁଶୀଳନ ଓ ସୃଜନ ହେବା ମୋ ମତରେ ଏକାନ୍ତ ବାଞ୍ଛନୀୟ । କାରଣ ସମାଜ ଭିତରେ ସାହିତ୍ୟ ଓ ସାହିତ୍ୟ ଭିତରେ ସମାଜ ସର୍ବଦା ଉଦ୍‌ବୁଦ୍ଧ ହେଉଥାଏ । ସମାଜର ବିଭିନ୍ନ ଘଟଣାବଳୀରୁ ସାହିତ୍ୟ ଯେପରି ସୃଷ୍ଟି ହୋଇଥାଏ, ସେପରି ସାହିତ୍ୟ ମାଧ୍ୟମରେ ସମାଜର ବହୁ ପରିବର୍ତ୍ତନ ଓ ମଙ୍ଗଳସାଧନ ହୋଇ ପାରିଥାଏ । ସାଂପ୍ରତିକ ପରିସ୍ଥିତିରେ ଜୀବନର ଧାରା ଯେପରି ଜଟିଳ ଓ ସମସ୍ୟାବହୁଳ ହେଉଛି, ତାହାର ସମାଧାନ ହୁଏତ କେତେଦୂର ହେଇ ପାରୁଛି, ତାହା କହିବା ଅନାବଶ୍ୟକ, କିନ୍ତୁ ସାହିତ୍ୟ ଯେ ସେସବୁକୁ ଆଡେଇ ଜୀବନ, ମନ ଓ ସାମାଜିକ ସ୍ତରକୁ ସହଜ ସରଳ କରିବା ସହ ଟିକେ ଶାନ୍ତି ଓ ସଦ୍‌ଭାବନାରେ ବଂଚିବାର ଖୋରାକ ଯୋଗାଏ, ଏଥିରେ ମୁଁ ସ୍ଥିର ନିଶ୍ଚିତ । କାରଣ ସାହିତ୍ୟର ସାରସ୍ୱତ ଧାରା ପ୍ରାଣକୁ ବହୁମାତ୍ରାରେ ପ୍ରଭାବିତ କରାଏ । ଦ୍ୱିତୀୟ କଥା ହେଉଛି ଲେଖକମାନେ ପ୍ରଥମେ ବ୍ୟକ୍ତିଗତ ସମସ୍ୟା ଉପରେ ଗୁରୁତ୍ୱ ଦେବା ଉଚିତ୍ । ଲେଖା ମାଧ୍ୟମରେ ମାନବବାଦର ଚେତନା ଓ ଜାଗରଣ ଉଦ୍ରେକ ହେବା ଉଚିତ୍ । କାରଣ ଆମ ପାରିପାର୍ଶ୍ୱିକ ପରିସ୍ଥିତି ଯେମିତି ଜଟିଳ ଓ ଛଳନାମୟ ହେଇ ଚାଲୁଛି, ସେଠାରେ ମଣିଷଟିଏ ନିଜକୁ ସାମିଲ ବା ସାଲିସ୍ କରି ଚଳିବାକୁ ବାଧ୍ୟ ହେଲେ ମଧ୍ୟ ଅତିକ୍ରମ କରୁଥିବାବେଳେ ଅଣନିଃଶ୍ୱାସୀ ହେଉଛି । ଏପରିକି ଆମର ଅତି ପାଖ ଓ ପରିଚିତ ବ୍ୟକ୍ତିଟିଏ ବି ଭିତରେ କେତେ ଅସହାୟ ଓ ଦୁଃଖୀ; କେତେ ସମସ୍ୟା ଭିତରେ ଗତି କରୁଛି, ତାହା ଆମେ ଜାଣି ପାରୁନା । ବ୍ୟକ୍ତିଟିଏ ଭଲରେ ଥିଲେ ପରିବାର ଭଲରେ ଚଳେ, ଭଲ ପରିବାରଟିଏ ମଧ୍ୟ ସମାଜକୁ ପ୍ରଭାବିତ କରାଏ, ସମାଜ ଗୋଷ୍ଠୀକୁ, ଗୋଷ୍ଠୀ ଜିଲ୍ଲାକୁ, ଜିଲ୍ଲା ରାଜ୍ୟକୁ ଓ ରାଜ୍ୟ ସମଗ୍ର ଦେଶକୁ । ସୁତରାଂ ସାହିତ୍ୟ କେବଳ ଜଣ ଜଣଙ୍କ ପାଇଁ ନୁହେଁ, ଏହା ସମସ୍ତଙ୍କ ପାଇଁ। ସାହିତ୍ୟର ରସ ଓ ଉପାଦାନ ବ୍ୟକ୍ତିରୁ ଦେଶଯାଏ ବ୍ୟାପ୍ତ । ଯେହେତୁ ସାହିତ୍ୟ ଏକ ଅସରନ୍ତି ଉତ୍ସ ଓ ଚିର ପ୍ରବାହିତ ଧାରା, ଏହି ମୂଳ ଚେତନାକୁ ହୃଦୟଙ୍ଗମ କରି ଲେଖକମାନେ ସକ୍ରିୟ ରହିବା ଉଚିତ୍ ।



■ **ଅଳ୍ପରେ କମଳିନୀ ମଲ୍ଲିକ**

ପିତା - ସ୍ୱର୍ଗତ କୁଞ୍ଜ ବିହାରୀ ମଲ୍ଲିକ
ମାତା - କନକ ମଲ୍ଲିକ
ଜନ୍ମ ତାରିଖ - ୦୧/୦୫/୧୯୬୭
ଜନ୍ମ ସ୍ଥାନ - ବାଳକାଟି(ପ୍ରତାପ ଶାସନ)
ଜିଲ୍ଲା - ଖୋର୍ଦ୍ଧା

**ପ୍ରକାଶିତ ପୁସ୍ତକ**

ଗଳ୍ପ ସଂକଳନ
୧- ଭସା ବାଦଲର ଛାଇ,
୨- ଉଜାଣି ଯମୁନା

ଶିଶୁ କିଶୋର ସଂକଳନ
'କଥା କୁସୁମ'- ଗଳ୍ପ
'କବିତା କଳିକା'- କବିତା
ପ୍ରକାଶିତ ହେବାକୁ ଯାଉଛି 'ଅଳନ୍ଧୁ ଝଡିଗଲା ପରେ'

■ **ତୁଳନାତ୍ମକ ଭାବରେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?**

■■ ଏହା ନିଶ୍ଚିତ ସ୍ୱୀକାର୍ଯ୍ୟ ଯେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଛି । ଆଉ କୌଣସି ପତ୍ରପତ୍ରିକା ପାଇଁ ଗଳ୍ପର ସ୍ୱଳ୍ପତା ଅନୁଭବ କରି ହେଉନାହିଁ । ଏବଂ ସେଇ ପରିମାଣକୁ ଦେଖିଲେ ଗାଳ୍ପିକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି କିମ୍ବା ଜଣେ ଜଣେ ଗାଳ୍ପିକ ଏକା ସମୟରେ ଅନେକ ଗଳ୍ପ ଲେଖୁଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଗଳ୍ପର ପରିମାଣ ତୁଳନାରେ ପାଠକଙ୍କ ସଂଖ୍ୟା କାହିଁକି କମି ଯାଉଛି । ଉତ୍ତର ମଧ୍ୟ ଖୁବ୍ ସହଜ ଓ ସ୍ପଷ୍ଟ । କେବଳ ପରିଚୟ ଓ ପ୍ରତିଷ୍ଠା ପାଇଁ ବିଭିନ୍ନ ପତ୍ରପତ୍ରିକାରେ ନିଜକୁ ସ୍ଥାନିତ କରିବା ପାଇଁ ଗଳ୍ପ ଲେଖିଦେଲେ, ହୁଏ ନାହିଁ । ଉପନ୍ୟାସ ଯଦି ଏକ ବିସ୍ତୃତ ପୃଷ୍ଠଭୂମି ହୁଏ, ଗଳ୍ପ ହେଉଛି ଜୀବନର ଖଣ୍ଡାଂଶ ମାତ୍ର । ଏବଂ ଏହି ଖଣ୍ଡାଂଶକୁ କିଭଳି ଭାବରେ ଶବ୍ଦ, ଭାବ ଓ ଭାଷାର ପୁଟ ଦେଇ ପାଠକ ନିକଟରେ ପୂର୍ଣ୍ଣତାର ଛବି ଫୁଟେଇ ପାରିବ, ତାହା ହିଁ ବିଶେଷତ୍ୱ ବହନ କରେ ଏବଂ ଏହା ଲେଖକର ନିଜସ୍ୱ ଧୀ, ପ୍ରଜ୍ଞା ଓ ଅଭିଜ୍ଞତା ଉପରେ ନିର୍ଭର କରେ । କିନ୍ତୁ ଜୀବନର ବାସ୍ତବତା ଏବେ ଲେଖାଯାଉଥିବା ଗଳ୍ପରେ କାହିଁ? ଅଳ୍ପ କଥାରେ ବିରାଟର ଉପଲବ୍ଧି କାହିଁ? ତାଛଡା ବର୍ତ୍ତମାନର କାହାଣୀରେ ଶବ୍ଦର କଠିନତା, ଭାଷାର ଚାତୁରି ଏପରି ବିସ୍ତାର କରିଛି ଯେ, ଗଳ୍ପରେ ଭାବ, ଆବେଗ ବା ଉଦ୍‌ବେଳନର ଶୀଥିଳତା ଆସିଛି । ଗଳ୍ପ ଲେଖାର ଶୈଳୀରେ ଏପରି ଚାତୁରୀ ଓ ଅବୁଝାପଣର କଠିନତାକୁ ଭରି ଦିଆଯାଇଛି ଯେ ଅଧିକାଂଶ ଗଳ୍ପ ଅବୋଧ ହେବା ସହ ପାଠକଟି ମଧ୍ୟ ଅଧାରୁ ଭାରାକ୍ରାନ୍ତ ହେଇ ଯାଉଛି । ସୁତରାଂ ଗଳ୍ପର ପରିମାଣ ଯେତେ ଅଧିକ ହେଉ ନା କାହିଁକି, ତାହା ଯଦି ପାଠକର ହୃଦୟକୁ ନ ଛୁଇଁଲା, ତାକୁ ମନସ୍କ କରାଇବାରେ ସମର୍ଥ ନ ହେଇ ପାରିଲା ଏବଂ ଗଳ୍ପ ସରଳ, ତରଳ ଭାବଧାରାରୁ ବିଚ୍ୟୁତି ହେଲା, ସାଧାରଣ ପାଠକ କାହିଁକି ଗପଟିଏ ପଢିବାର ଜିଜ୍ଞାସା ରଖିବ । ତେଣୁ ଗଳ୍ପରେ ଯଦି ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭ କରି ସାମାଜିକ ଜୀବନ ଏବଂ ଜାତୀୟ ଜୀବନର ସମସ୍ୟା ଓ ତାର ସମାଧାନ, ଆସୁଥିବା ଦୁଃଖକଷ୍ଟ ଏବଂ ସେଥିରୁ ସୁଖକୁ ସାଉଁଟିବାର ଇଚ୍ଛା, ହଜେଇବା ଏବଂ ପାଇବାର ଅନ୍ୱେଷା ଅବତାରଣା କରାଯାଏ, ଏ ସମସ୍ୟା ଅଚିରେ ସମାଧାନ ହେଇ ପାରିବ, ଏହା ନିଃସନ୍ଦେହ।

■ **କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ, ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ସାହିତ୍ୟ କହିଲେ ସାଧାରଣତଃ ଆମେ ମାତୃଭାଷାକୁ ହିଁ ବୁଝୁଥାଉ, ଯେଉଁ ଭାଷା ଆମ ସହିତ ଜନ୍ମରୁ ମୃତ୍ୟୁ ଯାଏ ଥାଏ । ଏବଂ ଏହି ମାତୃଭାଷା ମାଧ୍ୟମରେ ହିଁ ଆମ ଜୀବନର ବିକାଶ ଘଟିବା ସଙ୍ଗେ ସଙ୍ଗେ ଜ୍ଞାନବିଜ୍ଞାନ, ଶିକ୍ଷା, ସଂସ୍କୃତି ଏବଂ ସର୍ବୋପରି ଜୀବନକୁ ଆଗେଇ ନେବା ପାଇଁ ବିଭିନ୍ନ ଦିଗ ଓ ଦୃଷ୍ଟାନ୍ତ ଦେଖାଇଥାଏ । କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ଆମେ ଯଦିଓ ମାତୃଭାଷା ଆଧାରରେ ବଢିଛୁ, ଭାବର ଆଦାନପ୍ରଦାନ ଓ ଶିକ୍ଷାର ପ୍ରଥମ ମୂଳଦୁଆ ଉପରେ ଠିଆ ହୋଇ ଉର୍ଦ୍ଧ୍ୱକୁ ଦେଖିବାରେ ସକ୍ଷମ ହେଇ ପାରିଛୁ, କିନ୍ତୁ ପରେ ପରେ ସେଇ ମାତୃଭାଷା ଆମ ଦ୍ୱାରା ହିଁ ଅବହେଳିତ ହେଇ ଯାଉଛି । ଜୀବନ ଓ ଜୀବିକାର ଦାୟରେ ଉଚ୍ଚଶିକ୍ଷା ପ୍ରାପ୍ତି ହେଉ ଅଥବା ଚାକିରି, ବ୍ୟବସାୟ ସଂସ୍ଥାନ ପାଇଁ ହେଉ, ସେ କ୍ଷେତ୍ରରେ ଆଉ ମାତୃଭାଷା ନୁହେଁ ଇଂରାଜୀ ଓ ହିନ୍ଦୀ ଭାଷାର ବ୍ୟବହାର ଆବଶ୍ୟକ ପଡୁଛି । କିନ୍ତୁ ଆମ ମାତୃଭାଷା ହିଁ ଆମର ପରିଚୟ, ପ୍ରତିଷ୍ଠା ଓ ସ୍ୱାଭିମାନ । ଆମ ଗାଥା ଓ ଗୌରବର ବାହକ । ଆମ ଜାତି ଓ ମାଟିର ମହକ, ତାର ଅତୀତ ଓ ଭବିଷ୍ୟତ । ସୁତରାଂ ଯଦିଓ ଇଂରାଜୀ ଭାଷାର ବହୁଳ ପ୍ରଚାର ଓ ଆଦର ବଢିଛି, ତଥାପି ମାତୃଭାଷା ଯେ ସଙ୍କଟରେ, ମୋ ମତରେ ଏହା ଏତେଟା ପ୍ରମାଣସିଦ୍ଧ ନୁହେଁ। ସତ କହିଲେ ମାତୃଭାଷାରେ ସଙ୍କଟ ଆସିବା ଏତେ ସହଜ ନୁହେଁ କିମ୍ବା ଆସିବ ନାହିଁ ମଧ୍ୟ ।

■ **ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା ଲେଖାରେ ସେସବୁର ପରିବର୍ତ୍ତନ କରି ପାରିବ ବୋଲି ଆପଣ କେତେ ଆଶାବାଦୀ ?**

■■ ବର୍ତ୍ତମାନର ସମାଜ ଏବଂ ସାମାଜିକ ଚଳଣି ବା ଚିତ୍ରରେ ଯଦିଓ ସହଜ ଓ ସୁଖମୟ ଜୀବନଧାରଣ ପାଇଁ ବହୁ ସୁବିଧା ସୁଯୋଗର ବ୍ୟବସ୍ଥା ରହିଛି, ତଥାପି ସେଇସବୁ ବ୍ୟବସ୍ଥା ଭିତରେ ବହୁ ଅବ୍ୟବସ୍ଥା ଦେଖା ଯାଉଛି, ଯାହାକୁ ସାଧାରଣ ଜନତା ସାମ୍ନା କରୁଥିଲାବେଳେ ଜୀବନ ଦୁର୍ବିସହ ଓ ଦୟନୀୟ ହେଉଛି ଏବଂ ଜୀବନଧାରଣର ମାନ ଓ ମର୍ଯ୍ୟାଦା ମଧ୍ୟ କ୍ଷଣଭଙ୍ଗୁର ହୋଇ ଗତି କରିବାକୁ ବାଧ୍ୟ ହେଉଛି । ମୋର ଏତିକି ବିଶ୍ୱାସ ଯେ ଲେଖକ ତାର ଲେଖା ମାଧ୍ୟମରେ ଏହିସବୁ ଅବ୍ୟବସ୍ଥା ବା ବିଶୃଙ୍ଖଳା ଉପରେ ଲେଖନୀ ଚାଳନା କରି ପ୍ରତିବାଦ ଓ ପ୍ରତିରୋଧର ଦୃଢ ସ୍ୱର ଉଠାଇବା ସଙ୍ଗେ ସଙ୍ଗେ ତାହାର ନିରାକରଣ ବା ସମାଧାନର ସ୍ପଷ୍ଟ ଉଚ୍ଚାରଣ ରଖିଲେ, ହୁଏତ ଏହି ଅବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଦୂର ନ ହୋଇପାରେ, କିନ୍ତୁ କିଛି ସମାଧାନ ବା ସଂଶୋଧିତ ହେବାର ଆଶା ଓ ଭରଷାକୁ ଅସ୍ୱୀକାର କରାଯାଇ ନପାରେ । ସେଥିପାଇଁ କୁହାଯାଏ ଅସୀଠାରୁ ମସୀର ଶକ୍ତି ଅଧିକ । ମସୀ ଚାଳନାରେ ହୃଦୟରେ ନବ ଚେତନା ଓ ଶୁଦ୍ଧ ସଂସ୍କାରର ନିର୍ଝର ସୃଷ୍ଟି କରାଏ । ମୃତ୍ୟୁ ନୁହେଁ ଜୀବନ୍ୟାସ ଦିଏ । ଅତଏବ ଲେଖକଟିଏ ସମାଜରେ ଦେଖା ଯାଉଥିବା ଅବ୍ୟବସ୍ଥା ପ୍ରତି ଦୃଷ୍ଟିପାତ କରି ଲେଖନୀ ଚାଳନା କଲେ ନିଶ୍ଚିତ ରୂପେ ଏକ ପରିବର୍ତ୍ତନର ଧାରା ପ୍ରବାହିତ ହୋଇପାରିବ ।

■ **ଓଡିଆ ସାହିତ୍ୟର ସ୍ଥିତିଶୀଳତା ସମ୍ପର୍କରେ କଣ କହିବେ ?**

■■ ଓଡିଆ ସାହିତ୍ୟର ସ୍ଥିତିଶୀଳତା ସମ୍ପର୍କରେ ମୁଁ ଏତିକି କହିବି ଯେ ଏହା ମଜବୁତ ଏବଂ ଚିରସ୍ଥାୟୀ । ଓଡିଆ ଭାଷାର ତୁଳନା ନାହିଁ କି ତା'ର ଅବକ୍ଷୟ ମଧ୍ୟ ନାହିଁ । ଯେଉଁ ଭାଷାର ମୂଳଦୁଆ ପ୍ରାଚୀନ ଓ ମଜବୁତ, ଯେଉଁ ଭାଷା ସାହିତ୍ୟ ଯୁଗ ଯୁଗାନ୍ତର କଥା କୁହେ, ତାର ସ୍ଥିତିଶୀଳତା ଉପରେ ପ୍ରଶ୍ନ ବା ଆଶଙ୍କା କରିବା ଅପେକ୍ଷା ସେଭଳି ଭାଷା ସାହିତ୍ୟର ସୁରକ୍ଷା ଓ ବିକାଶ ଦିଗରେ ଅଧିକ ମନନଶୀଳ ହେବା ବିଧେୟ । ଗୋଟିଏ ଜାତିର ପରିଚୟ ଓ ଗୌରବ ହେଉଛି ତାର ଭାଷା, ସାହିତ୍ୟ ଓ ସଂସ୍କୃତି । ଏବଂ ଏହାର ସ୍ଥିତିଶୀଳତା ମଧ୍ୟ ଆମ ହାତରେ ରହିଛି ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ସାହିତ୍ୟିକ ବନାମ ସ୍ରଷ୍ଟା । ଈଶ୍ୱର ସଂସାରକୁ ସୃଷ୍ଟି କରି ସଂସାରର ଚିତ୍ର ଓ ଚରିତ୍ରର ଭିନ୍ନ ଏକ ଅନ୍ତର୍ନିହିତ ଛବିର ସୃଷ୍ଟି ପାଇଁ ଯେଉଁ ମଣିଷ ହାତରେ ଲେଖନୀ ଧରେଇ, ଲେଖିବାର ସାମର୍ଥ୍ୟ ଭରିଥାନ୍ତି, ସେଇ ହିଁ ଈଶ୍ୱରଙ୍କ ସୃଷ୍ଟିରେ ଅନ୍ୟ ଏକ ସ୍ରଷ୍ଟା ବା ସାହିତ୍ୟିକର ପରିଚୟ ପାଇଥାଏ । ଏଥିପାଇଁ ପୁରସ୍କାର ଯେ ଅତ୍ୟନ୍ତ ଜରୁରୀ, ଏହା ଭାବିବା ଭୁଲ୍ । ଯିଏ ନିଜେ ସ୍ରଷ୍ଟା, ତା ପାଇଁ ପୁରସ୍କାରର ମାନଦଣ୍ଡ କଳନୀୟ ନୁହେଁ । ଅନ୍ୟ ପକ୍ଷରେ ଯଦି ଲେଖାର ପ୍ରକୃଷ୍ଟ ମାନ ଓ ଗୁଣବତ୍ତା ଥାଏ, ଯଦି ପାଠକର ହୃଦୟକୁ ଛୁଇଁଯାଏ, ଆନ୍ଦୋଳିତ କରୁଥାଏ, ପାଠକକୁ ବିଦଗ୍ଧ କରାଏ ଏବଂ ମାନସିକ ସ୍ତରରେ ପରିବର୍ତ୍ତନ ଘଟାଏ, ତାହା ହିଁ ଲେଖକ ପାଇଁ ଶ୍ରେଷ୍ଠ ପୁରସ୍କାର । ପାଠକୀୟ ସ୍ୱୀକୃତି ତଥା ଆଦୃତିଠାରୁ ବଡ ପୁରସ୍କାର ଆଉ କଣ ଥାଇପାରେ । ଅବଶ୍ୟ ପୁରସ୍କାର ବା ସମ୍ବର୍ଦ୍ଧନା ଲେଖକକୁ ଅଧିକ ସଚେତନ କରାଏ, ପ୍ରେରଣା ଯୋଗାଏ ଏବଂ ଆତ୍ମସମ୍ମାନ ଆଣିଦିଏ । କିନ୍ତୁ ଏଥିପାଇଁ ଲେଖକଟିଏ ବ୍ୟାକୁଳ ହେବା ଉଚିତ୍ ନୁହେଁ କିମ୍ବା ପୁରସ୍କାର ପାଇବା ଆଶାରେ ନିଜ ପରିଚୟକୁ ଭୁଲିଯିବା ମଧ୍ୟ ଉଚିତ୍ ନୁହେଁ । ବର୍ତ୍ତମାନ ପରିସ୍ଥିତିରେ ପୁରସ୍କାର ଓ ସମ୍ବର୍ଦ୍ଧନାର ଆଉ ଗୁରୁତ୍ୱ ବା ବିଶେଷତ୍ୱ କାହିଁ ? ଏହା କେଉଁ ଭାବରେ ଓ କେଉଁ ପ୍ରକ୍ରିୟାରେ ଚାଲିଛି, ତାହା ସମସ୍ତେ ଜାଣନ୍ତି । ଦିନ ଥିଲା ଯେତେବେଳେ ପୁରସ୍କାର ପ୍ରଦାନ ପାଇଁ ଉପଯୁକ୍ତ ସ୍ରଷ୍ଟାଙ୍କୁ ଖୋଜା ପଡୁଥିଲା, କିନ୍ତୁ ଏବେ ତ ଲେଖକମାନେ ପୁରସ୍କାର ଖୋଜୁଛନ୍ତି । ତେଣୁ ପ୍ରକୃତ ସାହିତ୍ୟ ସାଧକ ପୁରସ୍କାର ପ୍ରତି ଲୋଭ ନ ରଖି ନିଜ ସୃଜନଶୀଳତାର ବିକାଶରେ କ୍ଷୁଧା ରଖିବା ଉଚିତ୍ । ❤❤




ସାହିତ୍ୟ ସଭାରେ କମଳିନୀ...



ସୁଖୀ ପରିବାର : ଦୁଇପୁଅଙ୍କ ସହ ଗାଳ୍ପିକା କମଳିନୀ ମଲ୍ଲିକ...



ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ...

ଧ୍ୱନି ପ୍ରତିଧ୍ୱନି | ବାଲେଶ୍ୱର, ରବିବାର, ୧୪ ଜୁନ୍ ୨୦୨୬ | ପୃଷ୍ଠା ୫

ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା

ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।

ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...



ଭାଗ-୨୭

କେହି କେହି ବିଦେଶାଗତ ଯାତ୍ରୀ ଯେଉଁମାନେ ଜୀବନର କେବେ ନିପଟ ଗାଁ ଦେଖି ନଥାନ୍ତି, କୂତୁହଳୀ ହୋଇ ଆସିଥାନ୍ତି ଏହି ଗୋପପୁର ଜନବସତିକୁ।

ସେହି ଗାଁର ଭୂମିଜ ମହାକୂଳର ଘର। ସେ ସାଇ ମୁଖିଆ ଓ ସମସ୍ତଙ୍କ ପରାମର୍ଶଦାତା। ପ୍ରକୃତିଦେବୀ ତାଙ୍କର ସ୍ତ୍ରୀ। ବୁଢ଼ା ବାପା ମା', ଦୁଇ ପୁଅ ଓ ଦୁଇ ଚାକର ଚାକରାଣୀଙ୍କୁ ନେଇ ତାଙ୍କର ସଂସାର। ବେଜାଏ ହେବ ଗାଈ ମଈଁଷି ରଖିଥାନ୍ତି ଭୂମିଜ। ଅଳ୍ପ କିଛି ଚାଷଜମି ଓ ଗାଈ ମଈଁଷିରୁ ଉତ୍ପନ୍ନ କ୍ଷୀର ବିକ୍ରି ଅର୍ଥରୁ ସେ ବେଶ୍ ସ୍ୱଚ୍ଛଳ ଓ ନଥିଲାବାଲାମାନଙ୍କ ଭିତରେ ଟିକେ ବିତ୍ତଶାଳୀ। ଖୁବ୍ ବେଶି ଉଦାର ବୋଲି ଭୂମିଜର ଏକ ସ୍ୱତନ୍ତ୍ର ପରିଚୟ ଅଛି ସେ ଗାଁରେ। ମଈଁଷିଆଳ ଦୁଇଜଣ ମଈଁଷି ସହିତ ଜେନିକୁ ଆଣି ଛାଡ଼ିଥିଲେ ପ୍ରକୃତିଦେବୀଙ୍କ ପାଖରେ। ବିଦେଶିନୀ ହେଲେ ବି ନିଜ ଝିଅ ଭାବରେ ଗ୍ରହଣ କରିନେଇଥିଲେ ଭୂମିଜ ଓ ସ୍ତ୍ରୀ ପ୍ରକୃତି ଦେବୀ।

ପ୍ରାକୃତିକ ପୂର୍ଣ୍ଣତାରେ ପରିପୂର୍ଣ୍ଣ ଏ ଗାଁ ଓ ଗାଁ ଦାଣ୍ଡ, ଗଛବୃଛ, କ୍ଷେତବାଡ଼ି, କର୍ମଠ ମଣିଷ, ପିଲାଛୁଆ, ଗାଈଗୋଠ, ମଈଁଷି ପଲକୁ ନେଇ ଏକ ଜୀବନ୍ତ ପ୍ରାଣୋଚ୍ଛଳ ଦୃଶ୍ୟପଟ୍ଟରେ ଜେନି କେବଳ ବିସ୍ମିତ ହେଲାନାହିଁ, ବରଂ ତା' ପୁଲକ ସୀମା ଲଂଘି ଯାଉଥିଲା। ଲଣ୍ଡନରେ ଜନ୍ମି, ଲଣ୍ଡନରେ ବଢ଼ି, ପାଠ ପଢ଼ି ସମଗ୍ର ଜୀବନ କଟେଇ ଆସିଥିଲା ଗୋଟେ ଅହମିକା ଓ ଶଠତା ପୂର୍ଣ୍ଣ ନଗରୀ ଜୀବନରେ। ଛଳନା ଓ ସ୍ୱାର୍ଥପର ଆନ୍ତରିକତାରେ ତାର ଅତିବାହିତ ହୋଇଥିବା ଜୀବନରେ ଏ ଗୋପପୁର ଥିଲା ଏକ ଚମତ୍କାର ଆଟିର୍ଷ୍ଟିକ୍ ଲ୍ୟାଣ୍ଡସ୍କାପ୍।

ଏମିତି ଏକ ପୁଲକଭରା ପରିବେଶରୁ ସେ ନିଜକୁ ପୃଥକ କରିନେବ, ଫେରିଯିବ ଇସ୍କନ୍ ମଠର ସେ ନିବୁଜ ପ୍ରାଣହୀନ ନୀରସ କୋଠରି ଭିତରକୁ, ତାହା ସେ ଭାବି ପାରିଲା ନାହିଁ। ଏଇଠି ସେ ସବୁଦିନ ରହିପାରନ୍ତା କି, ଅନ୍ତତଃ ମୃତ୍ୟୁ ପର୍ଯ୍ୟନ୍ତ ! କିନ୍ତୁ ତା କ'ଣ ସଂଭବ ? ଭୂମିଜ ଓ ପ୍ରକୃତି ଦେବୀ କଣ ସେତକ ଅନୁକଂପା ସେମାନଙ୍କ ଅନ୍ତରରେ ଜୁଟେଇ ପାରିବେ ତା ପାଇଁ ?

ନିଜ ସନ୍ଦେହ ପାଖରେ ନିଜେ ବନ୍ଦୀ ହୋଇଗଲା ଜେନି। କିନ୍ତୁ କହିପାରିଲା ନାହିଁ ନିଜର ଅଭିଳାଷଟିକୁ ଗୃହକର୍ତ୍ତ୍ରୀ କିମ୍ବା ଗୃହକର୍ତ୍ତାଙ୍କୁ।

କେତେଟା ଦିନ ଅବଶ୍ୟ ବିତି ଯାଇଥିଲା ଏଥି ଭିତରେ। ଜଣେ ଅତିଥି ଭାବେ ଆପ୍ୟାୟିତ ହୋଇ ରହିଲା ସେ ସେହି ଘରେ। ସୁଖଲାଭ କଲା ସେମାନଙ୍କ ସାହଚର୍ଯ୍ୟରୁ।

ବିଦେଶିନୀକୁ ନିଜ ଘରେ ଅତିଥିଭାବେ ରଖି ଓ ତାର ସେବାକରି ନିଜକୁ କୃତକୃତ୍ୟ ମଣୁଥିଲେ ଗୃହକର୍ତ୍ତା ଭୂମିଜ ଓ ଗୃହକର୍ତ୍ରୀ ପ୍ରକୃତି ଦେବୀ, ଯାହାଙ୍କ ସହିତ ଜେନିର ପ୍ରଥମ ପରିଚୟ ହୋଇଥିଲା ଗୁଣ୍ଡିଚାଯାତ୍ରାରେ। ପ୍ରାୟ ଏକ ସପ୍ତାହର ରହଣି ପରେ ନିଜ ସଂଶୟରେ ନିଜେ ଛନ୍ଦି ହୋଇ ଜେନି ଦିନେ ପଚାରିଲା, "ମା' !ମୋର ଏଠି ଅହେତୁକ ଅବସ୍ଥାନରେ ଆପଣଙ୍କ କିଛି ଅସୁବିଧା ହେଉନି ତ? ଭାବିଛି, କାଲି ବାହୁଡ଼ି ଯିବି ମଠକୁ।"

ଏ ପ୍ରଶ୍ନରେ ଭାରି ଛଳଛଳ ହୋଇଗଲେ ପ୍ରକୃତିଦେବୀ । ଏତେସବୁ ସ୍ନେହ, ଯତ୍ନ ଓ ଆନ୍ତରିକତା ଭିତରେ ଏ ବିଦେଶିନୀ ଝିଅ ନିଜକୁ ସଂପୂର୍ଣ୍ଣ ମିଶେଇ ପାରିନାହିଁ ଏଯାବତ ଘର ସହିତ। କେଉଁଠି ଟିକେ ଫାଙ୍କ ରହି ଯାଇଛି ଯେମିତି! ନହେଲେ ଏମିତି ପ୍ରଶ୍ନଟିଏ ପଚାରି ନଥାନ୍ତା ଜେନି। କହିଲେ "ମା' ବୋଲି ଡାକି ସାରିଲା ପରେ ତୁ ପରା ମୋର ଝିଅ ହୋଇ ସାରିଛୁ। ସେଥିରେ ଏମିତି ଗୋଟେ ପ୍ରଶ୍ନ ପଚାରି ମୋ ପ୍ରାଣକୁ ଯାହା ଆଘାତ ଦେଲୁ। ତୋ ଖାଇବା ପିଇବା ଓ ଚଳାଚଳରେ କିଛି କମି ରହିଯାଉଛି ମା ?" ପ୍ରକୃତଦେବୀ ସହାୟିକାମାନଙ୍କ ସହିତ ମିଶି ଗୁହାଳ ସଫା କରୁଥିବା ଅବସ୍ଥାରେ ମୁହଁ ଉଠେଇ ପ୍ରଶ୍ନ କଲେ।

"ନାଇଁ ମା ! ସେ ସବୁଥିରେ କିଛି ଉଣା ମୁଁ ଅନୁଭବ କରୁନାହିଁ। ତେବେ ମୋତେ ଯେତେବେଳେ ନିଜ ଝିଅ ବୋଲି ଆଦରି ନେଇଛନ୍ତି, ସେତେବେଳେ ଆପଣଙ୍କୁ କାମରେ ସହଯୋଗ କରିବାକୁ ସୁଯୋଗ ଦିଅନ୍ତେ ନାହିଁ ?

"ତୁ ଏ କାମ ପାରିବୁ ମା ?"

"ମା' ଯଦି ଏ କାମ କରି ପାରୁଛି, ତେବେ ଝିଅ କାହିଁକି ପାରିବ ନାହିଁ ?"

ଜେନିର ଅକାଟ୍ୟ ଯୁକ୍ତିରେ ପରାଜିତ ହୋଇଥିଲେ ପ୍ରକୃତିଦେବୀ। "ତୁମେ ତୁମ ଇଚ୍ଛାରେ ଏ ଘରେ ଯେ କୌଣସି କାର୍ଯ୍ୟରେ ହାତ ଲଗେଇ ପାରିବ।"- କହିଲେ ପ୍ରକୃତିଦେବୀ।

ଏହାପରେ ଗୋରୁଗୁହାଳ ଠାରୁ ରୋଷେଇଘର ପର୍ଯ୍ୟନ୍ତ, ମନ ମାଫିକେ କୌଣସି କୌଣସି କାମରେ ନିଜକୁ ନିୟୋଜିତ କରୁଥିଲା ଜେନି। ହାତରେ ଉଠେଇଥିଲା ଗାଈ ଗୋବର। ନିଜ ପସନ୍ଦର ଗୋଟେ ଅଧେ ଡିସ୍ ବନଉଥିଲା। ଆଉ ବେଶି ଶିଖୁଥିଲା ଓଡ଼ିଆ ଘରର ଭିନ୍ନ ଭିନ୍ନ ରକମର ଶାକସବଜୀ ଓ ନଡ଼ିଆମିଶା ଡାଲମା ତିଆରିରେ। ଏତିକି ଲାଭ ହେଉଥିଲା, ନୂଆ ନୂଆ ଅନୁଭୂତି ଲାଭ କରୁଥିଲା ସେ ସେଥିରେ। ଗୋବର ଉଠେଇ ପାଛିଆ ଭର୍ତ୍ତି କରିବା ଓ ଚାକରାଣୀ କାଖକୁ ଟେକି ଦେବାରେ ଆଦୌ ଘୃଣା ଅନୁଭବ କରୁ ନ ଥିଲା ସେ।

ଅବଧୂତ ବାବାଙ୍କ କଥାକୁ ସତ ମଣିଲା ଜେନି। ସେ ଆଉ ଗୋଟେଏ ଭବିଷ୍ୟବାଣୀ କରିଛନ୍ତି, ତୁମେ ନିଷ୍ଠିତ ଭଲ ହୋଇଯିବ । ଜେନି ଏଇ କଥାକୁ ଭିତରେ ଭିତରେ ଅନୁଭବ କଲା।

ସ୍ଥାନର ମାହାତ୍ମ୍ୟ ଓ ବିଶେଷତ୍ୱ ଅନୁଯାୟୀ ବ୍ୟକ୍ତିର ବ୍ୟକ୍ତିତ୍ୱ ନିର୍ଦ୍ଧିତ ହୋଇଥାଏ। ସଂସାରରେ ଖୁବ୍ କମ୍ ଲୋକ ଥାନ୍ତି, ଯେଉଁମାନେ ସ୍ଥାନର ବିଶେଷତ୍ୱକୁ ବଦଳେଇ ଦେଇ ପାରନ୍ତି ନିଜର ସଂସ୍କାର ଓ ବିଚାର ଅନୁସାରେ। ସେଇମାନେ ହିଁ ପ୍ରକୃତରେ ମହାତ୍ମା। କିନ୍ତୁ ଜେନି ନିଜର ଶିକ୍ଷା, ଦୀକ୍ଷା, ସଂସ୍କାର ଓ ସଂସ୍କୃତି ସବୁକିଛି ଭୁଲି ଯାଇଥିଲା ଗୋପପୁରରେ। ଆପଣେଇ ନେଇଥିଲା ଗୋଟେ ନୂଆ ସଂସ୍କାର, ନୂଆ ସଂସ୍କୃତି ଓ ବିଚାରବୋଧକୁ। ତାହା ପୁଣି ଓଡ଼ିଶାର ଉପକୂଳବର୍ତ୍ତୀ ଗୋଟେ ନିପଟ ଗାଁ ଭୂମିରେ, ଯେଉଁଠି ସେ ସଂପୂର୍ଣ୍ଣ ହଜିଯାଇଥିଲା କିମ୍ବା ହଜେଇ ଦେଇଥିଲା ନିଜକୁ, ନିଜର ଅସ୍ମିତା ଓ ପରିଚୟକୁ। ଭୂମିଜ ଓ ପ୍ରକୃତିଙ୍କ କୋଳରେ ଲୋଟି ପଡ଼ିଲା ତାଙ୍କ ଜନ୍ମିତ ସନ୍ତାନ ପରି, ସେ ପରିବାରର ସାନଝିଅଟିଏ ପରି। ସ୍ୱର୍ଗର ଅମରାବତୀ ଭଳି ବୋଧହେଲା ସେଇ ଗାଁଟି ତାକୁ।

ସେ ନିଜକୁ ବେଶି ସମୟ ନିୟୋଜିତ କରୁଥିଲା ଗାଈ ଗୋରୁଙ୍କ ସେବାରେ। ଅବଧୂତ ବାବାଙ୍କ ପାଖରୁ ସେ ଗୋଟେ ତତ୍ତ୍ୱ ଜାଣିଥିଲା, ସ୍ନେହ ପ୍ରେମରେ ପଶୁ ପକ୍ଷୀମାନଙ୍କୁ ମଣିଷ ଠାରୁ ଅଧିକ ଆପଣାର କରାଯାଇ ପାରେ। ଏମାନଙ୍କୁ ଚିହ୍ନିଲେ ଈଶ୍ୱରଙ୍କୁ ଚିହ୍ନି ହୁଏ ଏବଂ ଆପଣାର କରିହୁଏ। ଏଇ ନବଚେତନାରେ ଖୁବ୍ ବେଶି ଉଦ୍‌ବୁଦ୍ଧ ହୋଇ ପଡ଼ିଥିଲା ଜେନି। ଗାଈ ଗୋରୁଙ୍କୁ ଖାଇବାକୁ ଦେବା, ସେମାନଙ୍କର ସେବାଯତ୍ନ କରିବା, ଗୁହାଳ ସଫା କରିବା, ଗାଈ ଦୁହିଁ କ୍ଷୀର ଏକତ୍ର କରିବା, କ୍ଷୀରରୁ ଦହି, ଦହିରୁ ଲୁହଣୀ ଓ ତହିଁରୁ ଘିଅ ବାହାର କରିବାର ସମସ୍ତ କୌଶଳ ଓ ବିଦ୍ୟା ଜାଣିଗଲା ସେ। ପ୍ରତିଟି କାମ ତାକୁ କୌତୁକ ଓ କୌତୁହଳପୂର୍ଣ୍ଣ ମନେ ହେଉଥିଲା। ପୁରୀ ବେଳାଭୂମିର ହୋଟେଲ୍ କୋଠରି, ଇସ୍କନ ମଠ ଆଉ ବଡ଼ଦାଣ୍ଡ, ସବୁକିଛି ଫିକା ପଡ଼ିଗଲା ଗୋପପୁର ଗାଁରେ। ନିଜକୁ ଭାବିଲା, ଏ ଗୋପ ଗାଆଁର ସେ ଜଣେ ଗୋପାଳୁଣୀ। କେଉଁ ଜନ୍ମ ଜନ୍ମାନ୍ତର ପୂର୍ବରୁ ଗୋଟେ ରକ୍ତଗତ ସଂପର୍କ ରହି ଆସିଛି ତା'ର ଏ ଗାଁ ସହିତ, ଏ ପରିବାର ସହିତ।

ଦିନେ ରାତିରେ ପ୍ରକୃତିଦେବୀଙ୍କ ପାଖରେ ଶୋଇଥିଲା ବେଳେ ଜେନି କହିଲା, "ମା ! ମୋତେ ଲାଗୁଛି ଏ ଘର ଯେମିତି ମୋର ନିଜର। ଏ ଗାଁ, ଏ ମାଟି, ଏ ପରିବାର ଓ ତୁମମାନଙ୍କ ସହିତ କେଉଁକାଳୁ ଗୋଟେ ରକ୍ତଗତ ସଂପର୍କ ରହି ଆସିଛି। ମୋର ଅଜା ପୁରୀ ଅଞ୍ଚଳରୁ ଯେଉଁ ଝିଅଟିକୁ ଭଲପାଇ ନେଇଯାଇଥିଲେ, ସେ ଏଇଘରେ କି ଏଇ ଗାଁରେ ଜନ୍ମ ହୋଇଥିବେ ନିଶ୍ଚୟ। ତା'ର ରୂପ ଲାବଣ୍ୟରେ ପାଗଳ ହୋଇଯାଇଥିବେ ମୋ ରସିକିଆ ଅଜା। ସେମାନଙ୍କ ଭିତରେ ପ୍ରେମ ହୋଇଯାଇଥିବ ନିଶ୍ଚୟ କେଉଁଠି ନା କେଉଁଠି, ସେ ବଡ଼ଦାଣ୍ଡ ହେଉ ଅଥବା ସମୁଦ୍ରକୂଳ କି ଚନ୍ଦ୍ରଭାଗାକୂଳ! ମୋତେ ତ ସେମିତି ଅନୁଭବ ହେଉଛି। ନହେଲେ ମଠ ଛାଡ଼ି ମୁଁ ଏଠାକୁ କାହିଁକି ଆସିଲି ? ନିୟତିର ଖେଳ ଏ ସବୁ। ସେ ଆଣି ମୋତେ ଏଇଠି ଛାଡ଼ିଛି ତୁମରି କୋଳରେ, ଆପଣାର ରକ୍ତ ପାଖରେ।"

ଭୂମିଜ ଓ ପ୍ରକୃତି ଦେବୀଙ୍କ ସଂସାର ଜେନିକୁ ପାଇ ହୋଇଯାଇଥିଲା ଏକ ପରିପୂର୍ଣ୍ଣ ଯୌଥ ପରିବାର। ଯେଉଁ କନ୍ୟା ରତ୍ନଟିର ଅଭାବ ଥିଲା ସେ ପରିବାରରେ, ତାକୁ ପୂରଣ କରିଥିଲା ଦୈବାତ୍ ଜେନିର ଆଗମନ। ଏଇ ପରିପୂର୍ଣ୍ଣ ପରିବାରର ପ୍ରାଣୋଚ୍ଛ୍ୱଳ ପରିବେଷ୍ଟନୀରେ ଭରପୂର ସ୍ନେହ ଶ୍ରଦ୍ଧା ପାଇ ଜେନି ନିଜକୁ ଗୋଟେ ଛୋଟ ଝିଅପରି ଅନୁଭବ କରୁଥିଲା । ଜୀବନର ମାର୍ଗଟିକୁ ନିର୍ଲୋଭ ଓ ନିରାସକ୍ତ ଭାବେ ସହଜ ଓ ସରଳ କରିଦେଲେ ଅସଲ ସ୍ୱାଦଟିକୁ ମଣିଷ ଅନୁଭବ କରିପାରେ ! ଏଇ ନିଷ୍କର୍ଷଟିକୁ ସେଦିନ ଉପଲବ୍ଧି କରିଥିଲା ସେ, ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଭାଷା ସାହିତ୍ୟରେ ସର୍ବୋଚ୍ଚ ଡିଗ୍ରୀ ଲାଭ କରିଥିବା ଜେନି।

ଜୀବନକୁ ସହଜ, ସରଳ ଓ ନିରାସକ୍ତ ରଖି ପାରିଲେ ଜ୍ଞାନର ମାର୍ଗ ଉନ୍ମୁକ୍ତ ହୋଇଯାଏ। ବିଶ୍ୱ ପ୍ରପଞ୍ଚରେ ଈଶ୍ୱର ଖଞ୍ଜି ରଖିଛନ୍ତି ଅସରନ୍ତି କଥା। ଜାଣିବାକୁ ଓ ଶିଖିବାକୁ ଅନେକ କିଛି। ଅସଲ ବିଦ୍ୟା ପୁସ୍ତକରେ ନଥାଏ। ଥାଏ ଜୀବନର କିଛି କିଛି ମାର୍ମିକ ଉପଲବ୍ଧିରେ ଓ ଅନୁଭବରେ। ପରିବେଶ ଓ ପରିବେଷ୍ଟନୀ ଏଥିପାଇଁ ସହାୟତା ଯୋଗେଇ ଦେଇଥାଏ। ମୂଢ଼ ମଣିଷ ତାହା ଜାଣିପାରେ ନାହିଁ। ଅନ୍ଧପରି ଭ୍ରମୁଥାଏ ଏ ଗଳି ସେ ଗଳି। ଅସଲ ରାସ୍ତା ପାଏନାହିଁ ଜୀବନର ମାର୍ଗ ଅନୁସରି ଆଗକୁ ଯିବାକୁ।

ଜେନି ପାଇଁ ଗୋପପୁର ଗାଁ ହୋଇ ଯାଇଥିଲା ଗୋଟେ ପ୍ରାକୃତିକ ବିଦ୍ୟାଳୟ।

ଅଳ୍ପ କେଇଦିନ ଭିତରେ ଜେନି ପାଇଁ ଏକ ସ୍ୱତନ୍ତ୍ର କୋଠରିର ବ୍ୟବସ୍ଥା କରିଦେଲେ ପ୍ରକୃତି ଦେବୀ। କହିଲେ "ଦୁଗ୍ଧପୋଷ୍ୟ ଶିଶୁ ଓ ନବଦମ୍ପତି ବ୍ୟତିରେକେ ସବୁ ମଣିଷ ଭିନ୍ନ ଭିନ୍ନ ବିଛଣା କରି ଭିନ୍ନ ଭିନ୍ନ କୋଠରିରେ ଶୋଇବା ବିଧେୟ। ଏଥିରେ ଆତ୍ମିକ ଉନ୍ନତି ଘଟିଥାଏ।"

ବ୍ରାହ୍ମମୁହୂର୍ତ୍ତରୁ ଯୋଗ ଓ ପ୍ରାଣାୟମ କରିବା ଏକ ପ୍ରକାର ଅଭ୍ୟାସରେ ପରିଣତ ହୋଇଯାଇଥିଲା ଜେନିର। ଏଥିପାଇଁ ଗୋଟେ ନିରୋଳା କକ୍ଷର ଆବଶ୍ୟକତା ଥିଲା ତାରି। କିନ୍ତୁ ଭରସି କହିପାରୁ ନଥିଲା ପ୍ରକୃତିଦେବୀଙ୍କୁ। ମନରେ ଭାବୁଥିବା କଥାଟି ମା' କେମିତି ଜାଣି ପାରିଲେ ବୋଲି ଆଶ୍ଚର୍ଯ୍ୟ ହେଲା ଜେନି। ପଚାରିଲା, "ଏମିତି କିଛି କଥାଟେ ଯାହା ମୁଁ ଭାବୁଥିଲି, ତାହା ତୁମେ କେମିତି ଜାଣି ପାରିଲ ମା' ? ମୁଁ ତ ଆଦୌ ଉଚ୍ଚାରଣ ବି କରିନାହିଁ ?"

ଏଇଟା ଏକ ସାଧାରଣ କଥା। ମଣିଷ ଯେତେ କଥା କହେ, ତା'ର ଶତ ସହସ୍ର ଗୁଣ କଥା ଅକୁହା ରହିଥାଏ। ସେଇ ଅକୁହା କଥାର ଭାବତରଙ୍ଗ ତତ୍‌ସଂପୃକ୍ତ ବ୍ୟକ୍ତିର ସୂକ୍ଷ୍ମ ଚେତନାରେ ପ୍ରବେଶ କରି ତାକୁ ଜଣେଇ ଦିଏ। ପ୍ରତିଟି ଜୀବଜନ୍ତୁ ମଣିଷର ଅନେକ ଅକୁହା କଥାକୁ ବୁଝି ପାରନ୍ତି । କିନ୍ତୁ ଅନେକବେଳେ ଅନେକ ମଣିଷ ସେମାନଙ୍କ କଥାକୁ ବୁଝିପାରନ୍ତି ନାହିଁ । ଏଥିପାଇଁ ଗୋଟେ ସରଳ ଓ ନମନୀୟ ହୃଦୟ ଥିବା ଦରକାର। ଗାଈ ବାଛୁରୀଙ୍କଠାରୁ ଏଇ କଥାଟିକୁ ତୁ ଶୀଘ୍ର ଜାଣି ପାରିବୁ।"

ପ୍ରକୃତି ଦେବୀଙ୍କର କଥାରେ ବିସ୍ମିତ ହେଲା ଜେନି। ଅଧିକରୁ ଅଧିକ ଗାଈ ମାନଙ୍କ ସହିତ ମିଶିଲା। ସେମାନଙ୍କ ସେବା କଲା, ବାଛୁରୀଙ୍କୁ ଗେଲକଲା ଏବଂ ସେମାନଙ୍କର ମା'ଠାରୁ କ୍ଷୀର ପିଉଥିବା ଦୃଶ୍ୟରେ ଆମୋଦିତ ହେଲା ।

ଏଥିରେ ଜେନିର ଅସଲ ସମସ୍ୟାର ସମାଧାନ ହୋଇଗଲା। ବୀଷର୍ଣ୍ଣତାଠାରୁ ମୁକୁଳି ଆସିବାର ଏ ଥିଲା ତା'ପାଇଁ ଏକମାତ୍ର ବାଟ। ପ୍ରକୃତିଦେବୀ କାମର ଏକ ସରଳମାର୍ଗ ଜଣେ ଚାକରାଣୀକୁ ବତେଇ ଦେଉଥିବା ସେ ଶୁଣିଥିଲା। "ଆଗ୍ରହ ରଖି ସବୁକାମ କରିଗଲେ ଦେହମନ ପ୍ରଫୁଲ୍ଲ ରହେ। ଶରୀରକୁ ସ୍ଫୂର୍ତ୍ତି ମିଳେ, ମନରେ ଆନନ୍ଦ ଆସେ ଓ ଶରୀର ହୁଏ ରୋଗମୁକ୍ତ। ଅନିଚ୍ଛା ଥାଇ କାର୍ଯ୍ୟକଲେ ମନରେ ବିଷାଦ ଭରିଯାଏ । ବିଷାଦ ହିଁ ସମସ୍ତ ଶାରୀରିକ ବିକୃତିର ମୂଳ କାରଣ।"

ଏମିତି ଅନେକ କିଛି କଥା ଶିଖିବାକୁ ପାଇଲା ଜେନି ମାତା ପ୍ରକୃତି ଦେବୀଙ୍କ ପାଖରୁ।

ପରିବାରର ପ୍ରାୟ ସମସ୍ତେ ନିୟୋଜିତ ଥିଲେ ଗୋ ମହୀଷାଦି ସେବାରେ।

(କ୍ରମଶଃ)


♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

ପଢ଼ିବା ପରେ

## ସଂପାଦନାର ତାରକା- "ସାଗରିକା"

ବନମାଳୀ ସେନାପତି






ସାହିତ୍ୟରେ ଦୀର୍ଘ ଅଭିଜ୍ଞତା ଅର୍ଜନ କରିଥିବା ବ୍ୟକ୍ତି ହିଁ ଜଣେ ସଫଳ ସଂପାଦକ ହୋଇପାରେ। ସାହିତ୍ୟର ବିଭିନ୍ନ ବିଭାଗରେ ଦକ୍ଷତା ହାସଲ କରିନଥିବା ସଂପାଦକକୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼େ ପତ୍ରିକା ସଂପାଦନା କଲାବେଳେ । ସଂପାଦନା ଯଦି ସଠିକ୍, ପତ୍ରିକାଟି ସରସ ସୁନ୍ଦର ହେବ । ପାଖାପାଖି ଚାରିଦଶନ୍ଧି ଧରି ବିଭିନ୍ନ ବିଭାଗରେ ନିଜର କଲମ ଚାଳନା କରିଥିବା ସାହିତ୍ୟିକା ସୈରିନ୍ଧ୍ରୀ ସାହୁ ବାଲେଶ୍ୱର ସହରରୁ ୩୬ ବର୍ଷ ଧରି 'ସାଗରିକା' ପରି ଏକ ଉଚ୍ଚାଙ୍ଗ ସାହିତ୍ୟ ପତ୍ରିକାର ସଂପାଦନା କରି ଆସୁଛନ୍ତି । ୧୯୮୩ ମସିହାରେ ସୃଷ୍ଟିଧର ପରିଡ଼ା ଏହି ପତ୍ରିକାକୁ ତାଙ୍କର ମାନସ ସନ୍ତାନ ଭାବରେ ଜନ୍ମ ଦେଇଥିଲେ ଏବଂ ୧୯୮୮ ମସିହାରେ ତାଙ୍କର ସେହି ଶିଶୁ ସନ୍ତାନକୁ ସେ ନିଜର ଧର୍ମପତ୍ନୀ ସୈରିନ୍ଧ୍ରୀଙ୍କ ହାତରେ ଟେକି ଦେଇଥିଲେ । ସେହି ଶିଶୁ ଆଜି ୪୩ବର୍ଷରେ ପାଦ ଦେଇଛି । ସାରା ଓଡ଼ିଶାରେ ଏବେ 'ସାଗରିକା' ପତ୍ରିକାର ସୁଗମ ଯାତ୍ରା ଈର୍ଷାଳୁ ମାନଙ୍କୁ ହତଚକିତ କରିଦିଏ । ସେହି କାଳଖଣ୍ଡ ମଧ୍ୟରେ ଅନେକ ସାହିତ୍ୟ ପତ୍ରିକା ସାହିତ୍ୟ ଜଗତରେ ପ୍ରବେଶ କରି, ବିଲୁପ୍ତ ହୋଇ ଯାଇଥିବା ବେଳେ 'ସାଗରିକା'ର ଯାତ୍ରା ଆଗକୁ ଆଗକୁ ଚାଲିଛି ।

ବଜାରରେ ବର୍ତ୍ତମାନ 'ସାଗରିକା'ର ବିଷୁବସଂଖ୍ୟା ଉପଲବ୍ଧ । କ୍ଷୁଦ୍ର କଳେବର ହେଲେ ହେଁ ପ୍ରତି ପୃଷ୍ଠାରେ ଶ୍ରୀମତୀ ସୈରିନ୍ଧ୍ରି ସାହୁଙ୍କ ସ୍ୱଚ୍ଛ ସଂପାଦନା ବାରି ହୋଇପଡ଼େ। ପତ୍ରିକାରେ ୬୦ଜଣ ସାହିତ୍ୟିକଙ୍କୁ ସ୍ଥାନ ଦେଇଛନ୍ତି ସଂପାଦିକା। ପ୍ରବେଶ ପଥରେ ସଂପାଦକୀୟ ଅତି ଚମତ୍କାର ଶୈଳୀରେ ପ୍ରସ୍ତୁତ ହୋଇଛି । ଅଙ୍ଗେ ନିଭେଇଥିବା ଏକ ନିଛକ ସତକଥାକୁ ଶ୍ରୀମତୀ ସାହୁ ଗପ ଆକାରରେ ପାଠକ ମାନଙ୍କୁ ବାଢ଼ି ଦେଇଛନ୍ତି । ସଂପାଦକୀୟର ନାମ ରଖିଛନ୍ତି 'ଆକାଶର ଅନ୍ଧାର ଓ ଲୁହର ନଈ' । ଶ୍ରୀମତୀ ସାହୁଙ୍କ ଘର କାମରେ ସାହାଯ୍ୟ କରୁଥିଲେ ମାଳତୀ ମାଉସୀ। ବୟସ୍କା ମହିଳା ଜଣେ କେତେ ନିଜର ଲାଗନ୍ତି ସତେ । ତାଙ୍କ ଠାରୁ କାମ କରିବାର ନିୟତ ଶିଖିବାର ଅଛି । ସାତଟି ଦଶନ୍ଧି ଅତିକ୍ରମ କରିଥିବା ମାଳତୀ ମାଉସୀର ଅନୁପସ୍ଥିତି ଲେଖିକାଙ୍କୁ କଷ୍ଟ ଦେଇଛି । ସେ ବ୍ୟସ୍ତ ବିବ୍ରତ ହୋଇ ପଡ଼ିଛନ୍ତି, ଶେଷରେ ଫେରିଛି ମାଉସୀ ଦୁଃଖ ଭରା ହୃଦୟ ଆଉ ଆଖି ଭରା ଲୁହ ନେଇ । ପରିସମାପ୍ତି ପାଠକ ଆଖିରେ ଲୁହ ଭରିଦେବ ଏହା ନିଃସନ୍ଦେହରେ କୁହାଯାଇପାରେ ।

ପତ୍ରିକାର 'ପ୍ରଥମ ପ୍ରସଙ୍ଗ'ରେ ଅଛି 'ମୁଁ ଲେଖେ କାହିଁକି ?' ଏହି ପ୍ରସଙ୍ଗରେ ଅଛନ୍ତି ଗାଳ୍ପିକା ଗାୟତ୍ରୀ ସରାଫ, ବିଷ୍ଣୁ ସାହୁ ଓ କମଳା ଶତପଥି । ସାହିତ୍ୟିକ ଜୀବନର ସ୍ୱୀକାରୋକ୍ତି। ଗାୟତ୍ରୀ ସରାଫ କୁହନ୍ତି 'ଦିନକୁ ଦିନ ଏ ଲେଖିବା ପ୍ରବୃତ୍ତି ମୋତେ ଶକ୍ତ କରିବା ଭଳି ଲାଗୁଛି । ଦଉଛି ମୋତେ ଗଭୀର ଉପଲବ୍ଧି । ବାନ୍ଧି ରଖୁଛି ଏକ ସୁକ୍ଷ୍ମ ଚେତନାରେ 'ମୁଁ'ଟିକୁ ରୂପାନ୍ତରିତ କରୁଛି 'ଆମେ'ରେ ।' ଗାଳ୍ପିକ ବିଷ୍ଣୁସାହୁ ପ୍ରକାଶ କରନ୍ତି ତାଙ୍କ ଢଙ୍ଗରେ 'ଅନେକ ମାନସିକ ଘାତ ପ୍ରତିଘାତ, ନିନ୍ଦା ପ୍ରଶଂସା, ଉପଦେଶ ତଥା ଚେତାବନୀ ସବୁକିଛି ସାମ୍ନା କରି ସାରିବା ପରେ ମୁଁ ଗଳ୍ପର ଗମ୍ଭୀରିଘର ଭିତରେ ଅଟକି ରହିଛି । ମୋର ହୃଦବୋଧ ହେଉଛି ଯେ ଗଳ୍ପର ମାୟାଜାଲ ମୋତେ ଛାଡ଼ୁନି, ମୁଁ ବାରମ୍ବାର ସେଥିରେ ଛନ୍ଦି ହୋଇ ପଡ଼ିଛି ।' ଗାଳ୍ପିକା କମଳା ଶତପଥିଙ୍କ ମତ ଏହିପରି- କାହିଁକି ଲେଖେ ? ଜାଣିନି, କି ଚିନ୍ତା ବି କରିନି କେବେ, କାହିଁ ରାତି ରାତି ଉଜାଗର ରହି ସାଙ୍ଗସାଥୀ ଠାରୁ ଦୂରେଇ ରହି, କଲମ ସହିତ ରୀତିମତ ଯୁଦ୍ଧ କରିଚାଲେ ମୁଁ ।'

ଏହା ପରେ ଗଳ୍ପର ପାହାଚ । ଗପ ଲେଖିଛନ୍ତି ୧୪ଜଣ ଆଉ ଅନୁବାଦ ଗୋଟିଏ। ପନ୍ଦରଟି କାହାଣୀର ସମାହାର । ପ୍ରଥଢ଼ ଗଳ୍ପ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ 'ନିର୍ବାକ ଈଶ୍ୱର' । ଏକ ଭିନ୍ନ ସ୍ୱାଦର ଗପଟିଏ। ଗପର ମୁଖ୍ୟ ଚରିତ୍ର ପ୍ରଫେସର ନରେନ୍ଦ୍ର ନାରାୟଣ । ଗାଳ୍ପିକ ପାରମ୍ପରିକ ଘଷରା ଗୁଳାରୁ ବାହାରି ଯାଇ, ପାଠକଙ୍କୁ ଦେଇଛନ୍ତି ନୂଆସ୍ୱାଦ । ଏହା ପରେ ଶ୍ରୀ ପ୍ରସାଦ ମହାନ୍ତିଙ୍କ ଦୁଇଟି ମିନିଗପ (୧) କାଉନସିଲର (୨) କାଉନସେଲିଂ । ଗପ ଦୁଇଟି ଛୋଟ କିନ୍ତୁ ଶିକ୍ଷଣୀୟ। ତୃତୀୟ ଗଳ୍ପ ବୀରେଶ୍ୱର ମହାନ୍ତିଙ୍କ ରୂପାନ୍ତର । ଗପର ମୁଖ୍ୟ ଚରିତ୍ର ଦୁଇବନ୍ଧୁ ରୁଦ୍ର ପ୍ରତାପ ଓ ମଳୟ । ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ ଆଉ ଅନ୍ୟଜଣେ ତାଙ୍କ ଅଧିସ୍ତନ ଜଣେ ଅଧିକାରୀ । ରୁଦ୍ରପ୍ରସାଦ ଆଇଏଏସ୍ ଆଉ ମଳୟ ତାଙ୍କର ଅଧିନରେ କାର୍ଯ୍ୟରତା ସମୟ କ୍ରମେ ମଳୟର ପୁଅ ଆଇଏଏସ୍ ଆଉ ରଦ୍ରପ୍ରତାପଙ୍କ ପୁଅ ସାଧାରଣ ବ୍ୟବସାୟୀ । ନମ୍ର, ସରଳ ଓ ପରିବାର ଅନୁରକ୍ତ ଯୁବକ । ମଳୟ ପୁଅର ସଫଳତାରେ ଅହଂକାର କରେ । ଶେଷରେ ପୁଅର ବ୍ୟବହାରରେ ତାଙ୍କ ଅଂହକାର ଭାଙ୍ଗେ ଓ ରୁଦ୍ର ପ୍ରତାପ ହିଁ ନିଜ ଚେଷ୍ଟାରେ 'ବାପ ପୁଅଙ୍କୁ' ପୁର୍ନମିଳନ କରାନ୍ତି । ୪ର୍ଥ ଗଳ୍ପ ଲିପ୍‌ସା ପଟେଲଙ୍କ 'ନାଲି ଅଧ୍ୟାୟ' । ଗପର ମୁଖ୍ୟ କଥାବସ୍ତୁ ପରିବେଶ ଓ ପରିସ୍ଥିତି ଆଦର୍ଶବାଦକୁ କବର ଦେଇଥାଏ । ୫ମ ଗଳ୍ପ କମଳିନୀ ମଲ୍ଲିକଙ୍କ 'ଶେଫାଳୀର ସକାଳ' ଗଳ୍ପର ମୁଖ୍ୟ ଚରିତ୍ର ଶେଫାଳୀ ଓ ମହେନ୍ଦ୍ର । ଦୁହେଁ ସଂସାର ବାନ୍ଧନ୍ତି ପୁଣି ପରିସ୍ଥିତ ସେମାନଙ୍କୁ ଅଲଗା କରିଦିଏ । ପୃଥିବୀ ଗୋଲ ତେଣୁ ପୁଣି ସେମାନଙ୍କର ଭେଟ ହୁଏ ସେହି ଆରମ୍ଭ ପ୍ରେମରେ । ଏଥିରେ ଅଛି ମୋନାଲିସା ପ୍ରଧାନଙ୍କ 'ମର୍ଣ୍ଣିଂୱାକ' ଭିକାରୀ ପାଇକରାୟଙ୍କ 'ଇଲୁଠାରୁ ମାନସିଂହଙ୍କ ପ୍ରେମ କବିତା ପର୍ଯ୍ୟନ୍ତ' । ଶ୍ରୀନିବାସ ସେଠୀଙ୍କ 'ଖୋଲା ଝରକା' ଇଂ ଜ୍ଞାନନିଧି ପଡ଼ିଆରୀଙ୍କ 'ରାଧୁଆ ମା'ର ସ୍ୱପ୍ନ', ସୁଷମା ପରିଜାଙ୍କ 'ଭିନ୍ନ ମଣିଷ', ଜ୍ୟୋତ୍ସ୍ନା ମିଶ୍ର ପାଣିଗ୍ରାହୀଙ୍କ 'ସୁରଭି', ରୀତାଞ୍ଜଳି ସାହୁଙ୍କ 'ଭଗ୍ନ ସଂଳାପ' ଅଞ୍ଜଳୀ ପଣ୍ଡାଙ୍କ 'ହାଟ' ଓ ମଦନ ମୋହନ ମହାକୁଡ଼ଙ୍କ 'ଭୋଟ ପାୱାର' ।

ପତ୍ରିକାରେ ୩୩ଜଣ କବି ସେମାନଙ୍କ କବିତା ଲେଖି ଏହାର ଶ୍ରୀବୃଦ୍ଧି କରିଛନ୍ତି । ପ୍ରଥମ କବିତା 'ମୁଁ ତ ବନ୍ଧୁଟିଏ' କବି- ପ୍ରଶାନ୍ତ ହୋତା । କବି ବନ୍ଧଟିର ଜୀବନକୁ ଚିତ୍ରିତ କରିଛନ୍ତି କବିତାରେ । ନଦୀର ଅଭିମାନ ଯେ 'ବନ୍ଧ' ଅହଂକାରର ବଶବର୍ତ୍ତି ହୋଇ ତାକୁ ବାନ୍ଧି ଦେଇଛି। ବନ୍ଧ ସରଳ, ତରଳ ଭାଷାରେ କହିଛି, ତାହା ମୋର ଅହଂକାର ନୁହେଁ । ତୁ ଗୋଟିଏ ଜଳାଧାର ଥିଲୁ । ତୋତେ ବାନ୍ଧି ଦେବାର ତୁ 'ନଈ'ଟି ନାମ ପାଇଲୁ । ତୋ କଥା ଶୁଣି/ ମନେ ମନେ ଭାବେ ଖାଲି/ ମୁଁ ବାନ୍ଧି ଦେଲି ବୋଲି/ ତୁ 'ନଈ' ହୋଇ ଗଲୁରେ ପାଗଳି/ ନହେଲେ ତୁ/ ଅମାନିଆ ଜଳଧାରାଟିଏ ଥିଲୁ ॥୧॥ (ତୁ ବନ୍ଧଟି)


ଦ୍ୱିତୀୟ କବିତାଟି ଡ. ନାରାୟଣ ପଣ୍ଡାଙ୍କ 'ମେଲାଘର' । ସମୟର ଦ୍ରୁତ ପରିବର୍ତ୍ତନରେ ଆମେ ହରେଇ ବସିଛନ୍ତି ଆମ ପାରମ୍ପରିକ ଖଞ୍ଜାଘର, ଅଗଣା ଆଉ ମେଲାଘର । ଘରର ପ୍ରଥମ ଘରକୁ 'ମେଲାଘର' କୁହାଯାଉଥିଲା । ଅତିଥି ଅଭ୍ୟାଗତ ଆସିଲେ ପ୍ରଥମେ ମେଲାଘରେ ବସୁଥିଲେ। ଆଜିର ଡିଜିଟାଲ ଯୁଗରେ ଛାତ ପକା ଘରେ ମେଲାଘରର ସ୍ଥାନ ନେଇଛି 'ଡ୍ରଇଂ ରୁମ୍' । ପରବର୍ତ୍ତୀ କବିତା କବି ଅକ୍ଷୟ ପାତ୍ରଙ୍କ 'ବନସାଇ' ସୁନ୍ଦର ଭାବେ 'ବନସାଇ' ଗଛର କାହାଣୀ କବିତାର କାନଭାସରେ ତୋଳି ଧରିଛନ୍ତି । ସୁଶୀଲ କୁମାର ପାଣିଗ୍ରାହୀଙ୍କ 'ଥୁଣ୍ଟାଗଛ', ଶୁଭସ୍ମିତା ତ୍ରିପାଠୀଙ୍କ 'ପକ୍ଷୀର ଦୁଇଟି ସ୍କେଚ୍', ଡ. ରତ୍ନାକର ରାଉତଙ୍କ 'ଯିଏ ମଲାଗଲା ସବୁ ଦୋଷତାର', ସୁହଂସ ଭୋଇଙ୍କ 'ପ୍ରୀତିଫୁଲ' କମଳ କୁମାର ମହାନ୍ତିଙ୍କ ଆମେରିକା- ଇରାନ ଯୁଦ୍ଧକୁ ଲକ୍ଷ୍ୟ କରି ଲେଖିଛନ୍ତି 'ଯୁଦ୍ଧ ବିରତି' । ପୃଥିବୀ କିପରି ଅହଂକାରୀ ମାନଙ୍କ ଅହଂକାରରେ କବଳିତ ହୋଇଛି । ଯୁଦ୍ଧ ବିରତି ଆଳରେ ଅହଂକାରୀ ଦେଶ ନିଜକୁ ସୁରକ୍ଷିତ ରଖିବାର ପ୍ରୟାସ କରୁଛି । (ଅବଶିଷ୍ଟାଂଶ ପୃଷ୍ଠା ୭ରେ)

ପୁସ୍ତକ ସମୀକ୍ଷା...

## କୃଷ୍ଣଙ୍କ ଜୀବନର ଛଅଟି ନାରୀ: ଏକ ଅଲିଖିତ ମହାଭାରତର ଅନ୍ତଃସ୍ୱର

ସହଦେବ ସାହୁ






ମହାଭାରତ ଓ କୃଷ୍ଣଙ୍କ ଗାଥା ସହସ୍ର ବର୍ଷ ଧରି ପ୍ରତ୍ୟେକ ଭାରତୀୟର ଚେତନାରେ ମିଶି ରହିଛି। ମହାଭାରତ ଓ କୃଷ୍ଣଙ୍କ କାହାଣୀକୁ ସହସ୍ରାଧିକ ଲେଖକ ନିଜ ଦୃଷ୍ଟିକୋଣରୁ ପୁନରଚନା କରିଛନ୍ତି । ବ୍ୟାସଙ୍କ ମୂଳ ରଚନାରେ ଅନେକ ଉପକାହାଣୀ ଯୋଡିଛନ୍ତି । ତେବେ ବହୁ କାହାଣୀରେ କୃଷ୍ଣଙ୍କୁ ଦେବତା ବା ଦୈବୀଶକ୍ତିର ଅଧିକାରୀ ଭାବରେ ବର୍ଣନା କରାଯାଇଛି । କାରଣ ବର୍ଷବର୍ଷ ଧରି କୃଷ୍ଣଙ୍କୁ ଭାରତୀୟମାନେ ପୂଜା କରି ଆସୁଛନ୍ତି । ଯଦି ସେହି ଦିବ୍ୟ କୃଷ୍ଣଙ୍କୁ ଦେବତା ନୁହେଁ, ବରଂ ରକ୍ତମାଂସର ଜଣେ ସାଧାରଣ ମଣିଷ ଭାବେ ଦେଖାଯାଏ, ତେବେ ସେ କାହାଣୀ କେମିତି ହେବ ? ପରେଶ ପଟ୍ଟନାୟକଙ୍କ ପୁସ୍ତକ 'ଶ୍ରୀରାଧା ଓ ଅନ୍ୟମାନେ' ସେହିପରି କିଛି ପୌରାଣିକ ଗାଥାର ପୁନର୍କଥନ, ଯାହା ଅନେକ ଚରିତ୍ରଙ୍କ ଅକୁହା ଓ ମର୍ମନ୍ତୁଦ କାହାଣୀକୁ ଏକ ନୂଆ ଦିଶା ଦେଇଛି।

### ମାତୃତ୍ୱର ରଣକ୍ଷେତ୍ର: ଦେବକୀ ବନାମ ଯଶୋଦା

ମଥୁରାର ସିଂହାସନରେ ବସି କୃଷ୍ଣ କେବଳ କଂସକୁ ବଧ କରିନାହାନ୍ତି, ବରଂ ସେ ନିଜ ଅତୀତକୁ ମଧ ହତ୍ୟା କରିଛନ୍ତି। ଦେବକୀଙ୍କ ଜିଦ୍ ?—କୃଷ୍ଣ ଗୋକୁଳକୁ ଭୁଲିଯାଆନ୍ତୁ। ବଂଶୀ ତ୍ୟାଗ କରନ୍ତୁ, ଗାଈ ଓ ଜଙ୍ଗଲର ସ୍ମୃତିକୁ ପୋଛି ପକାନ୍ତୁ। କିନ୍ତୁ କୃଷ୍ଣଙ୍କ ଭିତରେ ଥିବା ସେହି ଗୋପାଳ ବାଳକଟି ଧୀରେ ଧୀରେ ଅବଦମିତ ହୋଇ ମରିଯାଉଥାଏ। କୃଷ୍ଣ ଆଉ ଗୋପକୁ ଫେରିପାରି ନଥିଲେ । ପାଳିତ ପିତାମାତାଙ୍କ ସହ ସମ୍ପର୍କ ରଖିପାରି ନଥିଲେ । ଯଶୋଦା ଓ ଦେବକୀଙ୍କ ମଧ୍ୟରେ କୃଷ୍ଣଙ୍କୁ ଅଧିକାର କରିବାର ଯେଉଁ ଅଦୃଶ୍ୟ ଯୁଦ୍ଧ, ତାହା କୁରୁକ୍ଷେତ୍ରର ବାରୁଣୀ ସ୍ନାନରେ ଚରମ ସୀମାରେ ପହଞ୍ଚିଲା। ଯେତେବେଳେ ସମସ୍ତଙ୍କ ସାମ୍ନାରେ କୃଷ୍ଣ କ୍ଷୁଧାର୍ତ୍ତ ହୋଇ ଯଶୋଦାଙ୍କ ଛାତିରୁ କ୍ଷୀର ପାନ କଲେ। ସେତେବେଳେ ସୃଷ୍ଟି ହୋଇଥିଲା ଏକ ଅକଳ୍ପନୀୟ ଦୃଶ୍ୟ। ସେଠାରେ ଦେବକୀ ହାରିଲେ, କିନ୍ତୁ ମାତୃତ୍ୱର ଜୟ ହେଲା।

### ଅବହେଳିତ ପ୍ରେମ ଓ ବିଷାଦର ଗାଥା

ଭଦ୍ରା: ଭଦ୍ରା ଗୋପପୁରୀର ଏକ ବାଳିକା, ଯିଏ କୃଷ୍ଣଙ୍କୁ ପାଇବାକୁ ଚାହିଁଥିଲା । କିନ୍ତୁ କୃଷ୍ଣ କେବଳ ଗୋପପୁରର ବିବାହିତା ନାରୀମାନଙ୍କୁ ନେଇ ରାସ ରଚୁଥିଲେ । ଭଦ୍ରା ବିଶ୍ୱାସ କଲା ଯେ, କୃଷ୍ଣ କେବଳ ବିବାହିତା ନାରୀଙ୍କୁ ପସନ୍ଦ କରନ୍ତି । କୃଷ୍ଣଙ୍କ ପ୍ରେମ ପାଇବା ପାଇଁ ସେ ଗୋଟିଏ ଅଯୋଗ୍ୟ ବ୍ୟକ୍ତିଙ୍କୁ ବିବାହ କରିଗଲା। କୃଷ୍ଣଙ୍କ ପ୍ରେମ ପାଇଁ ନିଜକୁ ଉପଯୁକ୍ତା କଲା ବେଳକୁ କୃଷ୍ଣ ମଥୁରା ଚାଲିଗଲେଣି । ସେ କୃଷ୍ଣଙ୍କୁ ମଥୁରାରେ ଭେଟିଲା ଓ ନିବେଦନ କଲା ଯେ ଏବେ ମୁଁ ଆପଣଙ୍କ ପାଇଁ ଯୋଗ୍ୟା । ଏହା ପରର କାହାଣୀ ସ୍ୱପ୍ନଭଙ୍ଗ ଓ ବିଷାଦରେ ଭରା। କୃଷ୍ଣ ତାକୁ ପ୍ରତ୍ୟାଖ୍ୟାନ କଲେ। ଭଦ୍ରା ଆଉ ଗୋପପୁରକୁ ଫେରି ପାରିଲାନି।

ରାଧା: ରାଧାଙ୍କ କାହାଣୀ ତ କୃଷ୍ଣ ଚରିତର ସବୁଠୁ ଚର୍ଚ୍ଚିତ ଗାଥା । କିନ୍ତୁ ପରେଶ ପଟ୍ଟନାୟକଙ୍କ ଏଇ ନୂତନ କାହାଣୀରେ, ରାଧାଙ୍କ ପତି ଚନ୍ଦ୍ରସେଣର ଦୁଃଖ ଓ ଜ୍ୱାଳା ପ୍ରକାଶିତ। ଚନ୍ଦ୍ରସେଣ ପ୍ରଶ୍ନ କରେ, ସ୍ୱାମୀ ଭାବରେ ମୁଁ ତୁମକୁ ପରିଚୟ ଦେଲି, ସାରା ଜୀବନ ଭରଣପୋଷଣ କଲି, ନିନ୍ଦିତ ହେଲି, ଅଥଚ ତୁମେ ମୋ ପ୍ରତି ଅନୁରକ୍ତା ନୁହଁ, ସେ ଲୋକଟି ତୁମକୁ ଅନାୟାସରେ ଭୁଲିଗଲା, ଦିନେହେଲେ ବି ଗୋପକୁ ଫେରିଲା ନାହିଁ , ତୁମ ଭଲମନ୍ଦ ବୁଝିଲା ନାହିଁ, ଅଥଚ ତୁମେ ତା ପାଇଁ ଉତ୍ସର୍ଗୀକୃତ ରହିଲ। କଣ ଏ ପ୍ରେମ ? କଣ ଏ ସମ୍ପର୍କ ?

### ଶେଷ ପରିଣତି: ସୁକନ୍ୟା ଓ ଦ୍ରୌପଦୀ

ସୁକନ୍ୟା : ଦ୍ୱାରକାର ପତନ ପରେ, ଯେତେବେଳେ କୃଷ୍ଣଙ୍କ ମୃତ୍ୟୁ ନିକଟବର୍ତ୍ତୀ, ସେତେବେଳେ ତାଙ୍କର ଷୋଳସହସ୍ର ରାଣୀଙ୍କ ଭାଗ୍ୟ ବଦଳିଗଲା । ଦ୍ୱାରକା ଡୁବିଗଲା ସମୁଦ୍ରରେ। ଅନେକ ରାଣୀ ବାଛିନେଲେ ଆତ୍ମାହୁତିର ପଥ । ଅବଶିଷ୍ଟ ଅର୍ଜୁନଙ୍କ ସହିତ ବାହାରିଲେ ହସ୍ତିନା ଅଭିମୁଖେ । ଅର୍ଧପଥରେ ସେମାନେ ପଡିଲେ ବନ୍ୟଜାତିର ଲୋକଙ୍କ ହାତରେ। ସେମାନେ ସ୍ୱଇଚ୍ଛାରେ ଚାଲିଗଲେ ସେହି ଲୋକମାନଙ୍କ ସହିତ। ଶେଷକୁ କେବଳ ରହିଗଲେ ଜଣେ। ତାଙ୍କର ନାମ ସୁକନ୍ୟା। ସେ କୃଷ୍ଣଙ୍କ ସ୍ମୃତିରେ ଅବଶିଷ୍ଟ ଜୀବନ ବିତାଇବାକୁ ଚାହାନ୍ତି । କୃଷ୍ଣଙ୍କ ସ୍ପର୍ଶ ପରେ ଆଉ କେଉଁ ପରପୁରୁଷର ସ୍ପର୍ଶ ତାଙ୍କ ପାଇଁ ଅଗ୍ରହଣୀୟ।

ଦ୍ରୌପଦୀ : ସବୁଠାରୁ ଦୁଃଖଦାୟକ ଅନ୍ତ ହୋଇଥିଲା ଦ୍ରୌପଦୀଙ୍କର । ଯିଏ ପାଣ୍ଡବଙ୍କ ପାଇଁ ସର୍ବସ୍ୱ ତ୍ୟାଗ କଲେ, ସେହି ପାଣ୍ଡବମାନେ ହିଁ ସ୍ୱର୍ଗାରୋହଣ ପଥରେ ତାଙ୍କୁ ଏକାକୀ ମରିବାକୁ ଛାଡ଼ି ଚାଲିଗଲେ। ସେହି ସ୍ୱର୍ଗାରୋହଣ ପଥରେ ଉନ୍ମୋଚିତ ହୋଇଛି ସେମାନଙ୍କ ଜୀବନର ଏକ ଗୋପନ ବ୍ୟଥା , ଯାହା ଚାପା ପଡିଯାଇଥିଲା ନିଜନିଜ ଛାତି ଭିତରେ । ପାଣ୍ଡବମାନେ କୁରୁକ୍ଷେତ୍ର ଯୁଦ୍ଧରେ ନିହତ ସମସ୍ତଙ୍କର ସଂସ୍କାର କରିଥିଲେ । ଅଥଚ ପାଣ୍ଡବ ଚାରିଭାଇ ଓ ଦ୍ରୌପଦୀଙ୍କର ଶେଷ ସଂସ୍କାର ହୋଇପାରିଲାନି, ସେମାନେ ଏବେ ମଧ ହିମାଳୟର ବରଫ ତଳେ ପଡି ରହିଛନ୍ତି ।

### ପୁସ୍ତକ ସମ୍ପର୍କରେ

ପରେଶ ପଟ୍ଟନାୟକ ଏହି ପୁସ୍ତକରେ ପୁରାଣର ଚରିତ୍ରମାନଙ୍କୁ ଦେବତ୍ୱରୁ ଖସାଇ ଆମ ଭଳି ସାଧାରଣ ମଣିଷର ଦୁଃଖ, ଯନ୍ତ୍ରଣା ଓ ଦୁର୍ବଳତା ସହ ଯୋଡ଼ିଛନ୍ତି। ଏହି ପୁସ୍ତକଟି କେବଳ ଏକ କାହାଣୀ ସଂଗ୍ରହ ନୁହେଁ, ବରଂ ମଣିଷର ଅନ୍ତର୍ମନର ଏକ ଗଭୀର ଅନୁଶୀଳନ । ମହାଭାରତ ଓ କୃଷ୍ଣ ଗାଥାର ଏ ନୂତନ ପରିଚର୍ଯ୍ୟା। ଯାହା ଆପଣ ହୁଏତ କେବେ କୋଉଠି ପଢିନଥିବେ। ଏ ଗଳ୍ପସବୁ ଭାରତୀୟ ପୌରାଣିକ କାହାଣୀରେ ଏକ ନୂତନ ପରିକଳ୍ପନା । ପରିଚିତ ଚରିତ୍ରମାନଙ୍କର ଅପ୍ରକାଶିତ ବେଦନା ଓ ବିଷାଦର ଉନ୍ମୋଚନ । ଅଭିନବ ଓ ଭିନ୍ନ ଏକ ଉଚ୍ଚାରଣ।

(ପୁସ୍ତକଟି ଆମାଜନ, ଫ୍ଲିପକାର୍ଟ ଏବଂ ଶାଳନ୍ଦୀ ଡଟ ଇନ ଭଳି ଅନଲାଇନ ଷ୍ଟୋରରେ ଉପଲବ୍ଧ )

♥ ଭୁବନେଶ୍ୱର
(ମୋ) ୯୪୩୭୫୬୮୭୩୩

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୪ ଜୁନ୍ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ଆମ ଗଣ ପର୍ବ-ରଜ



## ଅକ୍ଷୟ କୁମାର ରାଉତ

ପ୍ରାଚୀନ କାଳରୁ ଓଡିଶାର କଳା, ସାହିତ୍ୟ, ସଂସ୍କୃତି, ବୀରତ୍ୱ, ସାହସିକତା ଓ ଆଧାତ୍ମିକ କ୍ଷେତ୍ରରେ ଭାରତ ବର୍ଷରେ ନିଜର ସ୍ୱତନ୍ତ୍ର ସ୍ଥାନ ପ୍ରଦର୍ଶନ କରିଛି। ଏହି ସ୍ୱତନ୍ତ୍ରତା ମଧ୍ୟରେ ପର୍ବ ପର୍ବାଣି ଗୁଡିକର ବୈଶିଷ୍ଟ ଓ ମହତ୍ୱ ରହିଅଛି। ପର୍ବ ପର୍ବାଣିକୁ ବାଦ୍ ଦେଲେ ଓଡିଶାର ସାମାଜିକ, ସାଂସ୍କୃତିକ, ଆଧାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ। ପର୍ବ ପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ। ତେଣୁ ଅଭିଜ୍ଞ, ଚିନ୍ତାଶୀଳ, ସମାଜ ହିତୈଷୀ ମହାମାନବ ମାନେ ଅତୀତରେ ସୁସ୍ଥ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ବୌଧହୁଏ ସୃଷ୍ଟି କରିଥିଲେ ଅନେକ ପର୍ବ ପର୍ବାଣି। କଥାରେ ଅଛି- 'ବାର ମାସରେ ତେର ପର୍ବ', ଅର୍ଥାତ୍ ବେଳ କାଳ ତୁଳନାରେ ବହୁ ପର୍ବ ଓଡିଶାରେ ଅନୁଷ୍ଠିତ ହୁଏ। ମାନବ ଜୀବନ ସହିତ ପର୍ବ ପର୍ବାଣୀର ଘନିଷ୍ଠ ସମ୍ବନ୍ଧ ରହିଛି। ଏଣୁ କର୍ମ କ୍ଳାନ୍ତ ଜୀବନକୁ ହାଲ୍କା ଓ ଉଲ୍ଲସିତ କରିବା ପାଇଁ ବୋଧହୁଏ କୃଷି ପ୍ରଧାନ ଓଡିଶାରେ ବିବିଧ ପର୍ବପର୍ବାଣିର ସୃଷ୍ଟି। ତନ୍ମଧ୍ୟରୁ ରଜ ପର୍ବ ଅନ୍ୟତମ। ଓଡିଶାର ଗଣ ପର୍ବ ରୁପେ ରଜ ପର୍ବ ସର୍ବତ୍ର ପାଳିତ ହୁଏ।

ସାଧାରଣତଃ ଜ୍ୟେଷ୍ଠ ମାସରେ ରଜ ପର୍ବ ପଡିଥାଏ। କେବେ କେବେ ଜ୍ୟେଷ୍ଠ ଓ ଆଷାଢ଼ର ସନ୍ଧି କ୍ଷଣରେ ରଜ ଉତ୍ସବ ଅନୁଷ୍ଠିତ ହୋଇଥାଏ। ତିନି ଦିନ ଧରି ଲୋକେ ରଜ ଉତ୍ସବ ପାଳନ କରନ୍ତି। ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତିୟ ଦିନ ରଜ ସଂକ୍ରାନ୍ତି ଓ ତୃତିୟ ଦିନ ଶେଷ ରଜ ବା ଭୁମି ଦହନ ନାମରେ ପରିଚିତ। ଶେଷ ରଜର ପରବର୍ତି ଦିନ ବସୁମତୀ ସ୍ନାନ ଓ ଠାକୁରାଣୀ ବୁଡ ପହିଲି ରଜର ପୂର୍ବ ଦିନ ସଜବାଜ ଦିନ, ସେହିଦିନ ଠାରୁ ରଜ ଶେଷ ପର୍ଯ୍ୟନ୍ତ ଲୋକଙ୍କ ମନରେ ଅପୁର୍ବ ଉତ୍ସାହ ଓ ଉଦ୍ଦିପନା ରହିଥାଏ। ଏଣୁ ରଜ ପାଇଁ ଖାଦ୍ୟ ପେୟ ଆଦି ଯାବତୀୟ ଜିନିଷ ପୂର୍ବ ଦିନରୁ ପ୍ରସ୍ତୁତ୍ ହୋଇଥାଏ। ଖାଇବା, ପିଇବା, ମୌଜ ମଜଲିସ ରଜର ମୁଖ୍ୟ କଥା। କଥାରେ ଅଛି ରଜଠାରୁ ଆଉ ମୌଜ ନାହିଁ। ରଜରେ ପିଠା ପଣାର ସୁଅ ଛୁଟେ। ପାଚିଲା ଆମ୍ବ, ପଣସ, ସପୁରୀ ଆଦି ଫଳର ସଦ୍ ବ୍ୟବହାର କରାଯାଏ।

ଓଡିଶାର ସାମାଜିକ ପରମ୍ପରାରେ ରଜ ଏକ ଖାଂଟି ଓଡିଆ ପର୍ବ। ପିଠା ପଣା, ଭୋଜି ଭାତ, ନାଚ ଗୀତ, ଖେଳ ଓ ଭ୍ରମଣରେ ତ୍ରିଦିନାତ୍ମକ ରଜ ଓଡିଆ ନରନାରୀକୁ ସମ୍ମୋହିତ କରେ। ରଜ ଦୋଳି ରଜ ପର୍ବର ବିଶେଷ ଆକର୍ଷଣ। ଝିଅମାନଙ୍କ କଣ୍ଠରୁ ଶୁଣାଯାଏ ମନଫୁଲାଣିଆ ରଜ ଦୋଳି ଗୀତ।

" ବନସ୍ତେ ଡାକିଲା ଗଜ / ବରଷକେ ଥରେ ଆସୁଛି ରଜ ଲୋ/ ଘେନି ନୂଆ ସଜବାଜ"

ଦୋଳି ଖେଳ ବ୍ୟତୀତ ତାସ୍, ଲୁଡୁ, କୌଡି, ଚେସ୍, କ୍ୟାରମ୍ , ପଶା ଓ ବାଗୁଡି ପ୍ରଭୃତି ଖେଳ ରଜରେ ହୋଇଥାଏ। ତାସ୍ ଖେଳ ଅଧିକ ଲୋକଙ୍କୁ ପ୍ରଭାବିତ କରିଥାଏ। ବର୍ତ୍ତମାନ କ୍ରିକେଟ୍ ଖେଳର ବହୁଳ ପ୍ରଚଳନ ଯୋଗୁଁ ରଜରେ କ୍ରିକେଟ୍ ମ୍ୟାଚ୍ ମାନ ଅନୁଷ୍ଠିତ ହୋଇଥାଏ।ଦେବାଦେବୀ ମାନଙ୍କ ନିକଟରେ ଯାତ୍ରା ଉତ୍ସବ ଆୟୋଜନ କରାଯାଏ। ସଂଗୀତ, ପାଲା, ଦାସ୍ କାଠିଆ ଓ ନାଚ ରଜ ଉତ୍ସବକୁ ଅଧିକ ଆମୋଦିତ କରିଥାଏ। ଏହିଦିନ ବହୁ ସାରସ୍ୱତ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ। ଗାଁ ଗହଳିରେ ଝିଅ ବୋହୂମାନେ ଦଳ ଦଳ ହୋଇ ବିଭିନ୍ନ ସ୍ଥାନ ବୁଲିଯାଆନ୍ତି। କେହି କେହି ବିଭିନ୍ନ ଦର୍ଶନୀୟ ସ୍ଥାନର ପରିଭ୍ରମଣରେ ଯାଇଥାନ୍ତି। ରଜ ପର୍ବରେ ଭୂମିକୁ ସ୍ପର୍ଶ ନ କରିବା ପାଇଁ ପାଦରେ ଗୁଆ ଖୋଳପା ଓ କଦଳି ପଟୁକାରେ ଯୋତା ତିଆରି କରି ପରିଧାନ କରନ୍ତି। ଆଜି କାଲି ଯୋତା ଓ ଚପଲର ବ୍ୟବହାର କଲେଣି। ରଜ ପର୍ବରେ ମସିଣା ଉପରେ ବସନ୍ତି, ତଳେ ବସନ୍ତି ନାହିଁ। କାରଣ- ସେହିଦିନ ପୃଥିବୀ ରଜସ୍ୱଳା ହୁଏ ବୋଲି କଥିତ ଅଛି। ଯେପରି ରଜସ୍ୱଳା ନାରୀକୁ ସ୍ପର୍ଶ କରିବା ଅନୁଚିତ୍, ପୃଥିବୀକୁ ମଧ୍ୟ ସେହି କାରଣରୁ ରଜଦିନରେ ସ୍ପର୍ଶ କରିବା ଅନୁଚିତ୍। ରଜ ଦିନ ପୃଥିବୀ ରଜସ୍ୱଳା ହୋଇ ଉତ୍ପାଦନ କ୍ଷମ ହେଲା ବୋଲି ଧରାଯାଇଥାଏ। ତତ୍ ପରେ ତାହାକୁ କର୍ଷଣ କରି ବୀଜ ବପନ କଲେ ପୃଥିବୀ ଶସ୍ୟ ଉତ୍ପାଦନ କରେ। ତେଣୁ ରଜ ପର୍ବ କୃଷକ ମାନଙ୍କର ଏକ ପର୍ବ ହେଲେ ମଧ୍ୟ ତାଙ୍କର କର୍ତବ୍ୟ ସୂଚାଇ ଦେଇଥାଏ।

ରଜ ଓଡିଶାରେ ଏକ ପ୍ରଧାନ ଗଣ ପର୍ବ। ଏହା କେବଳ ଆମୋଦ ପ୍ରମୋଦର ପର୍ବ ନୁହେଁ। ସହୃଦୟତା ଓ ଭାତୃତ୍ୱର ବନ୍ଧନ ପର୍ବ। ବାହ୍ୟ ଆଡମ୍ବର ଅପେକ୍ଷା ରଜ ପର୍ବର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପ୍ରତ୍ୟେକ ବ୍ୟକ୍ତ ହୃଦୟଙ୍ଗମ କରିବା ଉଚିତ୍ । ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ସଚେତନତା, ବନ୍ଧୁତ୍ୱ ଓ କୃଷିର ବିକାଶ ରଜ ପର୍ବର ମୁଖ୍ୟ ଉଦ୍ଦେଶ୍ୟ।

❤ ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ଓଡ଼ିଆ ସାହିତ୍ୟର ଟମାସ୍ ହାର୍ଡ଼ି 'ଫକୀରମୋହନ ସେନାପତି'



## ଯୁଧିଷ୍ଠିର ମହାରଣା

ଦିନଥିଲା ଓଡ଼ିଆ ଭାଷା ଗଭୀର ସଙ୍କଟରେ ପଡ଼ିଯାଇଥିଲା, ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କେବଳ ମାନିବା ପାଇଁ ନାରାଜ ନଥିଲେ କିଛି ପଡ଼ୋଶୀ ଭାଷାଭାଷୀ ସେ ସମୟର ପ୍ରଭାବୀ ରାଜ୍ୟର ସାହିତ୍ୟ ଗୋଷ୍ଠୀ। ଏପଟେ ଓଡ଼ିଶାରେ ଓଡ଼ିଆ ଭାଷାରେ ସେପରି ପୁସ୍ତକ, ଗ୍ରନ୍ଥ ପ୍ରକାଶିତ ହୋଇପାରିନଥିଲା। ଖୋଦ ଓଡ଼ିଆ ମାଟିରେ ହିନ୍ଦୀ ଠାରୁ ଉର୍ଦ୍ଦୁ, ତେଲଗୁ ଠାରୁ କନ୍ନଡ଼, ମରାଠୀ, ଗୁଜୁରାଟୀ, ଅନେକ ଭାଷାଭାଷୀଙ୍କ ଏଠାରେ ଏକ ପ୍ରକାର ପ୍ରଭାବ ଓ ରାଜୁତି ଚାଲିଥିଲା। ସେହିପରି ଏକ ସନ୍ଧୀକ୍ଷଣ ଓ ଗୁରୁତ୍ୱପୂର୍ଣ୍ଣ ସମୟରେ ବ୍ୟାସକବି ଫକୀର ମୋହନ ସେନାପତି କେବଳ ଲେଖନୀ ଚାଳନା କରି ଓଡ଼ିଆ ଭାଷା ସମୃଦ୍ଧ କରିନଥିଲେ ବରଂ ନିଜ ମାତୃଭାଷାକୁ ରକ୍ଷା କରିବା ସହ ଏହାର ପ୍ରଚାର ପ୍ରସାର ପାଇଁ ପଡ଼ୋଶୀ ପ୍ରଭାବୀ ସାହିତ୍ୟିକଙ୍କ ସହ ଲଢ଼େଇ ଆରମ୍ଭ କରିଥିଲେ। ପରିଣାମ ସ୍ୱରୂପ ଓଡ଼ିଆ ଭାଷା ନିଜ ଅଖଣ୍ଡତା ସାବ୍ୟସ୍ତ କରିଥିଲା ଓ ରାଜ୍ୟରେ ମାତୃଭାଷାର ଆଦର ବଢ଼ିଥିଲା। ଭିକ୍ଟୋରିଆନ ଯୁଗର ବ୍ରିଟିସ ସାହିତ୍ୟିକମାନେ ଫକୀରମୋହନଙ୍କ ସାମସମୟିକ। ଭିକ୍ଟୋରିଆନ ଔପନ୍ୟାସିକମାନଙ୍କ ପରି ଫକୀରମୋହନ ମଧ୍ୟ ଥିଲେ ବାସ୍ତବବାଦୀ ସ୍ରଷ୍ଟା। ଡ.ମାୟାଧର ମାନସିଂହ, ତାଙ୍କୁ ବ୍ରିଟିସ ଔପନ୍ୟାସିକ ଟମାସ ହାର୍ଡିଙ୍କ ସହ ତୁଳନା କରିଛନ୍ତି। କାରଣ ଦୁହେଁ ଲୌକିକ ଭାଷା ବ୍ୟବହାର କରୁଥିଲେ ଏବଂ ମାଟି ଓ ପ୍ରକୃତି ସହ ଘନିଷ୍ଠ ଭାବେ ସଂପୃକ୍ତ ନରନାରୀଙ୍କୁ ନେଇ ସାହିତ୍ୟ ରଚନା କରୁଥିଲେ। ସାହିତ୍ୟର ଅଧିକାଂଶ ବିଭାଗରେ ଲେଖନୀ ଚାଳନା କରିଥିଲେ ହେଁ ତାଙ୍କୁ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ପ୍ରତିଷ୍ଠାତା କୁହାଯାଏ। ବ୍ୟକ୍ତିଗତ ଜୀବନରେ ସେ ଦୁଃଖ, ଦୁର୍ଦ୍ଦିନ, ଦୁଃସ୍ଥିତି ସହ ଲଢ଼ି ଲଢ଼ି ଆଗକୁ ବଢ଼ିଥିଲେ ଏବଂ ଶୀର୍ଷରେ ପହଞ୍ଚିପାରିଥିଲେ। ବୟସ ଏକ ବର୍ଷ ପାଞ୍ଚ ମାସ ହୋଇଥିବା ବେଳେ ସେ ପିତାଙ୍କୁ ହରାଇଥିଲେ। ପିତା ରଥଯାତ୍ରା ଦେଖିବା ପାଇଁ ପୁରୀ ଆସିଥିଲେ। ଫେରିବା ବେଳେ ଭୁବନେଶ୍ୱରରେ ଓଲାଉଠା ବା ହଇଜା ରୋଗରେ ପ୍ରାଣ ହରାଇଥିଲେ। ପିତାଙ୍କ ମୃତ୍ୟୁ ଖବର ଶୁଣି ମାତା ଶଯ୍ୟାଶାୟୀ ହୋଇଥିଲେ। କିଛି ଦିନ ପରେ ତାଙ୍କର ମଧ୍ୟ ପରଲୋକ ହୋଇଥିଲା। ଅନାଥ ଶିଶୁ ଫକୀରମୋହନଙ୍କର ଭାର ଗ୍ରହଣ କରିଥିଲେ, ପିତାମହୀ କୁଚିଳା ଦେଈ। ଶିଶୁ ଫକୀରମୋହନ ଗ୍ରହଣି, ଅର୍ଶ ଭଳି ଯନ୍ତ୍ରଣାଦାୟକ ରୋଗରେ କଷ୍ଟ ପାଉଥିଲେ। ତାଙ୍କ ମୂଳ ନାମ ଥିଲା ବ୍ରଜମୋହନ। ପିତାମହୀ, ତାଙ୍କର ଚିକିତ୍ସା କରାଇ କରାଇ କୌଣସି ଫଳ ନ ପାଇବାରୁ ଶେଷରେ ପୀରଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଦେଇଥିଲେ। ତହାପରେ ଚମତ୍କାରୀ ଘଟିଥିଲା। କ୍ରମଶଃ ସୁସ୍ଥ ହୋଇଥିଲେ ସେ ଏବଂ ନାମ ବଦଳିଥିଲା ଫକୀରମୋହନକୁ। ଶିଶୁ ଫକୀରମୋହନ ଫକିର ବେଶ ଧାରଣ କରି ଘର ଘର ବୁଲି ଭିକ ମାଗୁଥିଲେ। ଭିକରେ ମିଳୁଥିବା ଚାଉଳ ବିକ୍ରି ହୋଇ, ମିଳୁଥିବା ଅର୍ଥରେ ପୀରଙ୍କ ଶିରଣି ପ୍ରସ୍ତୁତ ହେଉଥିଲା।

ବହୁ ବିଳମ୍ବରେ ତାଙ୍କର ଚାଟଶାଳୀ ପଢ଼ା ଆରମ୍ଭ ହୋଇଥିଲା। ତାହା ମଧ୍ୟ ଥିଲା ଏକ କଷ୍ଟଦାୟକ ଅନୁଭୂତି। ବଡ଼ବାପା, ତାଙ୍କ ପ୍ରତି ଥିଲେ ଅତି ନିଷ୍ଠୁର। ମାସ ଶେଷରେ ଅବଧାନେ ପଇସା ମାଗିଲେ, କହୁଥିଲେ କି ପାଠ ପଢ଼ଉଛ ? ପଠିରେ ମାଡ଼ ଚିହ୍ନ ନାହିଁ। ପଇସା କ'ଣ ମାଗୁଛ ? ଏହାର ପରିଣାମ ସ୍ୱରୂପ ଅବଧାନେ ଅକାରଣେ ବେତ ଧରି ପ୍ରବଳ ମାଡ଼ ଚଢ଼ାଉଥିଲେ। ଫକୀରମୋହନଙ୍କ ବିକଳ ଚିତ୍କାର ଉଭୟ ବଡ଼ବାପା ଓ ବଡ଼ମାଆଙ୍କୁ ଆନନ୍ଦିତ କରୁଥିଲା। ପୁଣି ଶୈଶବରେ ହିଁ ପଢ଼ା ବନ୍ଦ କରାଇ ପାଲ ସିଲେଇ କାମରେ ନିୟୋଜିତ କରାଯାଇଥିଲା। ଏସବୁ ସତ୍ତ୍ୱେ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଆଗକୁ ବଢ଼ି ମଣିଷ ହୋଇଥିଲେ। ସାର ଜୀବନ ଦୁଃଖ ସହି ପାଠକଙ୍କୁ ଆମୋଦିତ କରି, ୧୯୧୮ ଜୁନ୍ ଆଜିର ଦିନରେ ଏ ସଂସାରରୁ ବିଦାୟ ନେଇଥିଲେ ଏହି ମହାନ କାଳଜୟୀ ସାହିତ୍ୟିକ। ଓଡ଼ିଆ ସାହିତ୍ୟକୁ ନୂତନ ସର୍ଜନା ଦେବା ଓ ପଡ଼ୋଶୀଙ୍କ ଭାଷା ଆକ୍ରମଣକୁ ସହ୍ୟ କରି ନିଜ ମାତୃଭାଷାକୁ ଆଗେଇ ନେଇ ପାରିଥିବା ଏହି ମହାନ କାଳଜୟୀ ସାରସ୍ୱତ ସାହିତ୍ୟ ଜଗତର ଶ୍ରେଷ୍ଠ ଅମୃତ ପୁରୁଷଙ୍କ ପରଲୋକ ତିଥିରେ କୋଟି କୋଟି ଓଡ଼ିଆ ଭାଷାଭାଷୀ ଭାଇ-ଭଉଣୀଙ୍କ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

❤ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୧୬୩୫୨୮

ଆଲୋଚନା

# ଓଡ଼ିଆ ଭାଷା ସାହିତ୍ୟରେ ନାରୀ ବୈଭବ

## ଡ଼.ମମତା ସାହୁ



ମାନବୀୟ ଭାବାବେଗକୁ ଅଭିବ୍ୟକ୍ତି ହିସାବରେ ପରିପ୍ରକାଶ କରିବାର ବ୍ୟଞ୍ଜନ ହେଉଛି ଭାଷା। ଭାଷା କେବଳ ଧ୍ୱନି ନୁହେଁ, ବରଂ ଏହା ଏକ ଆବେଗ,ଏହା ଏକ ସ୍ପନ୍ଦନ। ପଶୁପକ୍ଷୀ ମାନେ ସେମାନଙ୍କର ଭାବ ପ୍ରକାଶନ ପାଇଁ ବିଭିନ୍ନ ଧ୍ୱନି କରିଥାଆନ୍ତି, ଯାହା ନିର୍ଦ୍ଦିଷ୍ଟ, ସୀମାବଦ୍ଧ ଏବଂ ସାଙ୍କେତିକ, ତେଣୁ କୁହାଯାଇଛି -- **Animal language is not articulate--** । କିନ୍ତୁ ମନୁଷ୍ୟ ବା ମାନବ ଯାହା ମନ ଶବ୍ଦରୁ 'ଅ' ପ୍ରତ୍ୟୟ ଯୋଗୁଁ ନିଷ୍ପନ୍ ଯାହାକି ମନ୍ ଧାତୁରୁ ଆସିଅଛି ତାହାର ମାନେ ହେଲା ଚିନ୍ତା କରିବା ବା ଭାବିବା । ତେଣୁ ଏହି ଅର୍ଥରେ ଭାଷା ହେଉଛି ମନନ ବା ଚିନ୍ତନର ଅଭିବ୍ୟକ୍ତି। ଏହା ଏକ ସ୍ୱଟବାକ୍ୟ କରଣୋପାତ୍ତୋ ଭାବାଭିବ୍ୟକ୍ତି ସାଧକଃ ସାଂଙ୍କେତିତୋ ଧ୍ୱନିବ୍ରାତଃ ସା ଭାଷ୍ୟେତ୍ୟୁଚ୍ୟତେ ବୁସଂଙ୍କେତ ନୁହେଁ ବରଂ ଏହା ମଧ୍ୟ ସମସ୍ତ ଅନୁଭବ ଓ ପ୍ରତିକ୍ରିୟାକୁ ଅବିଳମ୍ବେ ବାକ୍ ଧ୍ୱନିରେ ରୂପାନ୍ତରିତ କରିଦେବାର ଏକ ମାଧ୍ୟମ। ଏଥିପାଇଁ କପିଳ ମୁନିଙ୍କ ମତରେ 'ଭାଷା' ଶବ୍ଦର ଅର୍ଥ ହେଲା---ଧୈଃ ।

ଅର୍ଥାତ- ଭାଷା--

ବାକକୁ ସ୍ପଷ୍ଟ କରିବାର ଶକ୍ତି।

ଭାବକୁ ଅଭିବ୍ୟକ୍ତ କରିବାର ସାମର୍ଥ୍ୟ।

ବାକ୍ ଯନ୍ତ୍ରରୁ ଉଚ୍ଚାରିତ ଧ୍ୱନିମାନଙ୍କର ସମୂହ।

ଏସବୁ ଗୁଡ଼ିକର ସାଙ୍କେତିକତା ।

ଏ ଗଲା ପ୍ରତ୍ୟେକ ଭାଷାର କଥା। କିନ୍ତୁ ଯଦି ଓଡ଼ିଶାର ଭାଷା ବା ଓଡ଼ିଆ ଭାଷା କଥା କୁହାଯାଏ ତାହାହେଲେ ତା'ର କଥା ନିଆରା।ସିଏ ଭାବରେ ରସାଳ, ଧ୍ୱନିରେ ମଧୁର, ବକ୍ତବ୍ୟରେ ସୁନ୍ଦର, ବର୍ଣ୍ଣମାଳାରେ ସ୍ୱଚ୍ଛଳ ଯାହାର ଶାସ୍ତ୍ରୀୟ ମାନ୍ୟତା ସଂଖ୍ୟା ୬। ଏହି ଭାଷା ମାଗଧୀ ବା ପ୍ରାକୃତ ଲିପିରୁ ଉଦ୍ଧୃତ। ଯିଏ, ନିଜ ଉଚ୍ଚାରଣରେ ଗାମ୍ଭିର୍ଯ୍ୟ ଓ ଆଚରଣରେ ଗାରିମାମୟ ତା'ର କଳନା ଅନ୍ୟ ଭାଷାସହ କେବଳ ହାସ୍ୟାସ୍ପଦ ନୁହେଁ ବରଂ ଅନସ୍ୱୀକାର୍ଯ୍ୟ। କାରଣ ଓଡ଼ିଆ ଭାଷା ସାହିତ୍ୟରେ ୪୯ଟିଅକ୍ଷର। ଯେଉଁ ଅକ୍ଷରରେ 'ଅ ଠାରୁ କ୍ଷ ପର୍ଯ୍ୟନ୍ତ' ପ୍ରତ୍ୟେକକୁ ନେଇ କାବ୍ୟ ମହାକାବ୍ୟ ଲେଖାଯାଇଅଛି ତା'ର କେଉଁ ଭାଷା ସହ ପଟାନ୍ତର ଅଛି ? ଯଦି ହିନ୍ଦୀ ଭାଷା କଥା କହିବା ସେଥିରେ କେବଳ ଲ,ର ବ୍ୟବହାର ଅଛି 'ଳ' ବ୍ୟବହାର କରାଯାଇନାହିଁ କି 'ଯ' ଅକ୍ଷରର ବ୍ୟବହାର କରାଯାଇନାହିଁ। ସେମିତି ଇଂରାଜୀ ଭାଷାରେ ଆଳଙ୍କାରୀକ ପ୍ରୟୋଗ ନାହିଁ ବା ଯୁକ୍ତାକ୍ଷର ନାହିଁ। ଉଦାହରଣ ସ୍ୱରୂପ ---(ରସୋତୀର୍ଣ୍ଣ ) କେବେବି ଲେଖା ହୋଇପାରିବ ନାହିଁ । ଇଂରାଜୀ କବି 'ସେକ୍ସପିୟର' ସାରା ବିଶ୍ୱର କବି ହୋଇପାରିଲେ କେବଳ ତାଙ୍କ ଲିଖିତ ଭାଷା ସାରା ପୃଥିବୀରେ ପରିବ୍ୟାପ୍ତ ଏବଂ ଆଦୃତ ହୋଇଥିବା ଭାଷା ଯୋଗୁଁ। କିନ୍ତୁ ଆମର ରୀତିଯୁଗର, ରସକଲୋଲ୍ଲର କବି ଦୀନକୃଷ୍ଣ ଦାସ ଲେଖିଲେ କ ଠାରୁ କ୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଅକ୍ଷରକୁ ନେଇ ବା କ ଅନୁପ୍ରାସରୁ ଆରମ୍ଭ କରି କ୍ଷ ଅନୁପ୍ରାସ ପର୍ଯ୍ୟନ୍ତ, ଯାହାର ପଂକ୍ତିକୁ ଏଯାବତ୍ ଆକ୍ଷରିକ ଅର୍ଥରେ ଅନ୍ୟ କୌଣସି ଭାଷା ଅନୁବାଦ କରିପାରୁ ନାହାନ୍ତି। ଯଥା -

'କ୍ରମେ ମଧୁଶେଷ ହୁଅନ୍ତେ ପ୍ରବେଶ
ହୋଇଲା ଗ୍ରୀଷମ ସମୟ
କର୍ମଚାରୀ କର ମହାଖରତର
କମଳ କୁମାର ପରାୟ
ସୁଜନେ -------
କି କହିବା ମହୀ ତପତ
କରାଇଲା ନୃତ୍ୟ ପଥିକ ପଦକୁ
ସଂଗ୍ରାମ ଭୂମି ଅଶ୍ୱବତ'।

ଏତ, ଗଲା ଭାଷାର କଥା। ଯଦି ଏଇ ଭାଷାର କବିଙ୍କ କଥା କହିବା ତାହେଲେ ସେତ, ଆହୁରି ଗହନୀୟ ଆହୁରି ମହନୀୟ। ଏ ଜାତିର କବି ସବୁବେଳେ ଦିଇଟି କଥାକୁ ନେଇ କଲମ ଚାଳନା କରିଛି ତାହା ହେଉଛି ନାରୀ ନାରାୟଣୀ ଆଉ ପ୍ରକୃତି। ସେ ପୁରାତନ ଯୁଗ ହଉ କି ରୀତିଯୁଗ କିମ୍ବା ପଞ୍ଚସଖାଙ୍କ ଯୁଗ ହେଉ, ସେ ଶାରଳା ଦାସଙ୍କ ଯୁଗ ହେଉ କି ଉପେନ୍ଦ୍ର ଭଞ୍ଜଙ୍କ ଯୁଗ କିମ୍ବା ଅଭିମନ୍ୟୁ ସାମନ୍ତସିଂହାର, ବ୍ରଜନାଥ ବଡ଼ଜେନାଙ୍କ ଯୁଗ ହେଉ ନାରୀ ହିଁ ସାହିତ୍ୟର କଥନିକା, ଅଳଙ୍କାର, ସୌନ୍ଦର୍ଯ୍ୟ ଓ ମେଖଳା। କାରଣ କବି କଳ୍ପନାରେ ଯାହାକୁ ଦେଖେ ସେ ହେଉଛି ନାରୀ, ଯାହାକୁ ମାଖେ ସେ ହେଉଛି ନାରୀର ସୌନ୍ଦର୍ଯ୍ୟ। ନାରୀକୁ ବାଦଦେଇ ଗପ ନାହିଁ କି କବିତା ନାହିଁ କି ଉପନ୍ୟାସ ନାହିଁ। ଉଦାହରଣ ସ୍ୱରୂପ - ରୀତି ଯୁଗର କବିଗଣ ଲେଖିଲେ ---

'ଚମ୍ପକ ଗୌରୀ ସେ ଚାରୁ ଚାହାଣି
ଲାଜେ ଚାହେଁ ଧୀରେ ଗଜଗାମିନୀ
ନୀଳ ଶାଢ଼ୀ ତଳେ ଶୋହେ ତନୁଲତା
ଶରତ ଚନ୍ଦ୍ର ପରା ସେ ମୁଖ ଶୁଭ୍ରତା
ନିଭୃତ କୁଞ୍ଜରେ ସେ ରୂପବତୀ
କବି କଳ୍ପନାର ଶ୍ରେଷ୍ଠ ମୂରତୀ' ।

ତେବେ ନାରୀକୁ ନେଇ ସୃଷ୍ଟି, ନାରୀକୁ ନେଇ ସାହିତ୍ୟ। ସେହି ନାରୀ ଯେତେବେଳେ ନିଜେ କଲମ ଚାଳନା କଲା ତା'ମନରେ ଆନ୍ଦୋଳିତ ହେଉଥିବା ଅନୁଭବକୁ ଚମତ୍କାର ଢଙ୍ଗରେ ସେ ଉତ୍ତାରିଲା କାଗଜରେ।ତା' କଳ୍ପନାର ନଈ କଥା କହିଲା ଆକାଶ ସହିତ, ମାଟିରେ ଗଜା ମାଇଲା ସାହିତ୍ୟ, ଉପବନରେ ସଞ୍ଚାରିତ ହେଲା ସଂଗୀତ, ଓହ୍ଲେଇ ପଡ଼ିଲେ ମେଘ ଓ ଜହ୍ନ ଯାହାଙ୍କୁ ନେଇ ନାରୀ କବୀ ମାନେ ରଚିଲେ କବିତାର କାବ୍ୟ ବିନ୍ୟାସ,ନିଜ ଜୀବନର ସୁଖ ଦୁଃଖକୁ ଫୁଃ କରି ରଚିଲେ ଉପନ୍ୟାସ, ସଂସାରକୁ ଫୁଙ୍କ ନଳୀରେ ଫୁଙ୍କି ଦେଇ ବୁହାଇ ଦେଲେ ଗଳ୍ପର ତାଜମହଲ। ଯେଉଁଥିରେ ନିଆଁ ହେଲା ଫୁଲ - ନଈ ହେଲା ଝୁଲ। ନାରୀ କେବେ ଛାୟା, କେବେ ଜାୟା, କେବେ ଜନନୀ, କେବେ ଭଗିନୀ, କେବେ ସଂହାରିଣୀର ରୂପ ଧରିଲା।

ଓଡ଼ିଆ ଭାଷା ସାହିତ୍ୟରେ ନାରୀ ଓଡ଼ିଶାର ନାରୀ କବୀଙ୍କ କଥା ଆଲୋଚନା କଲାବେଳେ ସ୍ୱତଃ ମନକୁ ଆସେ ନାରୀ ଘରକାମ କଲାବେଳେ ମନକୁ ମନ ଗୁଣୁଗୁଣୁ ହୋଇ ଯେଉଁ ଗୀତ ଗାଉଥିଲା, ଶିଶୁକୁ ଶୁଏଇବା ପାଇଁ ଯେଉଁ ନାନାବାୟା ପଦ ବୋଲୁଥିଲା, ତାହାଥିଲା ପ୍ରଥମ ସଂଗୀତ। ନାରୀ ମାନେ ହିଁ ସାହିତ୍ୟର ସୃଷ୍ଟିର ଆଦ୍ୟ ପ୍ରେରଣା ଭାବରେ ନିଜର ବକ୍ତବ୍ୟକୁ ବ୍ୟକ୍ତ କରିବାକୁ ଅନେକ ମୌଖିକ ଗୀତର ରୂପକୁ ସାକାର କରିଥିଲେ। ଜୀବନର ସବୁ ଦିନର ଘଟଣା ବଳୀକୁ ଭୃଡ଼ି, କାନ୍ଦଣା, ଓଷାବ୍ରତ, ପରୀକାହାଣୀ, ରାଜରାଣୀ କାହାଣୀ ମାଧ୍ୟମରେ ଗୀତର ସ୍ୱରୂପ ସେମାନେ ହିଁ ସୃଷ୍ଟି କରିଛନ୍ତି । ତତ୍ କାଳୀନ ସମୟରେ ଧର୍ମୀୟ ଭାବନାରେ ଲୋକେ ନିମଜ୍ଜିତ ରହୁଥିବାରୁ ଧର୍ମକୁ ନେଇ ଅନେକ ସଂଗୀତ ସୃଷ୍ଟି ହୋଇଅଛି।

ଓଡ଼ିଆ ସାହିତ୍ୟ ଉପବନରେ ନାରୀ କବୀଙ୍କର ଗୀତ ରଚନାର ଧାରା ବହୁ ପୁରାତନ। ଚଉରାଶୀ ସିଦ୍ଧାଚାର୍ଯ୍ୟଙ୍କ ଦ୍ୱାରା ରଚିତ ଚର୍ଯ୍ୟାଗୀତିକା ଓଡ଼ିଆ ସାହିତ୍ୟରେ ପ୍ରଥମ ଗୀତି କବିତା ବୋଲି ଧରାଯାଏ। ଏଇ କ୍ରମରେ ଓଡ଼ିଶାର ପ୍ରଥମ ନାରୀ କବୀ ହେଲେ -

୧୧ଶ ଶତାବ୍ଦୀର କବୀ ସିଦ୍ଧାଚାର୍ଯ୍ୟ ଭଗବତୀ ଲକ୍ଷୀଙ୍କରା, ଯାହାଙ୍କର କବିତା ଗ୍ରନ୍ଥ 'ଅଦ୍ୱୟ ସିଦ୍ଧି'ରେ ନାରୀ ଅନ୍ତଃ ଚେତନାର ଚମତ୍କାର ବିଶ୍ଳେଷଣ ହୋଇଅଛି। ତାହାହିଁ ଓଡ଼ିଆ ସାହିତ୍ୟରେ ନାରୀ କବୀଙ୍କର ପ୍ରଥମ ପରିପ୍ରକାଶ। ତାପରେ ଯଦି ସମୟର ଆଲେଖ୍ୟକୁ ଆଲୋଚନା କରାଯାଏ ତାହେଲେ ନାଁ ଆସିବ 'ମାଧବୀ ଦାସ' (ଷୋଡ଼ଶ ଶତାବ୍ଦୀର - ଚୈତନ୍ୟ ଦେବଙ୍କ ସମୟର କବୀ)। ତାଙ୍କଦ୍ୱାରା ରଚିତ ଭଜନ 'ଚକାନୟନ ହେ ଜଗୁ ଜୀବନ ଶ୍ରୀହରି' ଓଡ଼ିଆ ନାରୀର ଭକ୍ତି ନିଦର୍ଶନର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ପରବର୍ତ୍ତୀ ନାରୀ କବୀମାନେ ହେଲେ ବୃନ୍ଦାବତୀ ଦାସୀ, ନରେନ୍ଦ୍ର ନାରୀ, ରାଣୀ ମୋହନ କୁମାରୀ, ବିଷ୍ଣୁପ୍ରିୟା ଦେବୀ, ହରପ୍ରିୟା ଦାସୀ, ଜେମା ଦେଈ , ରଘୁନାଥ ସୁର ରୂପଜେମା, ରାହାସ ରୂପନନ୍ଦନୀ, ଅଚ୍ୟୁତ ବାମା, ପିଲାବାଈ, ନନ୍ଦା ବାଈ, କୁଙ୍କୁମ ଦାସୀ,କୁଞ୍ଜଲତା ରାଧିକା ମଣି, ନିଶଙ୍କରାୟ ମଣି ପ୍ରମୁଖ। ଏମାନେ ରାଗ ରାଗିଣୀ ଯୁକ୍ତ କାବ୍ୟ ମାଧ୍ୟମରେ ନିଜର ସାରସ୍ୱତ ଦକ୍ଷତା ପ୍ରତିପାଦନ କରିଥିଲେ।

(କ୍ରମଶଃ)

❤ ଅଧ୍ୟାପିକା ସମାଜ ବିଜ୍ଞାନ
ବାଇପାସ୍ ଭଦ୍ରକ
ମୋ: ୯୮୬୧୧୫୩୩୬୪

ଛୋଟ ଗଳ୍ପ

# ବଦଳା



## ହେମନ୍ତ କୁମାର ଘୋଷାଲ୍



ମଣିଷ ବି ଏକ ଅଜବ ପ୍ରାଣୀ। ସେ କେତେବେଳେ କଣ ଭାବେ କି ଆଚରଣ କରେ ତାହା ଅନୁମାନ କରିବା ଏକ ଜଟିଳ ବୀଜଗଣିତର ସୂତ୍ରଠାରୁ ବି ଅଧିକ ଜଟିଳ। ଏଇ ଦେଖୁନ ପଙ୍କକୁ ଘୃଣା କରେ ସେ । ହେୟ ମନେକରି ତାକୁ ହତାଦର କରେ। ଅଥଚ ସେଇ ପଙ୍କରେ ଫୁଟୁଥିବା ପଙ୍କଜକୁ କୋଳେଇନିଏ। ଯଦିଓ ସେ ଜାଣିଥାଏ ବିନା ପଙ୍କରେ ପଦ୍ମ ପାଇବା ଅସମ୍ଭବ। ବେଳେ ବେଳେ ଏମିତିବି ହୁଏ ସେ ଗୋଟାଏ ଠିକକୁ ହାସଲ କରିବା ପାଇଁ ଅସଂଖ୍ୟ ଭୁଲର କାନ୍ଧରେ ଥୋଇଥାଏ ହାତ ଖୁସିରେ ଖୁସିରେ । ସତେ ଯେମିତି ମଣିଷ ଏଇ ପୃଥିବୀର ସବୁଠାରୁ ମହାନତମ ବିସ୍ମୟ। ବିଶ୍ୱାସ ହଉନି ? ତେବେ ଦେଖନ୍ତୁ ଏଇ ମଣିଷ ହେମନ୍ତ ଘୋଷାଲ କରୁଛି କଣ ଏଠି।

(କ)ପ୍ରଥମ ଘଟଣା:- ଅନେକ ବର୍ଷ ତଳେ ପଞ୍ଜାବର ଯୁବକ ସର୍ଦ୍ଦାର ଉଦ୍ଧାମ ସିଂ ଜାଲିଓ୍ୱାନାବାଗ୍‌ରେ ରକ୍ତର ହୋଲି ଖେଳିଥିବା ଜେନେରାଲ୍ ଡାୟାର୍ ଉପରେ ଗୁଳି ଚଳେଇଥିଲା, ବେଫିକର ହୋଇ !

(ଖ) ଦ୍ୱିତୀୟ ଘଟଣା:- କିଛିଦିନ ତଳେ ଓଡ଼ିଶାର ସ୍ୱନାମଧନ୍ୟ ପ୍ରାଇଭେଟ୍ ଫାଇନାନ୍ସ କମ୍ପାନୀ 'ଜୀବନ ଜ୍ୟୋତି', ଲୋକଙ୍କର କୋଟି କୋଟି ଟଙ୍କା ନେଇ ଫେରାର୍ !

(ଗ) ଲୁଟେରାଙ୍କ ବସ୍ତିରେ ଆଜି ହେଇଛି ଦେଖ ଜବରଦସ୍ତ ଡକାୟତି :-ଦ୍ୱିତୀୟ ଘଟଣାକୁ ପ୍ରଥମ ଘଟଣାର ଅନୁରୂପ କହୁଥିବା 'ଜୀବନ ଜ୍ୟୋତି' କମ୍ପାନୀର ମାଲିକ ହେମନ୍ତ ଘୋଷାଲ୍, ପିତା ପ୍ରଫେସର ଘୋଷାଲଙ୍କ ସାମନାରେ ଜୋର୍ ଦେଇ କହୁଛି: "ମୁଁ ଯାହା କରିଛି, ଠିକ୍ କରିଛି ।"

"ଠିକ!" ରାଗରେ ଥରିବାକୁ ଲାଗିଲେ ପ୍ରଫେସର ଘୋଷାଲ, 'ତିରିଶ ବର୍ଷର ସ୍ୱପ୍ନକୁ ତୁ ମୋର ତଣ୍ଟିଚିପି ମାରିଦେଲୁ ଆଜି। ତିରିଶ ବର୍ଷର ତପସ୍ୟାକୁ ମୋର ତୁ ବାରୁଦରେ ଛିନ୍ ଭିନ୍ କରିଦେଲୁ ।'

ତିରିଶ ବର୍ଷ ତଳେ କଳାହାଣ୍ଡିର 'ଜୁନାପାଣି' ଗାଁରେ, ଏପ୍ରିଲ ମାସର ଏକ ମରୁଡ଼ିଗ୍ରସ୍ତ ଉଦୁଉଦିଆ ଖରାବେଳରେ, ଅନାହାରରେ ଛଟପଟ ହେଉଥିବା, ପେଟ ଓ ଗାଲ ପଶି ଯାଇଥିବା, କଙ୍କାଳସାର ଓ ବାପା ମାଆ ଛେଉଣ୍ଡ 'ହେମନ୍ତ ମାଝୀ'କୁ କୋଳକୁ ନେଇଥିଲେ ଆନ୍‌ଥ୍ରୋପୋଲୋଜିର ପ୍ରଫେସର ଘୋଷାଲ୍। ମାଆ ମରିଥିଲା ତା'ର ଆହାର ବିନା। ଆଉ ବାପାର ପ୍ରାଣ ଉଡ଼ିଥିଲା ଆନ୍ଧ୍ର ପ୍ରଦେଶର କୌଣସି ଏକ ଅଧା ତିଆରି ଛାତ ଭୁଷୁଡ଼ି ପଡ଼ିଥିବା ଇଟା ଗଦାତଳେ !

"ମୋର ଏତେବର୍ଷର ନୈତିକତାଭରା ଜୀବନରୁ ତୁ ଏଇଆ ଶିଖିଲୁ ହେମନ୍ତ। ଲୋକଙ୍କୁ ସର୍ବହରା କରାଇଲୁ । ପେଟରୁ କାଟି, ସ୍ୱପ୍ନକୁ ଛୋଟକରି, ଜୀବନକୁ ସଙ୍କୁଚିତ କରି କିଛି ଯନ୍ତ୍ରଣାକୁ ଆଦର କରି ଭବିଷ୍ୟତକୁ ସାଇତିଥିବା ମଣିଷଙ୍କୁ ଛଟପଟ କରାଇଲୁ । ଏହା ଯଦି ଠିକ୍ ହୁଏ ତେବେ ଭୁଲ୍ କେଉଁଟା ତୋ ନଜରରେ ?"

"ନା ବାପା ମୁଁ ଠିକ୍ କରିଛି । ସେମାନେ, ସେମାନଙ୍କ ଭବିଷ୍ୟତ ଦେଖୁଥିଲେ। ମୁଁ କିନ୍ତୁ ମୋର ଅତୀତ ଓ ବର୍ତ୍ତମାନ ପାଇଁ ଛଟପଟ । ଆଉ ଆପଣ ଜାଣି ଖୁସି ହେବେ; ମୁଁ ଯେଉଁମାନଙ୍କ ଟଙ୍କା ହଡପ କରିଛି, ସେମାନେ ନା ପେଟକୁ କାଟି ରଖିଥିଲେ ନା ସ୍ୱପ୍ନକୁ ତଣ୍ଟିଚିପି। ମୋ କମ୍ପାନୀର ଅଧିକାଂଶ ଗ୍ରାହକ ଓଡ଼ିଶାର ଲାଞ୍ଚଖୋର ଅଫିସର, ଇଞ୍ଜିନିୟର, ମନ୍ତ୍ରୀ ଓ କଣ୍ଟ୍ରାକ୍ଟର । ଅନେକେତ ସାରା ଚାକିରି ଜୀବନ ବିତାଇଛି କଳାହାଣ୍ଡିରେ । ଏମାନେ ଲୁଟିଛନ୍ତି ମୋ କଳାହାଣ୍ଡି ଆଉ ମୋ ରାଜ୍ୟକୁ। ତିରିଶ ବର୍ଷ ବାପା। କୁମ୍ଭୀର କାନ୍ଦଣା କାନ୍ଦିଛନ୍ତି କଳାହାଣ୍ଡିର ଝୁପୁଡିରେ ରହୁଥିବା ଲୋକଙ୍କ ପାଇଁ। ଜଣପରେ ଜଣେ ଲୁଟୁଛନ୍ତି କଳାହାଣ୍ଡିକୁ। ଲୁଟୁଛନ୍ତି ଓଡ଼ିଶାକୁ। ସାଧାରଣ ଜନତାଙ୍କ ଜୀବନକୁ ଖୁସି ଭରିବାକୁ ଆସୁଥିବା ଅର୍ଥକୁ ଡକାୟତି କରିଛନ୍ତି ଏମାନେ। ସାଧାରଣ ଜନତା ଓଡ଼ିଶିଲି ତଦାପିଏ କିଣିଲେ ଦିଏ ଟ୍ୟାକ୍ସ ସରକାରଙ୍କୁ। ଆମରି ଅର୍ଥକୁ ଏମାନେ ଲୁଟନ୍ତି ବେଫିକର ହୋଇ। ନିଜ ନିଜ ଜୀବନକୁ ରାଜାଙ୍କ ଭଳି ଉପଭୋଗ କରନ୍ତି। ଅଥଚ ଏଠି ଲକ୍ଷ ଲକ୍ଷ ଲୋକ ଦିନକୁ ଦି'ମୁଠା ଦାନା ପାଆନ୍ତିନି। କାହିଁକି ଏପରି ପରିସ୍ଥିତି ବାପା କୁହନ୍ତୁ ଏଠି ? ଯଦି ମାତ୍ର କେତୋଟି ବର୍ଷରେ 'ଇସ୍ରାଏଲ୍' ଦେଶ, ଟାଙ୍ଗରା ଭୂମିରେ ସବୁଜ କ୍ଷେତ ହସାଇଦେଲା। ଶୁଖିଲା ପହ୍ନାରୁ ଥପ ଥପ ବୁହାଇ ଦେଲା ସଫେଦ ଗାଈ କ୍ଷୀର । ହେଲେ ଏବେବି ତିରିଶ ବର୍ଷ ପରେ କାହିଁକି ଏଠି ଗୋଟାଏ ହେମନ୍ତ ମାଝୀ ନୁହଁ ଅସଂଖ୍ୟ ହେମନ୍ତ ମାଝୀ ବ୍ୟାକୁଳ ହୁଅନ୍ତି ପ୍ରଫେସର ଘୋଷାଲଙ୍କ କୋଳକୁ ଡେଇଁବାକୁ ଓ ମୁଠାଏ ଭାତ ଓ ଟୋପାଏ ଜହ୍ନ ଆଲୁଅକୁ ଛୁଇଁବାକୁ !

ତେଣୁ କଳେ ବଳେ କୌଶଳେ, ମୋର କର୍ମଚାରୀମାନଙ୍କୁ ଲଗାଇ ଏମାନଙ୍କୁ ଗ୍ରାହକ କରାଇଥିଲି । ଏମାନଙ୍କ ଟଙ୍କା, ହାଓ୍ୱାଲା ଜରିଆରେ ନେଇ ବିଦେଶ ବ୍ୟାଙ୍କରେ ରଖିଥିଲି। ଏମାନଙ୍କ ସବୁ ସୁନା ଗହଣା ମୋ ଲକରରେ ଜାଗା ଦେଇଥିଲି । ମୁଁ ମାନୁଛି କିଛି ଲୋକଙ୍କ ଝାଳବୁହା ଅର୍ଥବି ମୋ କମ୍ପାନୀରେ ଅଛି । କିନ୍ତୁ ବାପା, ବାଘ ମାରିବାକୁ ହେଲେ ବନସ୍ତରେ, ଶାନ୍ତି ଆଣିବାକୁ ହେଲେ ଜଙ୍ଗଲରେ, ଗାଈଟିଏକୁ ବଳି ଦେବାକୁ ହୁଏ, ଏ'ଠି ନ ହେଲେ ସେ'ଠି। ଏମାନେ ତ ବାଘଠୁ ବଳି ବାପା ! ହେଲେ, ମୁଁ ବାଘ ଶିକାର କରିଛି ବିନା ଗାଈରେ । ମୁଁ ଠିକ୍ କରିଛି, ଯେଉଁମାନଙ୍କ ଝାଳବୁହା ଅର୍ଥ ମୋ ନିକଟରେ ଅଛି, ତାଙ୍କୁ ଫେରସ କରିବି ସୁଧସହ। ମୁଁ ଚାହେଁନା, ମୋ ପାଇଁ ଆଉ ଏକ ହେମନ୍ତ ମାଝି ସର୍ବହରା ହଉ ଓଡ଼ିଶା ଦାଦରେ । ଆଉ ଏ ଭ୍ରଷ୍ଟ ଜମାକାରୀଙ୍କ ଏକ ତାଲିକା ଦେବି ସବୁ ଖବରକାଗଜରେ। ଏମାନଙ୍କ ବିଦେଶୀ ବ୍ୟାଙ୍କର ଠିକଣା ଜଣାଇବି ସାରା ଜଗତକୁ !"

(ଘ) କଷ୍ଟକୁ କଷ୍ଟରେ ପରାସ୍ତ କରିବାର କୌଶଳ ଆଜିର ନୁହଁ , ବର୍ଷ ପରେ ବର୍ଷ ଅସଂଖ୍ୟ ବର୍ଷର:-" ହେଲେ ଏତେ ବିଶ୍ୱାସଘାତକତା କରିବା କ'ଣ ଠିକ୍ ହେଲା ପୁଅ ? ମୋ ମନ ମାନୁନିରେ !"

"କାହା ସହ ମୁଁ ବିଶ୍ୱାସଘାତକତା କରିଛି ବାପା ? ଏଇ ଜହ୍ଲାଦଙ୍କ ସହ ! ଯେଉଁମାନେ ପରୋକ୍ଷରେ ଜାଣି ଜାଣି ଅସଂଖ୍ୟ ଶବ ଏଠି ବିଛେଇ ଦେଇଛନ୍ତି। ଆଉ ନିଜର ଅଏସ ଆରାମ ଜୀବନରେ ମସଗୁଲ ଅଛନ୍ତି। କିଛି ଅନ୍ୟାୟ କରିନି ମୁଁ ! ବ୍ୟସ୍ତ ହୁଅନି ବାପା । କମର ତଳେ ଗଦା ପିଟି ଯଦି ଦୁର୍ଯ୍ୟୋଧନକୁ ମାରିହୁଏ । ନିରସ୍ତ୍ର ଦ୍ରୋଣଙ୍କ ଯଦି ଶିର ଛେଦ କରିହୁଏ ଯୁଦ୍ଧ କ୍ଷେତ୍ରରେ । ତେବେ ଏଠି ସବୁଠିକ୍ ବାପା । ନ୍ୟାୟ ଠିକ୍ । ଅନ୍ୟାୟ ଠିକ। ନୈତିକତା ଠିକ। ଅନୈତିକତା ଠିକ। ଜୀବନ ଠିକ୍ । ଯନ୍ତ୍ରଣା ଠିକ୍ । ସର୍ବୋପରି ଖାଁ ଖାଁ ନିଶୂନ ଖରାବେଳ ଠିକ୍। ଠିକ୍ ନା ବାପା ?"

ବାପା ଆଉ କିଛି ନ କହି ଏଥର ନିରବ ରହିଲେ !

❤ ମୋ: ୯୮୨୭୧୭୭୮୯୯

# ଡିଜେଲ ସଙ୍କଟ ମତ୍ସ୍ୟଜୀବୀଙ୍କ ପାଇଁ ବିପଦ ସୃଷ୍ଟି କରିଛି

## ■ମାଛଧରା କଟକଣା ଉଠିବା ସତ୍ତ୍ୱେ ସମସ୍ୟା ସମାଧାନ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମୁଦ୍ରରୁ ମାଛ ଧରିବା ବନ୍ଦ କଲା ମତ୍ସ୍ୟ ବ୍ୟବସାୟୀ ସଂଘ

## ■ମତ୍ସ୍ୟ କ୍ଷେତ୍ରକୁ ବଞ୍ଚାଇବା ପାଇଁ ତୁରନ୍ତ ସରକାରୀ ହସ୍ତକ୍ଷେପ ଦାବି କଲା ଓମ୍ପା




ପାରାଦୀପ, ୧୩/୬ : ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ପକ୍ଷରୁ ଘୋଷଣା କରାଯାଇଛି ୧୪ ଜୁନ ୨୦୨୬ ସୁଦ୍ଧା ସମୁଦ୍ର ରୁ ମାଛଧରା ନିଷେଧ ଶେଷ ହେଉଥିଲେ ମଧ୍ୟ, ମତ୍ସ୍ୟଜୀବୀଙ୍କ ଜୀବିକା ସହ ଜଡିତ ଦୀର୍ଘଦିନର ସମସ୍ୟାଗୁଡ଼ିକର ସମାଧାନ ନ ହେବା ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ସାମୁଦ୍ରିକ ମାଛଧରା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସଂଘର ସାଧାରଣ ପରିଷଦ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଛି । ଭାରତର ପୂର୍ବ ଉପକୂଳ ର ଅନ୍ୟତମ ବୃହତ୍ତମ ମତ୍ସ୍ୟ କେନ୍ଦ୍ର ଭାବେ ପରିଚିତ ପାରାଦୀପ ବର୍ତ୍ତମାନ ଗଭୀର ଆର୍ଥିକ ଓ ପରିଚାଳନାଗତ ସଙ୍କଟ ଦେଇ ଗତି କରୁଛି । ସଂଘ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏହି ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛି ।କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ପାରି ନାହିଁ ।ପାରାଦୀପ ଫିସିଙ୍ଗ ହାର୍ବର ଓଡ଼ିଶାର ସାମୁଦ୍ରିକ ମତ୍ସ୍ୟ ଶିଳ୍ପର ଜୀବନରେଖା ଅଟେ । ଏହା ପ୍ରାୟ ୫୦ ହଜାର ମତ୍ସ୍ୟଜୀବୀ ଓ ସହଯୋଗୀ କର୍ମଚାରୀଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜୀବିକା ଯୋଗାଇ ଆସୁଛି । ଏଠାରେ ୬୩୪ ଟି ମାଛଧରା ଟ୍ରଲର ଓ ୧୫୮ ଟି ମୋଟରଚାଳିତ ଡଙ୍ଗା ରହିଛି, ଯାହା ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।କିନ୍ତୁ ଏବେ ଡିଜେଲ ସଙ୍କଟ ମତ୍ସ୍ୟଜୀବୀଙ୍କ ଜୀବୀନ ଜୀବିକା ପ୍ରତି ବିପଦ ସୃଷ୍ଟି କରିଛି ।ବର୍ତ୍ତମାନ ମତ୍ସ୍ୟଜୀବୀମାନଙ୍କ ସାମ୍ନାରେ ଥିବା ସବୁଠାରୁ ବଡ଼ ସମସ୍ୟା ହେଉଛି ଡିଜେଲ ମୂଲ୍ୟର ଅସ୍ୱାଭାବିକ ବୃଦ୍ଧି । ସାଧାରଣ ଲୋକମାନେ ଯେଉଁଠାରେ ପ୍ରତି ଲିଟର ଡିଜେଲ ୯୯-୧୦୧ ଦରରେ ପାଉଛନ୍ତି, ସେଠାରେ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କୁ ଫିସିଙ୍ଗ ହାର୍ବରର ଉପଭୋକ୍ତା କେନ୍ଦ୍ର ମାଧମରେ ୧୪୦-୧୪୨ ଟଙ୍କାରେ କିଣିବାକୁ ବାଧ୍ୟ କରାଯାଉଛି ।ତେବେ ଲିଟର ପିଛା ୪୦ଟଙ୍କା ଅଧିକ ଦେବାକୁ ପଡୁଛି, ଯାହା ମତ୍ସ୍ୟଜୀବୀମାନଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି ।ତେବେ ମାଛଧରା ଟ୍ରଲର ମାନେ ମାଛ ଧରିବା ପାଇଁ ସମୁଦ୍ର ମଧ୍ୟକୁ ଗଲାବେଳେ ହଜାର ହଜାର ଲିଟର ଡିଜେଲ ବ୍ୟବହାର କରିଥାନ୍ତି। ଅହେତୁକ ଡିଜେଲ ଦର ବୃଦ୍ଧି ରେ ଲକ୍ଷାଧିକ ଟଙ୍କାର ଅତିରିକ୍ତ ଖର୍ଚ୍ଚ ହେଉଛି ।ଯାହା ଫଳରେ ବହୁ ଟ୍ରଲର ଖର୍ଚ୍ଚ ବହନ କରିପାରୁ ନଥିବାରୁ ବନ୍ଦରରେ ଅଚଳ ଅବସ୍ଥାରେ ପଡ଼ି ରହିଛି । ଆନ୍ଧ୍ରପ୍ରଦେଶ ଓ ଗୁଜରାଟ ଭଳି ପଡ଼ୋଶୀ ରାଜ୍ୟର ମତ୍ସ୍ୟଜୀବୀମାନେ ବିଭିନ୍ନ ପ୍ରକାରର ଡିଜେଲ ସବସିଡି ଓ ଉନ୍ଧନ ସହାୟତା ପାଉଥିବା ବେଳେ, ଓଡ଼ିଶାର ମତ୍ସ୍ୟଜୀବୀମାନେ ସମାନ ଅବଦାନ ସତ୍ତ୍ୱେ ସେହି ସୁବିଧାରୁ ବଞ୍ଚିତ ରହିଛନ୍ତି। ଗତ କିଛି ବର୍ଷ ଧରି ଜାହାଜ ରକ୍ଷଣାବେକ୍ଷଣ, ମାଛଧରା ଉପକରଣ, ଯନ୍ତ୍ରାଂଶ, ଇଞ୍ଜିନ ମରାମତି, ଶ୍ରମିକ ମଜୁରୀ, ବରଫ, ଖାଦ୍ୟ ସାମଗ୍ରୀ ଆଦିରେ ବ୍ୟୟ ବହୁଗୁଣ ବୃଦ୍ଧି ପାଇଛି । ସେହି ସମୟରେ ପାରମ୍ପରିକ ମାଛଧରା କ୍ଷେତ୍ରରେ ମାଛର ଉପଲବ୍ଧତା କମିବା ଫଳରେ ଧରାଯାଉଥିବା ମାଛର ପରିମାଣ ଓ ଲାଭ ହ୍ରାସ ପାଇଛି ।ଫଳସ୍ୱରୂପ, ଅନେକ ଜାହାଜ ମାଲିକ ବ୍ୟାଙ୍କ ଋଣ ଓ ବ୍ୟକ୍ତିଗତ ଋଣ ପରିଶୋଧ କରିବାରେ ସଂଘର୍ଷ କରୁଛନ୍ତି ଏବଂ ମତ୍ସ୍ୟଜୀବୀମାନେ ନିଜ ପରିବାରର ଭରଣପୋଷଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ତା ସାଙ୍ଗକୁ ବାତ୍ୟା ଓ ମାଛଧରା ଉପରେ କଟକଣା ମତ୍ସ୍ୟ ବ୍ୟବସାୟୀ ଓ ମତ୍ସ୍ୟଜୀବୀ ଙ୍କ ଅଧିକ ବିପଦରେ ପକାଉଛି । ପାରାଦୀପ ଉପକୂଳରେ ସାମୁଦ୍ରିକ ପ୍ରଦୂଷଣ ମଧ୍ୟ ଆଉ ଏକ ବିପଦ ଭାବେ ଛିଡା ହୋଇଛି ।ଶିଳ୍ପ କାରଖାନାର ବର୍ଜ୍ୟବସ୍ତୁ ଓ ସାମୁଦ୍ରିକ ପ୍ରଦୂଷଣ ମାଛ ପ୍ରଜନନ କ୍ଷେତ୍ର ଏବଂ ସାମୁଦ୍ରିକ ଜୈବ ବିବିଧତାକୁ କ୍ଷତିଗ୍ରସ୍ତ କରୁଛି ।ସରକାରଙ୍କ ନିକଟରେ ସଂଘର ମୁଖ୍ୟ ଦାବି ଗୁଡିକ ମଧ୍ୟରେ ଫିସିଙ୍ଗ ହାର୍ବର ଆଉଟଲେଟ ମାଧ୍ୟମରେ ସାଧାରଣ ଖୁଚୁରା ଦରରେ ଡିଜେଲ ଯୋଗାଣ, ପାରାଦୀପ ମାଛଧରା ବନ୍ଦରରେ ଇଣ୍ଡଷ୍ଟ୍ରିଆଲ ଡିଜେଲ ମୂଲ୍ୟ ବୃଦ୍ଧି ବ୍ୟବସ୍ଥା ପ୍ରତ୍ୟାହାର, ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରକୁ କୃଷି କ୍ଷେତ୍ର ଭଳି ଦିଆଯାଉଥିବା ସୁବିଧା ଓ ସୁରକ୍ଷା ପ୍ରଦାନ, ସମବାୟ ଉପଭୋକ୍ତା କେନ୍ଦ୍ର ମାଧ୍ୟମରେ ଖୁଚୁରା ଦରରେ ଡିଜେଲ ଯୋଗାଣ, ପାରାଦୀପ ଉପକୂଳରେ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କାର୍ଯ୍ୟକାରୀ ପଦକ୍ଷେପ, ସମସ୍ତ ଉପକୂଳ ରାଜ୍ୟର ମତ୍ସ୍ୟଜୀବୀଙ୍କ ପାଇଁ ସମାନ ଇନ୍ଧନ ସହାୟତା ଓ କଲ୍ୟାଣ ସୁବିଧା ସୁନିଶ୍ଚିତ କରିବାକୁ ଏକ ଜାତୀୟ ନୀତି ପ୍ରଣୟନ ସରକାରଙ୍କୁ ନିବେଦନ ।ତେବେ ଓମ୍ପା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏହି ସଙ୍କଟର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରୁଛି ।କାରଣ ହଜାର ହଜାର ମତ୍ସ୍ୟଜୀବୀ ପରିବାର, ଶ୍ରମିକ, ମାଛ ବ୍ୟବସାୟୀ, ପରିବହନକାରୀ, ପ୍ରକ୍ରିୟାକରଣ କର୍ମଚାରୀ ଏବଂ ଅନ୍ୟାନ୍ୟ ହିତାଧିକାରୀ ଏହି ଶିଳ୍ପ ଉପରେ ନିର୍ଭରଶୀଳ ।ତେଣୁ ବିଳମ୍ବ ନକରି ତୁରନ୍ତ ପଦକ୍ଷେପ ନେବାକୁ ଓମ୍ପା ଦାବି ଜଣାଇଛି । ନ ହେଲେ ଓଡ଼ିଶାର ସାମୁଦ୍ରିକ ମତ୍ସ୍ୟ ଶିଳ୍ପ ଧ୍ୱଂସ ଆଡ଼କୁ ଯାଇପାରେ, ଯାହା ଜୀବିକା, ରପ୍ତାନି ଏବଂ ବ୍ଲୁ ଇକୋନୋମିର ଭବିଷ୍ୟତକୁ ବିପଦରେ ପକାଇଦେବ ବୋଲି ଓମ୍ପା ପକ୍ଷରୁ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘର କର୍ମକର୍ତ୍ତା ମାନେ ମତ ପ୍ରକାଶ କରିଛନ୍ତି ।ଆଜିର ସାମ୍ବାଦିକ ସମ୍ମିଳନୀରେ ଓମ୍ପାର ସଭାପତି ଶ୍ରୀକାନ୍ତ ପରିଡା, ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ଉପସଭାପତି ମାନସ ରଞ୍ଜନ ପଢିଆରୀ, ସହ-ସମ୍ପାଦକ ସରୋଜ ବୋଇତେଇ ଓ କୋଷାଧ୍ୟକ୍ଷ ପୁରନ୍ଦର ବିଶ୍ୱାଳ ଙ୍କ ସମେତ ବହୁ ମତ୍ସ୍ୟ ବ୍ୟବସାୟୀ ଉପସ୍ଥିତ ଥିଲେ।

## ସଂପାଦନାର ତାରକା- "ସାଗରିକା"...

(ପୃଷ୍ଠା ୫ର ଅବଶିଷ୍ଟାଂଶ ) ଅନ୍ୟମାନଙ୍କ କବିତା ମଧ୍ୟରେ ବିପ୍ଳବ ରଂଜନ 'ପତିଙ୍କ ନଈ ପାଇଁ', ଡଃ ଶ୍ରୀଧର ସାମଲଙ୍କ 'ପାପୁଲିଏ ପ୍ରେମ', ନିହାରିକା ରଥଙ୍କର 'ଏପ୍ରିଲର ଫୁଲ', ଶିଶିର ନାୟକଙ୍କ 'ଏକା ହୋଇଯାଅ', ସୁରେନ୍ଦ୍ର ପାଣିଗ୍ରାହୀଙ୍କ 'ବାଜି', ବୃନ୍ଦାବନ ଦାସଙ୍କ 'ଥରେ ଯାଇ ବସ', ଜ୍ଞାନେନ୍ଦ୍ର କୁମାର ପଣ୍ଡାଙ୍କ 'ତମେ ଆସିଛ ବୋଲି, ତାରାପ୍ରସାଦ ଜେନାଙ୍କ 'ଲୁହରେ କଲୁନି ଭାଗ' କବିତା ଏଥିରେ ସ୍ଥାନିତ ହୋଇଛି । ସେହିପରି ସ୍ନିଗ୍ଧା ପଣ୍ଡା, ସୁବ୍ରତ କୁମାର ଜେନା, ମହାପାତ୍ର ସବିତା ହୋତା, ଦେବସ୍ମିତା ମିଶ୍ର, ସୁଜିତ କୁମାର ମିଶ୍ର, ବୈକୁଣ୍ଠ ନାଥ ସାହୁ, ସିଦ୍ଧେଶ୍ୱର ପଣ୍ଡା, ବିଜୟ କୁମାର ବହଳୀ, ପ୍ର. ଗିରିଜା ଶଙ୍କର ଶର୍ମା, ଦୀପ୍ତି ମିଶ୍ର, ବିନୋଦ, ସୁରଞ୍ଜନ ପାତ୍ର, ମୀନକେତନ ପଶାୟତ, ସ୍ମିତା ପଣ୍ଡା, ପ୍ରଶାନ୍ତ ମହାନ୍ତି, ନୀଳାମ୍ବର ପଣ୍ଡା, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ଡ. ଭାରତୀ ହୋତା ପ୍ରମୁଖଙ୍କ କବିତାକୁ ସଂପାଦିକା ଏହି ସଂଖ୍ୟାରେ ସ୍ଥାନ ଦେଇଛନ୍ତି । ଏହା ସହିତ ଡକ୍ଟର କବିତା ବାରିକଙ୍କ ଆତ୍ମଜୀବନୀର ୩ୟ ଭାଗ, ସୌଭାଗ୍ୟବନ୍ତ ମହାରଣା, ଶ୍ରୀକୃଷ୍ଣ ବଳ, ପ୍ରାଣକୃଷ୍ଣ ଦଳବେହେରାଙ୍କ ପ୍ରବନ୍ଧ ଓ ବହିକଥାରେ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ, ମୌସୁମୀ ଦାସ, ପତିତ ପାବନ ଗିରି, ବନମାଳୀ ସେନାପତି ରହିଛନ୍ତି । 'ଶେଷକଥା'ରେ ଅଛନ୍ତି କାଳିକିଙ୍କର ଦାସ । ଆଶା କରୁଛି ପତ୍ରିକାଟି ପାଠକୀୟ ଆଦୃତି ପାଇବ ।

♥ ସଂପାଦକ ପରାଗ'
ଗୋପ, ଆଳି, କେନ୍ଦ୍ରାପଡ଼ା

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସରପଞ୍ଚ ଚାମେଲିଙ୍କୁ ନେଇ...

ଥାନା ଭିତରେ ପଶି ପୋଲିସ ଉପରେ ଆକ୍ରମଣ କରିବା ଅଭିଯୋଗରେ ଚାମେଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୋଲିସ । ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଥିଲା। ..ଜେଲ ଯିବାର ମାତ୍ର କିଛି ସମୟ ଭିତରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପୁଣି ଥରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସ ମେଡିକାଲ ଯାଇ ଚାମେଲିଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ରାଜ୍ୟ ସରପଞ୍ଚ ସଂଘ ସଭାପତି ଓ ତାଙ୍କ ଟିମ୍ ମଧ୍ୟ ଡାକ୍ତରଖାନା ଯାଇ ଚାମେଲିଙ୍କୁ ଭେଟିଛନ୍ତି। ପଂଚାୟତର ବିକାଶ ମୂଳକ କାର୍ଯ୍ୟ କରାଇ ଦିଆଯାଉନଥିବା ଅଭିଯୋଗ ଆଣି ଗୁରୁବାର ବିଡିଓଙ୍କୁ ଭେଟିବାକୁ ଯାଇଥିଲେ ଚାମେଲି। ଦାବି ପତ୍ର ଦେବା ସମୟର ଭିଡିଓକୁ ଫେସବୁକରେ ତାଙ୍କ ଲାଇଭ୍ କରୁଥିଲେ। ସେଇଠୁ ଆରମ୍ଭ ହୋଇଥିଲା ବିବାଦ। ତାଙ୍କୁ ପୁଲିସ ଉଠାଇ ନେବା ସହ ମାଡ଼ ମାରିଥିବା ଅଭିଯୋଗ କରିଥିଲେ। ସେହିଦିନରୁ ମେଡିକାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ଅନ୍ୟପଟେ ଗତକାଲି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତାଙ୍କୁ ଗଣଦୁଷ୍କର୍ମ ଧମକ ଦିଆଯାଇଥିବା ଏବଂ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସୁରକ୍ଷା ଲୋଡ଼ିଥିଲେ। ଏଥିସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ।

### ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ...

ଏହା ପରେ ନିଜ ଫୋନରୁ ବାରମ୍ବାର ଭୀମସେନଙ୍କୁ କଲ୍ କରିଥିଲେ। କିନ୍ତୁ ଭୀମସେନ ଫୋନ୍ ଉଠାଇ ନ ଥିଲେ। ଭୀମସେନ ତାଙ୍କ ଫୋନ୍ ନଉଠାଇବାରୁ ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଫୋନ୍ ମାଗି ଚନ୍ଦ୍ରିକା ତାଙ୍କ ପାଖକୁ କଲ୍ କରିଥିଲେ। ତଥାପି ଭୀମସେନ ଫୋନ୍ ଉଠାଇ ନଥିଲେ। ତା'ପରେ ଚନ୍ଦ୍ରିକା ଚରମ ନିଷ୍ପତ୍ତି ନେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଚନ୍ଦ୍ରିକାଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ଭୀମସେନ ଓଏଏସ୍ ଟ୍ରେନିଂ ସେଣ୍ଟରରୁ ଫେରାର ହୋଇଯାଇଥିଲେ। ତେଣୁ ପୁଲିସର ତାଙ୍କ ଉପରେ ସନ୍ଦେହ ବଢ଼ିଥିଲା। ଭୁବନେଶ୍ୱରରୁ ଫେରାର ହେବା ପରେ ସେ ବିଭିନ୍ନ ସ୍ଥାନରେ ଲୁଚିଥିଲେ। ମୟୂରଭଞ୍ଜର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୁଚି ରହିଥିଲେ। ଅତି ଚତୁରତାର ସହ ମୋବାଇଲ୍ ଫୋନ୍ ବ୍ୟବହାର ନକରି ଅନ୍ୟ ଲୋକଙ୍କ ମୋବାଇଲରେ କଥା ହୋଇ ସବୁ କଥା ବୁଝୁଥିଲେ। ସୋଶାଲ ମିଡିଆ ଓ ଟିଭିରେ ନ୍ୟୁଜ ଦେଖି ପୁଲିସର ଗତିବିଧି ବାବଦରେ ଜାଣୁଥିଲେ। ପୁଲିସ ତାଙ୍କୁ ଗିରଫ କରିବା ନିଶ୍ଚିତ ଜାଣି ଧରାନପଡ଼ିବା ପାଇଁ ସେ ବାରମ୍ବାର ସ୍ଥାନ ବଦଳାଉଥିଲେ। ତେଣୁ ପୁଲିସ ସନ୍ଦେହ କରି କୌଣସି ସ୍ଥାନରେ ପହଞ୍ଚିବା ପୂର୍ବରୁ ସେ ସେଠାରୁ ଫେରାର ହୋଇଯାଉଥିଲେ। ଏମିତିକି ସେ ଝାରଖଣ୍ଡ ମଧ୍ୟ ପଳାଇଥିଲେ। ତେବେ ବାରଙ୍ଗ ଥାନା ପୁଲିସ ସହିତ ସ୍ପେଶାଲ ସ୍କ୍ୱାଡ୍ ଓ ସାଇବର ସେଲ ଟିମ୍ ତାଙ୍କୁ ଖୋଜି ବାହାର କରିବାକୁ ପ୍ରୟାସ ଜାରି ରଖିଥିଲେ। ଅନ୍ୟାନ୍ୟ ସ୍ଥାନ ସହିତ ମୟୂରଭଞ୍ଜ ଜିଲ୍ଲାର ଝାରପୋଖରିଆ ଓ ବାଦାମପାହାଡ଼ ଆଦି ଅଞ୍ଚଳରେ ତାଙ୍କୁ ଖୋଜିବା ପାଇଁ ପୁଲିସ ଟିମ୍ ଯାଇଥିଲା। ଭୀମସେନଙ୍କୁ ସହଯୋଗ କରୁଥିବା ତାଙ୍କର କିଛି ବନ୍ଧୁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଇଥିଲା। ଏ ବାବଦରେ ଖବର ପାଇ ଭୀମସେନ ବାରିପଦା ବିଷୋୟୀ ଥାନାକୁ ଆତ୍ମସମର୍ପଣ ପାଇଁ ପହଞ୍ଚିଥିଲେ। ଏହି ଖବର ପାଇ ମୟୂରଭଞ୍ଜରେ ଥିବା କମିଶନରେଟ ପୁଲିସର ଟିମ୍ ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ଭୀମସେନଙ୍କ ଲ୍ୟାପଟପ୍, ଟାବଲେଟ ଓ ମୋବାଇଲ ଫୋନ୍ ଜବତ କରାଯାଇଛି। ଭୀମସେନ ସୋଶାଲ ମିଡିଆ ଚାଟ୍‌ରୁ ଜଣାପଡ଼ିଛି ଯେ ଚନ୍ଦ୍ରିକାଙ୍କ ସହିତ ତାଙ୍କର ଥିବା ସମ୍ପର୍କରେ ତିକ୍ତତା ଆସିଥିଲା। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ଭୀମସେନ୍ ଦାୟୀ। ଆବଶ୍ୟକ ସ୍ଥଳେ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଡିସିପି ଋଷିକେଶ ଖିଲାରୀ କହିଛନ୍ତି। ଚନ୍ଦ୍ରିକା ଓ ଭୀମସେନ ଛୋଟବେଳୁ ଏକାଠି ଗୋଟିଏ ସ୍କୁଲରେ ପଢୁଥିଲେ। ଏହାପରେ କଟକର ଏକ କଲେଜରେ ଉଭୟ +୨ ବିଜ୍ଞାନ ପଢୁଥିଲେ। ଚନ୍ଦ୍ରିକାଙ୍କ ମା' ଦେଇଥିବା ଏତଲା ଅନୁଯାୟୀ ଦୀର୍ଘ ୧୫ ବର୍ଷ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ସେମାନେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୨୭ ଡିସେମ୍ବରରେ ଉଭୟ ବିବାହ କରିବେ ବୋଲି ମଧ୍ୟ ନିଷ୍ପତ୍ତି ନେଇଥିଲେ ସେମାନେ। ଦୁହେଁ ଏକତ୍ର ବୁଲାବୁଲି କରୁଥିଲେ ଓ ରହୁଥିଲେ। ହେଲେ ଭୀମସେନଙ୍କ ଜୀବନରେ ସ୍ୱାତୀ ନାମ୍ନୀ ଆଉ ଜଣେ ଯୁବତୀ ପ୍ରବେଶ କରିବା ପରେ ଚନ୍ଦ୍ରିକାଙ୍କ ସହିତ ତାଙ୍କର ସଂପର୍କରେ ସୃଷ୍ଟି ହୋଇଥିଲା ଫାଟ। ଚନ୍ଦ୍ରିକାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ ଭୀମସେନ। ସେଥିପାଇଁ ଚନ୍ଦ୍ରିକାଙ୍କ ମୃତ୍ୟୁ ହୋଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି ତାଙ୍କ ମା' । ଏସବୁ ନେଇ ଚନ୍ଦ୍ରିକାଙ୍କ ପରିବାର ଲୋକେ ତଥା ପୁଲିସ ପର୍ଯ୍ୟାପ୍ତ ପ୍ରମାଣ ଥିବା ଦାବି କରିଛନ୍ତି। ଆଇନଜୀବୀ କହିଛନ୍ତି ଯେ ପୁଲିସ ବର୍ତ୍ତମାନ ଯାହା ପ୍ରମାଣ ପାଇଛି, ତାହା ଭୀମସେନଙ୍କୁ ଗିରଫ କରିବା ପାଇଁ ଯଥେଷ୍ଟ। ହେଲେ କୋର୍ଟରେ ଏହାକୁ ପ୍ରମାଣ କରିବା କାଠିକର ପାଠ ହେବ। ଆତ୍ମହତ୍ୟା ପାଇଁ ସେ କିଭଳି ଚନ୍ଦ୍ରିକାଙ୍କୁ ପ୍ରବର୍ତ୍ତାଇଥିଲେ ତାହା କୋର୍ଟରେ ପ୍ରମାଣ କରିବା ପାଇଁ ପୁଲିସକୁ ସବୁ ପ୍ରମାଣ ଯୋଗାଡ଼ କରିବାକୁ ପଡ଼ିବ। ନହେଲେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଯିବେ।

### ଲେଫ୍ଟନାଣ୍ଟ ଜେନେରାଲ ...

ପ୍ରାୟ ଚାରି ଦଶନ୍ଧି ଧରି ଭାରତୀୟ ସେନା ସହ ମିଶି ଦେଶର ସେବା କରି ଚାଲିଥିବା ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ ରଣନୀତି ପ୍ରସ୍ତୁତ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ରଖିଛନ୍ତି। ପରବର୍ତ୍ତୀ ସେନା ପ୍ରମୁଖ ଭାବେ ଦାୟିତ୍ୱ ନେବାକୁ ଯାଉଥିବା ଲେଫ୍ଟନାଣ୍ଟ ଜେନେରାଲ ସେଠ ସୁଦର୍ଶନ ଚକ୍ର କର୍ପ୍ସର କମାଣ୍ଡ କରିଥିଲେ। ଏହାସହ ସେ ଦିଲ୍ଲୀରେ ଜେନେରାଲ ଅଫିସର କମାଣ୍ଡିଂ ଭାବେ କାର୍ଯ୍ୟ କରିଛନ୍ତି। ଏହା ସହ ଦକ୍ଷିଣ-ପଶ୍ଚିମ କମାଣ୍ଡ ଓ ଦକ୍ଷିଣ କମାଣ୍ଡର ମଧ୍ୟ ନେତୃତ୍ୱ ନେଇଛନ୍ତି।

### ବାୟୁ ସେନା ବିମାନ...

ଅପଡେଟରେ ୫ କର୍ମଚାରୀ ପ୍ରାଣ ହରାଇଥିବା କଥାକୁ ନିଶ୍ଚିତ କରିଛି। ଏଥିସହ କ୍ରାଶର କାରଣ ଖୋଜିବାକୁ ତଦନ୍ତ ଆରମ୍ଭ ହୋଇଥିବା ବାୟୁସେନା କହିଛି। ଜୋରହାଟ ଏଏନ-୩୨ ବିମାନ କ୍ରାଶରେ ସ୍କ୍ୱାର୍ଡନ ଲିଡର ପ୍ରଶାନ୍ତ ସିଂହ, ଫ୍ଲାଇଟ ଲେଫ୍ଟନାଣ୍ଟ ଶୁଭମନ କୁମାର ସର୍ଜେଣ୍ଟ ଜିତେନ୍ଦ୍ର ଶର୍ମା, ଅଗ୍ନିବୀର ବାୟୁ ଖେମରାମ କୁମାୱତ ଓ ଅଗ୍ନିବୀର ବାୟୁ ଦାନିଶ ଆଲମ ପ୍ରାଣ ହରାଇଛନ୍ତି। ସେମାନଙ୍କ ପ୍ରତି ସେନା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ପ୍ରାଥମିକ ଆକଳନରୁ ଜଣାପଡ଼ିଛି ଯେ ବିମାନଟି ନିୟମିତ ଉଡ଼ାଣ ପରେ ଏୟାରବେସ୍‌ରେ ଲ୍ୟାଣ୍ଡିଂ କରୁଥିଲା। କିନ୍ତୁ ଲ୍ୟାଣ୍ଡିଂ ସମୟରେ ଏହା କ୍ରାଶ କରିଯାଇଥିଲା। ଏହାପରେ ବିମାନରେ ନିଆଁ ଲାଗି ଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବିମାନଟି ମଝିରୁ ପୂରା ଦୁଇ ଖଣ୍ଡ ହୋଇଯାଇଛି। ବିମାନରେ ୬ ଜଣ ସଦସ୍ୟ ଥିଲେ। ଏଥିରେ ୫ ଜଣ ପ୍ରାଣ ହରାଇଥିବା ବେଳେ ସହ ପାଇଲଟଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାୟୁସେନାର ବରିଷ୍ଠ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। କେଉଁ ପରିସ୍ଥିତିରେ ବିମାନଟି କ୍ରାଶ କଲା ଓ ଅଗ୍ନିକାଣ୍ଡ ଘଟିଲା, ତା'ର ତଥ୍ୟ ଅଧିକାରୀମାନେ ସଂଗ୍ରହ କରୁଛନ୍ତି।

### ଫ୍ରାନ୍ସ, ସ୍ଲୋଭାକିଆ...

ପ୍ରଥମ ଥର ପାଇଁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ଏହି ରାଷ୍ଟ୍ରକୁ ଗସ୍ତ କରୁଛନ୍ତି। ମୋଦୀ କହିଛନ୍ତି, ସେ ସ୍ଲୋଭାକ ରାଷ୍ଟ୍ରପତି ପିଟର ପେଲ୍ଲେଗ୍ରୀନି ଏବଂ ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କୁ ବ୍ରତିସଲାବାରେ ଭେଟିବେ। ଫ୍ରାନ୍ସର ଇବିୟାନରେ ଅନୁଷ୍ଠିତ ହେବାକୁ ଥିବା ଜି-୭ ସମ୍ମିଳନୀରେ ଭାରତର ଅଂଶଗ୍ରହଣ ସଂକ୍ରାନ୍ତରେ ମୋଦୀ କହିଛନ୍ତି, ଭାରତ ଉପରେ ଏହାର ସହଯୋଗୀମାନେ ଦେଖାଇଥିବା ବିଶ୍ୱାସର ଏହା ପ୍ରତିଫଳନ। ଉଲ୍ଲେଖଯୋଗ୍ୟ ଯେ ଲଗାତାର ଅଷ୍ଟମ ଜି-୭ ସମ୍ମିଳନୀ ପାଇଁ ଭାରତକୁ ନିମନ୍ତ୍ରଣ କରାଯାଇଛି।

## +ରାଜ୍ୟରେ ଅନ୍ତିମ ପର୍ଯ୍ୟାୟରେ +ଏସଆଇଆର

ଭୁବନେଶ୍ୱର, ୧୩/୬ (ନି.ପ୍ର): ରାଜ୍ୟରେ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ପହଂଚିଛି। ପରିଗଣନା ଫର୍ମ ବଂଟନ ଓ ସଂଗ୍ରହ କାର୍ଯ୍ୟ ପ୍ରାୟ ଶେଷ ହୋଇଥିବାବେଳେ ବର୍ତମାନ ପରିଗଣନା ଫର୍ମଗୁଡ଼ିକର ଡିଜିଟାଇଜେସନ୍ ଉପରେ ଗୁରୁତ୍ୱ ଦିଆଯାଉଛି। ବୁଥ୍ ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ବୁଲି ପରିଗଣନା ଫର୍ମ ସଂଗ୍ରହ କରିବା ପରେ ସେଗୁଡ଼ିକୁ ଅନଲାଇନ୍ ମାଧ୍ୟମରେ ଡିଜିଟାଇଜ୍ କରୁଛନ୍ତି। ତେଣୁ ଯେଉଁ ଭୋଟରମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ନିଜ ବିଏଲଓଙ୍କ ନିକଟରେ ଏହା ଜମା କରିବାକୁ ଅନୁରୋଧ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ସନ୍ଧ୍ୟା ସୁଦ୍ଧା ରାଜ୍ୟର ମୋଟ ୩ କୋଟି ୨୯ ଲକ୍ଷ ୬୪ ହଜାର ୫୦୧ ଜଣ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ବଂଟନ କରାଯାଇସାରିଛି, ଯାହା ମୋଟ ଭୋଟରଙ୍କର ୯୮.୬୫ ପ୍ରତିଶତ। ସେହିପରି, ଏପର୍ଯ୍ୟନ୍ତ ୯୫ ଲକ୍ଷ ୪୧ ହଜାର ୯୨୪ଟି ପରିଗଣନା ଫର୍ମ ସଫଳତାର ସହ ଡିଜିଟାଇଜ୍ କରାଯାଇଛି, ଯାହା ମୋଟ ଭୋଟରଙ୍କର ୨୮.୫୭ ପ୍ରତିଶତ। ଆସନ୍ତା ଦିନଗୁଡ଼ିକରେ ଏହି ଡିଜିଟାଇଜେସନ୍ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯାଉଛି।

# ମଧ୍ୟପ୍ରଦେଶର ଭୋପାଳ ଗସ୍ତରେ କେନ୍ଦ୍ରମନ୍ତ୍ରୀ

## ପ୍ରଧାନମନ୍ତ୍ରୀଙ୍କ ୧୨ ବର୍ଷର ଯାତ୍ରା ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳ ନିଦର୍ଶନ: ଧର୍ମେନ୍ଦ୍ର ପ୍ରଧାନ



ଭୋପାଳ, ୧୩/୬ (ନି.ପ୍ର): ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଗତ ୧୨ ବର୍ଷର ଯାତ୍ରା ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳ ନିଦର୍ଶନ ବୋଲି ଆଜି ମଧ୍ୟପ୍ରଦେଶର ଭୋପାଳ ଗସ୍ତ ଅବସରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।
ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ପୃଥକ ପୃଥକ ଭାବରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ, ଜନପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱର ସଫଳ ୧୨ ବର୍ଷ ଉପରେ ସମ୍ବାଦିକମାନଙ୍କ ସହ ଆଲୋଚନା କରିବା ସହିତ 'ଆତ୍ମନିର୍ଭର ମହିଳା ସମ୍ମାନ' ଓ 'ବିକଶିତ ଭାରତ ସଂକଳ୍ପ: ଏକ ବିକଶିତ ଭାରତ ଅଭିମୁଖେଟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ବର୍ଷ ସଫଳତାର ସହ ପୂର୍ଣ୍ଣ ହୋଇଛି । ଏହି ଯାତ୍ରା ଦେଶର ପ୍ରତ୍ୟେକ ବର୍ଗକୁ ସାଙ୍ଗରେ ନେଇ ଆଗକୁ ବଢ଼ିବା ଏବଂ ସେବା ଓ ସୁଶାସନର ସଂକଳ୍ପକୁ ମଜବୁତ କରିବାର ଯାତ୍ରା ଅଟେ । ଅନ୍ତ୍ୟୋଦୟ ଭାବନା ସହ ଗରିବ, କୃଷକ, ମହିଳା ଏବଂ ଯୁବକମାନଙ୍କୁ କେନ୍ଦ୍ରରେ ରଖାଯାଇଛି । ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା, ଲକ୍ଷପତି ଦିଦି, ପିଏମ କିଷାନ ସମ୍ମାନ ନିଧି, ଆୟୁଷ୍ମାନ ଭାରତ ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆ ଭଳି ଅନେକ ଐତିହାସିକ ପଦକ୍ଷେପ ନିଆଯାଇଛି । ଆଜି ମହିଳା ନେତୃତ୍ୱାଧୀନ ବିକାଶ ଭାବନା ସହ ଦେଶର ନାରୀ ଶକ୍ତି କେବଳ ସହଭାଗୀ ନୁହେଁ, ବରଂ ପ୍ରଗତିର ଅଗ୍ରଣୀ ଶକ୍ତି ସାଜିଛନ୍ତି ।
'ଆତ୍ମନିର୍ଭର ମହିଳା ସମ୍ମାନ' କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଲକ୍ଷପତି ଦିଦିମାନଙ୍କ ସହ ସମ୍ବାଦ କରିଥିଲେ । ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ବୁଲି ଦେଖିବା ସହ ସେମାନଙ୍କ ପରିଶ୍ରମ, ପ୍ରତିଭା ଓ ଆତ୍ମବିଶ୍ୱାସକୁ ଉଚ୍ଚ ପ୍ରଶଂସା କରିଥିଲେ । ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଜିର ନାରୀ ଶକ୍ତି ସ୍କିଲ ଓ ଇନୋଭେସନ ମାଧ୍ୟମରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି । ମନ୍ଦିରର ବର୍ଜ୍ୟବସ୍ତୁରୁ ପୁଣି ଥରେ ଯୋଗ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସ୍ୱଚ୍ଛତା ଏବଂ ଆତ୍ମନିର୍ଭରତାର ଏକ ପ୍ରେରଣାଦାୟୀ ଉଦାହରଣ । ସେହିପରି କେନ୍ଦ୍ର ସରକାରଙ୍କ 'ଗୋବର୍ଦ୍ଧନ ଯୋଜନା' ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରି ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଛି। ଲକ୍ଷପତି ଦିଦିମାନଙ୍କୁ ଶିକ୍ଷା ଏବଂ କୌଶଳର ଅଧିକ ସୁଯୋଗ ଯୋଗାଇଦେବା ପାଇଁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ସହ ମିଶି ନୂଆ ପ୍ରୟାସ ଆରମ୍ଭ କରାଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ସହିତ ଏହି ଅଭିଯାନରେ ଆଇଆଇଏମ ଭଳି ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଯୋଡ଼ାଯିବ, ଯାହାଦ୍ୱାରା ମହିଳାମାନଙ୍କୁ ଉଦ୍ୟମିତା ଓ ମ୍ୟାନେଜମେଣ୍ଟ କ୍ଷେତ୍ରରେ ନୂଆ ସୁଯୋଗ ମିଳିପାରିବ ବୋଲି ସେ କହିଛନ୍ତି।
ଏହାବ୍ୟତୀତ ଭୋପାଳ ମହାନଗର ନିଗମର ନବନିର୍ମିତ ମୁଖ୍ୟାଳୟ 'ଅଟଳ ଭବନ'ରେ କର୍ପୋରେଟରମାନଙ୍କ ସହ ଆଲୋଚନା କରି ସହରରେ ପାଇପ୍ ପ୍ରାକୃତିକ ଗ୍ୟାସର ବ୍ୟବହାର ବଢ଼ାଇ ଶକ୍ତି ଓ ପରିବେଶ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଶେଷରେ ସେ କହିଛନ୍ତି ଯେ, 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ' ମନ୍ତ୍ର ସହିତ ଭାରତ ଆଜି ଆତ୍ମବିଶ୍ୱାସର ସହ ବିକଶିତ ଭାରତ ୨୦୪୭ ର ସଂକଳ୍ପକୁ ସାକାର କରିବା ଦିଗରେ ଅଗ୍ରସର ହେଉଛି ଏବଂ ଏଥିରେ ଆମ ମାତୃଶକ୍ତିର ଭାଗିଦାରୀ ହିଁ ଦେଶର ପ୍ରଗତିର ମୂଳ ଆଧାର । ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡା. ମୋହନ ଯାଦବଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତକାର କରିଥିଲେ । ଏହି ବୈଠକରେ ରାଜ୍ୟରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଯୁବକମାନଙ୍କ ସଶକ୍ତୀକରଣ ସହ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ଯୁବ ପ୍ରତିଭାମାନଙ୍କୁ ନୂଆ ସୁଯୋଗ ପ୍ରଦାନ କରି ସେମାନଙ୍କୁ ରାଷ୍ଟ୍ର ନିର୍ମାଣର ସହଭାଗୀ କରିବା ଦିଗରେ କେନ୍ଦ୍ର ଏବଂ ମଧ୍ୟପ୍ରଦେଶ ସରକାର ନିରନ୍ତର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି ।

# ବିମାନ ଦୁର୍ଘଟଣାରେ ୫ ସେନା ଅଧିକାରୀଙ୍କ ମୃତ୍ୟୁ ଘଟଣାରେ ନବୀନଙ୍କ ଶୋକ

ଭୁବନେଶ୍ୱର, ୧୩/୬ (ନି.ପ୍ର): ଆସାମର ଜୋରହାଟରେ ବିମାନ ଦୁର୍ଘଟଣାରେ ୫ ସେନା ଅଧିକାରୀଙ୍କ ମୃତ୍ୟୁ ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ନବୀନ ଲେଖିଛନ୍ତି ଆସାମର ଜୋରହାଟରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ପାଂଚ ଜଣ ଭାରତୀୟ ବାୟୁସେନା କର୍ମଚାରୀଙ୍କ ଦୁଃଖଦ ମୃତ୍ୟୁ ବିଷୟରେ ଜାଣି ଗଭୀର ମର୍ମାହତ। ଏହି କଷ୍ଟକର ସମୟରେ ମୋର ସମବେଦନା ଏବଂ ପ୍ରାର୍ଥନା ଶୋକସନ୍ତପ୍ତ ପରିବାର ସହିତ ଅଛି ଏବଂ ଦୁର୍ଘଟଣାରୁ ବଂଚିଯାଇଥିବା ଏବଂ ଚିକିତ୍ସାଧୀନ ଥିବା ସହ-ପାଇଲଟଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି।

# ଖଇରା ବ୍ଲକ କଂଗ୍ରେସର ପ୍ରଶ୍ନ: କୁଆଡେ ଗଲା ଅଛେ ଦିନ

ଖଇରା, ୧୩/୬ (ନି.ପ୍ର): ଶୁକ୍ରବାର ସଂଧ୍ୟାରେ ଖଇରା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ବ୍ଲକ କଂଗ୍ରେସ ସଭାପତି ବସନ୍ତ କୁମାର ପାତ୍ରଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ସିମୁଳିଆ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଏଥିରେ ଯୋଗଦେଇ ବର୍ତ୍ତମାନ ମୋଦି ସରକାର ଙ୍କ ସମୟରେ ନିଟ ପେପର ଲିକ ସାଙ୍ଗକୁ ଅର୍ଥନିତୀ ଭୁଷୁଡି ପଡିଛି । ବୟସ୍କ ବିକଳାଙ୍ଗ ମାନଙ୍କ ଭତ୍ତା ଅର୍ଥକୁ ଅଟକାଇ ରଖାଯାଇଥିବାରୁ ସେମାନେ ହଟହଟା ହେଉଛନ୍ତି । ସର୍ବୋପରି ଅଛେଦିନ ର ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିବା ବିଜେପିର ସେହି ଅଛେଦିନ କୁଆଡେ ଗଲା ବୋଲି ପ୍ରଶ୍ନ କରିଛନ୍ତି । କେବଳ ଦେଶ ବିକ୍ରି କରିବା ବାକିଅଛି ବୋଲି ସିଧାସଳଖ କେନ୍ଦ୍ର କୁ ଟାର୍ଗେଟ କରିଛନ୍ତି । ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା ଓ ଜିଲା ଉପସଭାପତି ସଞ୍ଜୟ କୁମାର ଦଳେଇ ବକ୍ତବ୍ୟରେ ଓଡିଆ ଅସ୍ମିତାର ସ୍ଲୋଗାନ ଦେଇ ଏବଂ ଚିଟଫଣ୍ଡ ଅର୍ଥ ଫେରାଇବା ଓ ୩ଶହ ୟୁନିଟ ମାଗଣା ବିଜୁଳି ଭଳି ପ୍ରତିଶୃତି ଦେଇ ଶାସନ କୁ ଆସିଥିବା ମୋହନ ସରକାର ବର୍ତ୍ତମାନ ସୁଦ୍ଧା ଗୋଟେ ହେଲେ ପ୍ରତିଶୃତି ପୂରଣ କରିନଥିବାରୁ ଆଉ କ୍ଷମତାରେ ରହିବାର ଅଧିକାର ନାହିଁ ବୋଲି କହିଥିଲେ । ବ୍ଲକ ଉପସଭାପତି ଭାଗିରଥି ମହାପାତ୍ର,ଗରସଙ୍ଗ ଜୋନ ସଭାପତି ପ୍ରଶାନ୍ତ ଦାସ,ଅନ୍ତରା ପଞ୍ଚାୟତ ସଭାପତି ମାୟାଧର ସେଠୀ ପ୍ରମୁଖ ଯୋଗଦେଇ ଭାଜପା ସମୟରେ ହୋଇଥିବା ଦୁର୍ନିତି ଉପରେ ଆଲୋକପାତ କରିଥିଲେ ।

# ଓଡ଼ିଶା ରକ୍ତଦାତା ସଂଘର ବିଶ୍ୱ ରକ୍ତଦାତା ଦିବସ ପାଳନ ପ୍ରସ୍ତୁତି ବୈଠକ




ବାଲେଶ୍ୱର : ୧୩/୬ : (ସମିସ) : ଓଡ଼ିଶା ରକ୍ତଦାତା ସଂଘ ଆନୁକୁଲ୍ୟରେ ବିଶ୍ୱ ରକ୍ତଦାତା ଦିବସ ପାଳନ ପାଇଁ ରୂପସାସ୍ଥିତ ନାଇସର୍ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ସଭାପତି ଭିକାରୀ ଚରଣ ମିଶ୍ରୀ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଜୁନ୍ ମାସ ୧୪ ତାରିଖ ଦିନ ବାଲିଆପାଳ ବ୍ଲକସ୍ଥିତ ଲକ୍ଷ୍ମୀପ୍ରିୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ସଙ୍ଗଠନର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ସୂଚନା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଉପସଭାପତି ଗନ୍ଧମାର୍ଦ୍ଦନ ଦେହୁରୀ ଓ ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ପରିଚାଳନା କରିଥିଲେ । ସଦସ୍ୟ ଅମିତ କୁମାର ବେହେରା, ଜିତେନ୍ଦ୍ରନାଥ ପ୍ରଧାନ, ନିରଞ୍ଜନ ବାରିକ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ପ୍ରକୃତିବନ୍ଧୁ ରବୀନ୍ଦ୍ର କୁମାର ବେହେରା ଓ ଭରତ ଦଳାଇ ପ୍ରମୁଖ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରକ୍ତଦାତା ସଙ୍ଗଠନ ସହଯୋଗରେ ସ୍ୱେଚ୍ଛା ରକ୍ତଦାନ ଶିବିର ଆୟୋଜନ କରିଥିବା ଅନୁଷ୍ଠାନ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ । ଆଗାମୀ ଦିନରେ ସ୍ୱେଚ୍ଛା ରକ୍ତଦାନ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶେଷରେ ଗନ୍ଧମାର୍ଦ୍ଦନ ଦେହୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦଳା ବ୍ଲକ ତରଫରୁ ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ତାଲିମ କାର୍ଯ୍ୟକ୍ରମ



ଉଦଳା, ୧୩/୬ (ନି.ପ୍ର): ଓଡ଼ିଶାରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ଭୁବନେଶ୍ୱର ଓ ମୟୂରଭଂଜ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅଧିନସ୍ଥ ବାଥୁଡ଼ି ସାଂସ୍କୃତିକ ଭବନ ଏବଂ କୋଚିଲାଡ଼ିହା ପଂଚାୟତ ଅଧିନସ୍ଥ ସୁଭଦ୍ରା ଶକ୍ତିକେନ୍ଦ୍ର ଠାରେ ବିପର୍ଯ୍ୟୟ ବିପଦହ୍ରାସ ଉପରେ ଏକ ଗ୍ରାମସ୍ତରୀୟ ୭ ଦିନିଆ ଆବାସିକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମର ଉଦ୍ ?ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କୁଚିଳାଡ଼ିହା ପଂଚାୟତର ସରପଂଚ ସାରମଣି ହେମ୍ବ୍ରମ ଏବଂ ଖଲାଡ଼ି ପଂଚାୟତର ସରପଂଚ ସସ୍ମିତା ବାରିକ ଯୋଗ ଦେଇଥିବା ବେଳେ ଉଦ୍‌ଯାପନି ଉତ୍ସବରେ ଉଦଳା ବ୍ଲକର ବିଡ଼ିଓ ସମରଜିତ କର, ଏବିଡ଼ିଓ ଶରତ କୁମାର ମହାନ୍ତି, ଡ଼ିପିଓ ଜଗବନ୍ଧୁ ମହାନ୍ତି ଏବଂ ଭାର୍ଡ଼ ସ୍ୱେଚ୍ଛାସେବି ଅନୁଷ୍ଠାନର ସଂପାଦକ ପ୍ରଭା ମଂଜରି ପଣ୍ଡା ଉପସ୍ଥିତ ଥିଲେ । ଏଥିରେ ଖଲାଡ଼ି ଓ କୋଚିଳାଡ଼ିହା ପଂଚାୟତରୁ ୧୮ ରୁ ୩୫ ବର୍ଷ ବୟସର ୪୦ଜଣ ଯୁବକ ଯୁବତି ଯୋଗଦେଇ ତାଲିମ ଗ୍ରହଣ କରିଥିଲେ । ଗ୍ରାମାଚଂଳରେ ବିପର୍ଯ୍ୟୟ ସମୟରେ ତୁରନ୍ତ ଉଧାର ଓ ରିଲିଫ କାର୍ଯ୍ୟ ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବିଙ୍କୁ ପ୍ରଶିକ୍ଷିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ଥିଲା । ଭାର୍ଡ଼ ସ୍ୱେଚ୍ଛାସେବି ଅନୁଷ୍ଠାନର ସଂପାଦକ ପ୍ରଭାମଂଜରି ପଣ୍ଡାଙ୍କ ସକ୍ରୀୟ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମକୁ ଉଦଳା ବ୍ଲକର ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଭାଗ୍ୟଶ୍ରୀ ନାୟକ ପରିଚାଳନା କରିଥିଲେ ।

# ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କଲେ ରାଜ୍ୟପାଳ

ପୁରୀ/ଭୁବନେଶ୍ୱର, ୧୩/୬ (ନି.ପ୍ର): ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଶନିବାର ଦିନ ରାଜ୍ୟର ପ୍ରଥମ ମହିଳା ଡକ୍ଟର ଜୟଶ୍ରୀ କମ୍ଭମପାଟିଙ୍କ ସହ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିରରେ ପହଂଚିବା ପରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)ର ମୁଖ୍ୟ ପ୍ରଶାସକ ଶ୍ରୀ ଅରବିନ୍ଦ କୁମାର ପାଢ଼ୀ ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟପାଳ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଦର୍ଶନ କରି ଓଡ଼ିଶାର ନିରନ୍ତର ଶାନ୍ତି, ପ୍ରଗତି ଓ ସମୃଦ୍ଧି ସହ ରାଜ୍ୟବାସୀଙ୍କ କଲ୍ୟାଣ କାମନା କରିଥିଲେ। ଦର୍ଶନ ପରେ ରାଜ୍ୟପାଳ ମନ୍ଦିର ପରିସରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ।

# ଗଠନ ହେଲା ବହୁ ପ୍ରତୀକ୍ଷିତ ଖଇରା ବାର ଆସୋସିଏସନ: କାଶିନାଥ ସଭାପତି, ନିରଞ୍ଜନ ସାଧାରଣ ସମ୍ପାଦକ



ଖଇରା, ୧୩/୬ (ନି.ପ୍ର): ଦୀର୍ଘଦିନର ଅପେକ୍ଷା ପରେ ନୂତନ ଭାବେ ସ୍ଥାପିତ ଖଇରା କୋର୍ଟ ପାଇଁ ବାର ଆସୋସିଏସନ ଗଠିତ ହୋଇ ଯାଇଛି । ଶନିବାର ଖଇରା ଠାରେ ଏକ ହୋଟେଲ ପରିସରରେ ଖଇରା ,ସୋର ଓ ବାଲେଶ୍ୱରରେ କାର୍ଯ୍ୟରତ ଓକିଲ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କାଶିନାଥ ମୁଦୁଲି ଅଧକ୍ଷତା କରିଥିଲେ । ପରେ ପୁର୍ବ ସିଦ୍ଧାନ୍ତ ଅନୁଯାୟୀ ବାର ଆସୋସିଏସନ ପାଇଁ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ଏଥିରେ ଖଇରା ଅଞ୍ଚଳରେ ଜଣାଶୁଣା ମଣିଷ ଭାବେ ପରିଚିତ ବରିଷ୍ଠ ଆଇନଜୀବୀ କାଶିନାଥ ମୁଦୁଲି ଙ୍କୁ ସଭାପତି, ଖଇରା ରେ କୋର୍ଟ ପ୍ରତିଷ୍ଠା ପାଇଁ ଖଇରାବାସୀଙ୍କୁ ଏକଜୁଟ କରି ଉଦ୍ୟମ ଆନ୍ଦୋଳନ କରିଆସିଥିବା ନିରଞ୍ଜନ ବେହେରାଙ୍କୁ ସାଧାରଣ ସମ୍ପାଦକ, ପ୍ରଫୁଲ୍ଲ କୁମାର ପଣ୍ଡାଙ୍କୁ ଉପସଭାପତି,ଶଶାଙ୍କ ଶେଖର ପଣ୍ଡା ଓ ପାର୍ଥସାରଥି ମହାପାତ୍ରଙ୍କୁ ସହ-ସମ୍ପାଦକ,ଜୟନ୍ତ କୁମାର ନାୟକଙ୍କୁ କୋଷାଧକ୍ଷ ଓ ଚକ୍ରଧର ନାୟକଙ୍କୁ ସହ-କୋଷାଧକ୍ଷ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି । ସେହିଭଳି ନଳିନୀପ୍ରଭା ଦାସ, ସସ୍ମିତା ନନ୍ଦ, କମଳେଶ ଦାସ, ସୁବାଷ ଚନ୍ଦ୍ର ନାୟକ, ବସନ୍ତ କୁମାର ସ,ନରୋତ୍ତମ ମହିମା ଜେନା ଓ ରାଜ କିଶୋର ବିଶ୍ୱାଳଙ୍କୁ କାର୍ଯ୍ୟକାରିଣୀ ସଦସ୍ୟା/ସଦସ୍ୟ ଏବଂ ରାମଚନ୍ଦ୍ର ଦାଶ,ଯୁଧିଷ୍ଠିର ନାୟକ,ପ୍ରଦୀପ କୁମାର ମିଶ୍ର, ଦେବେନ୍ଦ୍ର କୁମାର ଧଳ, ଚତୁର୍ଭୁଜ ଜେନା, ଅଭିମନ୍ୟୁ ବେହେରା ଓ କେଶବ ଚନ୍ଦ୍ର ରାଉତଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି । ଉକ୍ତ ବୈଠକରେ ସୋର ବାରର ସଭାପତି,ସମ୍ପାଦକ ସହ ଅନ୍ୟ ଓକିଲବନ୍ଧୁ ଉପସ୍ଥିତ ଥିଲେ । ଆଗାମୀ ଦିନରେ ସମସ୍ତ ଓକିଲ ମାନଙ୍କୁ ଏକଜୁଟ କରି ଖଇରାର ଉନ୍ନତି ପାଇଁ କାର୍ଯ୍ୟକରିବେ ବୋଲି ନବନିଯୁକ୍ତ ସଭାପତି ଶ୍ରୀ ମୁଦୁଲୀ ପ୍ରକାଶ କରିଛନ୍ତି ।


31 years
of imparting quality technical education with excellence.
ADMISSIONS Open 2026-27
BAISINGA
I.T.I
Trade: Fitter, Electrician
Affiliated to NCVT, Govt. of India, New Delhi
Baisinga, Mayurbhanj, Odisha
9937861296, 9692864722
8327799536, 9337957048


# ତିନି ଦିନିଆ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ସମ୍ମିଳନୀ ଉଦ୍ଘାଟିତ




ଖୋର୍ଦ୍ଧା , ୧୩/୬ (ନି.ପ୍ର): ଆଜି ବିକାଶର ଧାରା, ଓଡ଼ିଶା ସାରା (ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି) ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ସରକାରୀ ଜନସଂପର୍କ ଏବଂ ନାଗରିକ ଅଂଶ ଗ୍ରହଣ ତିନିଦିନିଆ କାର୍ଯ୍ୟକ୍ରମ ସମ୍ମିଳନୀ ସଦର ମହକୁମା ପୌରପରିଷଦ ଟାଉନ୍ ହଲ୍ ଠାରେ ଉଦ୍ଘାଟିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶାର ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା ସରକାର, ଶ୍ରୀଯୁକ୍ତ ସୁରେଶ ପୂଜାରୀ ଯୋଗ ଦେଇ ଶ୍ରୀ ଜଗନ୍ନାଥ ଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୁଷ୍ପାର୍ଘ୍ୟ ପ୍ରଦାନ କରି ଉଦ୍ଘାଟନ କରି ନିଜ ଉଦବୋଧନରେ କହିଲେ ଓଡ଼ିଶାର ସାଢ଼େ ଚାରି କୋଟି ଓଡ଼ିଆ ଗୋଟିଏ ଗୋଟିଏ ପାଦ ବଢାଇ ବିକଶିତ ଓଡ଼ିଶା ୨୦୩୬ ଭିଜନ କୁ ସାକାର କରି ଓଡ଼ିଶାକୁ ଶିଖରରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ । ରାଜ୍ୟ ସରକାର ଆଜିର ଦିନରେ କ୍ଷମତାକୁ ଆସିଲା ପରେ ଖରିଫ ଓ ରବିରେ ଚାଷୀଙ୍କୁ ୮୦୦ ଟଙ୍କା ସବସିଡି ଦେଇ ଧାନ କିଣିଲେ ଯାହା ଯୁଗାନ୍ତ କାରୀ ପଦକ୍ଷେପ । ସେହିପରି ପି ଏମ କିଶାନ୍ ୬ ହଜାର ସହ ସି ଏମ କିଷାନ ଯୋଜନାରେ ଆଉ ୪ ହଜାର ସହାୟତା ରାଶି ଦେଇ ଏହାକୁ ୧୦ ହଜାର ଚାଷୀଙ୍କୁ ପ୍ରଦାନ କଲେ । ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ଙ୍କ ନେତୃତ୍ୱରେ ଦେଶ ଅର୍ଥ ନୈତିକ ବିକାଶ କ୍ଷେତ୍ରରେ ବିଶ୍ୱରେ ବର୍ତ୍ତମାନ ତୃତୀୟ ରାଷ୍ଟ୍ର ଭାବେ ଉଭା ହୋଇଥିବା ବେଳେ ଜଶସ୍ୱୀ ମୋହନ ସରକାରଙ୍କ ନେତୃତ୍ୱରେ ମାତୃ ଶକ୍ତିର ଉତ୍ଥାନ ଦିଗରେ ଓ ଅର୍ଥ ନୈତିକ ସ୍ୱାବଲମ୍ବୀ ଦିଗରେ ଓଡ଼ିଶାରେ ଶୁଭଦ୍ରା ଯୋଜନାରେ ୧୭ ଲକ୍ଷ , ଲକ୍ଷ ପତି ଦିଦି ସୃଷ୍ଟି କରା ଯାଇ ମାଇଲ ଖୁଣ୍ଟ ତିଆରି ହୋଇଛି । ଲୋକଙ୍କ ସେବାରେ ଲୋକଙ୍କ ସରକାର ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲାକରାଇଚାନ୍ତି । ଶିକ୍ଷା ରେ ମଧାହ୍ନ ଭୋଜନ ଯୋଜନାରେ ନବମ ଓ ଦଶମ ଶ୍ରେଣୀ ଯୋଡିବା, ବକୁଳବନ ବିଦ୍ୟାଳୟଭଳି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିବା,୧୭ ଲକ୍ଷ କୋଟି ଟଙ୍କାର ଏମ ଓ ୟୁ ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତିନାମା କରିବା ରାଜ୍ୟ ସରକାରଙ୍କର ବିକଶିତ ଓଡ଼ିଶା ଗଠନରେ ଦିକ୍ଷାନ୍ତ ପଦକ୍ଷେପ ବୋଲି ଜଣାଯାଏ । ଅନ୍ତଦ୍ୱୟଗୃହ ଯୋଜନାରେ ଭାରତରେ ଓଡ଼ିଶା ପ୍ରଥମ କହି ସ୍ୱଚ୍ଛ ନିର୍ମଳ ଶାସନରେ ଓଡ଼ିଶାରେ ହଜାର ହଜାର ବିଶୁ ମହାରଣା ଭଳି ଧର୍ମପଦ ଯୁବକ ଯୁବତୀ ଆଗେଇ ଆସି ସରକାରଙ୍କ ସମସ୍ତ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚାଇବାସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଜଣେ ଜଣେ ବିଧାଣୀ ହେବାକୁ ଆହ୍ୱାନ ଦେଇଥିଲେ ।


ଶୁଭେଚ୍ଛା



ପବିତ୍ର ରଜ ପର୍ବ ଅବସରରେ ଆପଣ ଓ ଆପଣଙ୍କ ପରିବାରକୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମା' ପୃଥିବୀଙ୍କ ଆଶୀର୍ବାଦରେ ଆପଣଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ। ଦୋଳିର ଝୁଲା, ପୋଡ଼ ପିଠାର ମିଠା ସ୍ୱାଦ ଓ ରଜର ଆନନ୍ଦ ଆପଣଙ୍କ ଜୀବନକୁ ଖୁସିରେ ଭରିଦେଉ। ରଜର ହାର୍ଦ୍ଦିକ ଶୁଭେଚ୍ଛା। ରଜ କେବଳ ଏକ ପର୍ବ ନୁହେଁ, ଏହା ଓଡ଼ିଆ ସଂସ୍କୃତିର ଗୌରବ।

ଚନ୍ଦନ ସ୍ୱାଇଁ
ସରକାରୀ ଆଇନଜୀବୀ
(ଓଡିଶା ପ୍ରୋସିକ୍ୟୁସନ ସର୍ଭିସ -୨୦୨୨), କେନ୍ଦୁଝର


# ହେଲଦି ଲାଇଫ୍‌ର ଯୋଗ ବ୍ୟକ୍ତିତ୍ୱ ବିକାଶ ଶିବିର




ବାଲେଶ୍ୱର, ୧୩/୬ (ନି.ପ୍ର): ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ୍ ଅଫ୍ ନେଚର୍ କିୟର ଏଣ୍ଡ ଯୋଗିକ୍ ସାଇନ୍ସ ଚିଡ଼ିଆପୋଲ ପରିସରରେ ୨୦ ଦିନିକିଆ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜୁଲୋଜି, ବଟାନୀ, ଫିଲୋସପି, ପଲିଟିକାଲ ସାଇନ୍ସରେ ୫୦ ଜଣ ଅଣ୍ଡର ଗ୍ରାଜୁଏଟ୍ ଛାତ୍ରଛାତ୍ରୀମାନଙ୍କର ମଇ ୨୦ ତାରିଖରୁ ଜୁନ୍ ୩ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଯୋଗ, ପ୍ରାକୃତିକ ଚିକିତ୍ସା, ଖାଦ୍ୟ ଚିକିତ୍ସା, ବ୍ୟକ୍ତିତ୍ୱ ବିକାଶ ସାମାଜିକ ବିକାଶ ସହିତ ମାନସିକ ସନ୍ତୁଳନ ପ୍ରାକ୍ଟିକାଲ ଇଣ୍ଟରନସିପ ଟ୍ରେନିଂ ଓଡ଼ିଶା ଶିକ୍ଷା ବିଭାଗ ନିଉ ଏଜୁକେସନ୍ ପଲିସିରେ ୧ ମାସ ଗ୍ରୀଷ୍ମ ଛୁଟିରେ ଯୁବ ଛାତ୍ରଛାତ୍ରୀ ମାନଙ୍କୁ ୧୦୦ ମାର୍କରେ ଶିକ୍ଷା ସହିତ ପରୀକ୍ଷା କରାଯାଇ ପ୍ରମାଣ ପତ୍ର ଦିଆଯାଇଥିଲା ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଂଜନ ସାହୁ ବକ୍ତବ୍ୟରେ କହିଲେ ବର୍ତ୍ତମାନ ଆଧୁନିକ ଯୁଗରେ ସବୁକିଛି ବଦଳି ଯାଇଛି, ମାନସିକ, ପରିବେଶ, ଖାଦ୍ୟ, ଜୀବନଶୈଳୀ, ବ୍ୟବହାର, ସ୍ନେହ, ଶ୍ରଦ୍ଧା, ପରିବର୍ତ୍ତନ ହୋଇଯାଇଛି । ମଣିଷର ପରିବର୍ତ୍ତନକୁ ଯଦି ପ୍ରକୃତ ଶିକ୍ଷା ଓ ବ୍ୟକ୍ତିତ୍ୱ ଅଭ୍ୟାସ ମଧ୍ୟମରେ ପରିବର୍ତ୍ତନ କରାଗଲେ । ସୁନ୍ଦର ଚରିତ୍ରବାନ ମଣି ତିଆରି ହୋଇପାରିବେ, ମୁଖ୍ୟ ଅତିଥି ଝାଡ଼େଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରିନସିପାଲ ପ୍ରିୟମ୍ୱଦା ପଣ୍ଡା ଆଜିର ସମାଜରେ ଯୁବ ଛାତ୍ରଛାତ୍ରୀ ମାନଙ୍କୁ କାଉନସିଲିଂ ସହିତ ଯୋଗ, ଧ୍ୟାନ, ପ୍ରାଣାୟାମ କଲେ ଜୀବନର ସବୁକିଛି ବଦଳିବ, ଭଲ ସମାଜ ଗଠନ ହୋଇପାରିବ, ଅନୁଷ୍ଠାନର ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ଆମ କଲେଜ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ ଦ୍ୱାରା ଯୋଗରେ ଡିପ୍ଲୋମା, ପିଜି ଡିପ୍ଲୋମା, ମାଷ୍ଟର ଡିଗ୍ରୀ ଶିକ୍ଷା ପ୍ରାପ୍ତ କରି ବିଭିନ୍ନ ସରକାରୀ ଚିକିତ୍ସାଳୟରେ ନିଯୁକ୍ତି ପାଇ ପାରୁଛନ୍ତି, ଯାହା ଫଳରେ ନିରୋଗ ସମାଜ ଗଠନ ହୋଇପାରିବ । ଅଧ୍ୟାପିକା ଅନିତା ମିଶ୍ର, ସଭାକାର୍ଯ୍ୟ ପରିଚାଳନା ହୋଇପାରିବ, ଅଧ୍ୟାପିକା ଅନିତା ମିଶ୍ର, ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଶେଷରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଅଧ୍ୟାପକ ଡଃ ଅଭଶେକ ଦାସ ଧନ୍ୟବାଦ ଦେଇଥିଲେ ।

# ସାମାଜିକ ସୁରକ୍ଷାରୁ ବଞ୍ଚିତ ଛୋଟରାୟ ସୋରେନ

ଉଦଳା, ୧୩/୬ (ନି.ପ୍ର): ଯେ ହେଉଛି ବଡ଼ସାହି ବ୍ଲକର ସୁହାଗପୁରା ପଂଚାୟତ ଅନ୍ତର୍ଗତ ଗୁହାଳଡ଼ିହି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ହରି ସୋରେନଙ୍କର ପୁତ୍ର ଛୋଟରାୟ ସୋରେନ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । 'ଛୋଟରାୟ'ଙ୍କୁ ବର୍ତ୍ତମାନ ବୟସ ୬୮ ବର୍ଷ ଛୁଇଁଥିବା ବେଳେ ଦିନମଜୁରିଆ ଭାବରେ କାମ କରି ସେ ତାଙ୍କର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର କଥା କହିଛନ୍ତି । ବୟସ ଅତିକ୍ରାନ୍ତ ହୋଇଯାଇଥିବାରୁ ସେ ଆଉ ଆଗଭଳି ଖଟିପାରୁ ନାହାଁନ୍ତି । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ଭତା ପାଇବା ପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।


JAMBESWAR DEGREE MAHAVIDYALAYA

**At/Po-Garasang, Via-Ada, Dist.-Balasore, Odisha-756134**

Applications are invited for engagement of Guest Faculty Lecturers in Sanskrit (2), Sociology (2), Political Science (2), Education (2), Odia (1) and English (1), and Watchman (1).

**Eligibility:** Lecturer: Minimum 55% marks in P.G. in the concerned subject. Watchman: Below Matric qualification.

Interested candidates may submit their Bio-data along with a non-refundable application fee of Rs.300/- through NEFT/BD/UPI in favour of Principal I/C-cum-Secretary, Jambeswar Degree Mahavidyalaya, within 15 days from the date of publication of this advertisement.
Bank Details: SBI, Antara Branch, IFSC: SBIN0009825, A/C No.: 31552690153.

Contact: 9937619716, 7008822726, 9439052352.

-Sd-
Principal I/C-cum-SecretaryJambeswar
Degree Mahavidyalaya, Garasang,
Balasore


# ରେଳବାଇ ଅଧିକାରୀଙ୍କ ସହିତ ରାଜ୍ୟପାଳଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୩/୬ (ନି.ପ୍ର): ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଶନିବାର ଦିନ ପୁରୀ ସ୍ଥିତ ଲୋକଭବନରେ ରେଳବାଇ ଅଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରି ରେଳ ଭିତିଭୂମି ପ୍ରକଳ୍ପ ଏବଂ ଯାତ୍ରୀ ସୁବିଧାର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଛନ୍ତି। ବୈଠକରେ ରାଜ୍ୟପାଳ ସଂଯୋଗୀକରଣରେ ଉନ୍ନତି, ଯାତ୍ରୀ ସେବା ବୃଦ୍ଧି ଏବଂ ଚାଲୁଥିବା କାର୍ଯ୍ୟଗୁଡ଼ିକର ସମୟସୀମା ମଧ୍ୟରେ ସମାପ୍ତି ନିଶ୍ଚିତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ରେଳ ଭିତିଭୂମିକୁ ସୁଦୃଢ଼ କରିବା ଦ୍ୱାରା ଓଡ଼ିଶାରେ ପର୍ଯ୍ୟଟନ, ତୀର୍ଥଯାତ୍ରା ଏବଂ ଆର୍ଥିକ ଅଭିବୃଦ୍ଧିକୁ ଆହୁରି ସମର୍ଥନ ମିଳିବ ବୋଲି ଏହି ଅବସରରେ ରାଜ୍ୟପାଳ କହିଛନ୍ତି।


❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida